

## ବାୟୁସେନାକୁ ହସ୍ତାନ୍ତର ହେଲା ତେଜସ ଏମ୍‌କେ୧ଏ

ପୃଷ୍ଠା ୪

# ସଂଚାର

THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



Vol. 33 | ISSUE 205 | ଭାଗ ୩୩ | ସଂଖ୍ୟା ୨୦୫ Saturday 18 October 2025 | Page 8 Rs. 5.00 ● ଭୁବନେଶ୍ୱର ଶନିବାର ୧୮ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ଭାଙ୍ଗିଲା ଲାଲ୍‌ଗଡ଼ ମେରୁହାଡ଼

# ଏକକାଳୀନ ୨୧୦ ନକ୍ସଲଙ୍କ ଆତ୍ମସମର୍ପଣ

- ୧୫୩ ଅସ୍ତ୍ରଶସ୍ତ୍ର ଜବତ
- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଘୋଷଣାକୁ ବଳ



ମାଲକାନଗିରି,୧୭।୧୦ (ସଂଚାର ବ୍ୟୁରୋ): ବନ୍ଧୁକ ଛାଡିଲେ, ଗୋଲାପ ଧରିଲେ। ଭୁଶୁଡୁଛି ଲାଲଗଡ଼। ମହାରାଷ୍ଟ୍ର ପରେ ଛତିଶଗଡ଼। ଛତିଶଗଡ଼ରେ ଆତ୍ମସମର୍ପଣ କଲେ ଟପ ମାଓ ନେତାଙ୍କ ସମେତ ୨୧୦ ନକ୍ସଲ। ୧୫୩ଟି ଅସ୍ତ୍ରଶସ୍ତ୍ର ସହ ୨୧୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୧୦ଜଣ ମହିଳା ଓ ୯୮ ଜଣ ପୁରୁଷ। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଦଣ୍ଡକାରଣ୍ୟ ଅଞ୍ଚଳରେ ସକ୍ରିୟ ମାଓବାଦୀମାନେ ➪ପୃଷ୍ଠା-୬

### ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ: ଦିଲ୍ଲୀରୁ ଅପରେଟ୍ କରୁଥିଲା ସିଣ୍ଡିକେଟ୍

# ନିଦ ହଜାଇଛି କିଙ୍ଗ୍‌ପିନ୍ ଶଙ୍କର

- ଫରେନସିକ୍ ଲ୍ୟାବ୍‌କୁ ଗଲା ୧୧୦ ମୋବାଇଲ
- ୨ଟି ମଡ୍ୟୁଲରେ ହୋଇଥିଲା ସ୍କାମ୍
- ଗିରଫ ହେଲେ ଆଉ ୪ ଅଭିଯୁକ୍ତ



ଭୁବନେଶ୍ୱର\ନୟାଗଡ଼,୧୭।୧୦ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ଆଜି ଆଉ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗତକାଲି ମୋଷ୍ଟ୍ ୱାଣ୍ଟେଡ୍ ମୁନ୍ନା ମହାନ୍ତିକୁ ଗିରଫ କରାଯାଇଥିବା ବେଳେ ଆଜି ତା'ର ସହଯୋଗୀ ଶ୍ରୀକାନ୍ତ ମହାରଣା। ପ୍ରମାଣ ନଷ୍ଟ ସହ ମୁନ୍ନାକୁ ଲୁଚାଇ ରଖିବାରେ ସହଯୋଗ ପାଇଁ ତାକୁ ଗିରଫ କରାଯାଇଛି। ସେହିପରି ଦଶପଲ୍ଲା ଅଞ୍ଚଳର ଟି. ଅଭିମନ୍ୟୁ ଦୋରାକୁ ବି ଗିରଫ କରାଯିବା ସହ ଆଶାୟୀ ପରୀକ୍ଷାର୍ଥୀ ଓ ତାଙ୍କ ପରିବାର ସହ ଯୋଗାଯୋଗ କରୁଥିବା ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ ସାମଲଙ୍କୁ ବି ଗିରଫ କରାଯାଇଛି।

ଅନ୍ୟପକ୍ଷରେ ୧୧୦ ଆଶାୟୀଙ୍କଠାରୁ ଜବତ ହୋଇଥିବା ମୋବାଇଲ ଫୋନ୍‌କୁ ଫୋରେନସିକ ପରୀକ୍ଷା ପାଇଁ ପଠାଯାଇଛି। ଷ୍ଟେଟ୍ ଫରେନସିକ୍ ସାଇଣ୍ଟିଫିକ୍ ➪ପୃଷ୍ଠା-୬

# ପାର୍ବଣରେ ଗିଫ୍ଟ ମନା

- ଅଯଥା ଖର୍ଚ୍ଚ ରୋକିବାକୁ ପ୍ରଚେଷ୍ଟା

ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ସରକାରୀ ବିଭାଗ ଓ ସରକାରୀ ଉଦ୍ୟୋଗଗୁଡ଼ିକ ଏଣିକି ଦୀପାବଳି, ଦଶହରା କି ଅନ୍ୟାନ୍ୟ କୌଣସି ପର୍ବପର୍ବାଣୀରେ ଉପହାର ବାବଦରେ କୌଣସି ଅର୍ଥ ଖର୍ଚ୍ଚ କରିପାରିବେ ନାହିଁ। ଏନେଇ ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଛି 'ନୋ ଗିଫ୍ଟ ପଲିସି'।



କେନ୍ଦ୍ର ସରକାରଙ୍କ ଢାଞ୍ଚାରେ ରାଜ୍ୟ ସରକାର ଏହି ନୀତି ଲାଗୁ କରିଛନ୍ତି। ଜାତୀୟ ସ୍ତରରେ ଆର୍ଥିକ ମିତବ୍ୟୟତା ରକ୍ଷା କରିବାକୁ କେନ୍ଦ୍ର ସରକାର 'ନୋ ଗିଫ୍ଟ ପଲିସି' ଲାଗୁ କରିସାରିଛନ୍ତି। ସେହି ଢାଞ୍ଚାରେ ରାଜ୍ୟ ସରକାର ମଧ୍ୟ ସମାନ୍ତରାଳ ଭାବେ ଏପରି ଏକ ନୀତିକୁ ଆପଣାଇଛନ୍ତି। ରାଜ୍ୟରେ ଆର୍ଥିକ ସଂସ୍କାରର ଏହା ଏକ ଅଂଶବିଶେଷ ବୋଲି ➪ପୃଷ୍ଠା-୬

# ଦୁର୍ନୀତିରେ ବୁଡ଼ିଛନ୍ତି ବିଇଓ



### ତେଜିଲା ବଦଳି ଦାବି

ନିଶ୍ଚିନ୍ତକୋଇଲି, ୧୭।୧୦ (ସପ୍ତଜ୍ୟୋତି ରାଉଳ): ଦୁର୍ନୀତି ଓ ପ୍ରିୟାପ୍ରିତିର ପାହାଡ ଉପରେ ବସି ସ୍ୱଚ୍ଛତାର ଡିଣ୍ଡିମ ପିଟୁଛନ୍ତି ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ (ବିଇଓ) ସଂଯୁକ୍ତା ମହାପାତ୍ର। ତାଙ୍କ ଅମଳରେ ହେଉଥିବା ଦୁର୍ନୀତି ଓ ଏକଛତ୍ରବାଦ ଶାସନ ସମଗ୍ର ବ୍ଲକ୍‌ର ଶିକ୍ଷା ବ୍ୟବସ୍ଥାକୁ ବଦନାମ କରିସାରିଲାଣି। ଏଭଳି ଅଭିଯୋଗ କରିଛନ୍ତି କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ସମେତ ବହୁ ଶିକ୍ଷାବିତ୍ । ଅଭିଯୋଗ ହେଉଛି, ଏହି ଦୁର୍ନୀତିଗ୍ରସ୍ତ ବିଇଓ ଜଣଙ୍କ କେତେକ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଢାଲ କରି ଶୈକ୍ଷିକ ବିକାଶ ପାଇଁ ଆସୁଥିବା ଅର୍ଥକୁ ହରିଲୁଟ କରୁଛନ୍ତି। ସଚ୍ଚୋଟ ଶିକ୍ଷକମାନେ ଭୟରେ ବାଧ୍ୟ ହୋଇ ବିଇଓଙ୍କ ସହ ସାଲିସ କରୁଛନ୍ତି। ଯେଉଁ ଶିକ୍ଷକ ବିଇଓଙ୍କ କଥାରେ ରାଜି ହେଉନାହାଁନ୍ତି, ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଘରଠାରୁ ଦୂରକୁ ବଦଳି କରିବାର ଧମକ ଦିଆଯାଉଛି। କେତେକ ଶିକ୍ଷକଙ୍କ କ୍ଷେତ୍ରରେ ଏହି ଧମକ ବାସ୍ତବତାରେ ମଧ୍ୟ ପରିଣତ ହୋଇଛି ବୋଲି ଅଭିଯୋଗ ହୋଇଛି।

ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧୀନସ୍ଥ ବାପୁଜୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ଏଭଳି ଉଦ୍ଦେଶ୍ୟମୂଳକ ଭାବେ ବଦଳି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଶ୍ରୀ ➪ପୃଷ୍ଠା-୬

# ଗୃହ ବିଭାଗ-ଓପିଏଚ୍‌ଡବ୍ଲ୍ୟୁସିର ଚୁକ୍ତି

- ଚଳିତ ଆର୍ଥିକ ବର୍ଷରେ ୧୫୦୦ କୋଟି କାରବାର ଲକ୍ଷ୍ୟ



ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚ୍‌ଡବ୍ଲ୍ୟୁସି) ରାଜ୍ୟ ସରକାରଙ୍କ ଗୃହ ବିଭାଗ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏହି ଚୁକ୍ତି ମାଧ୍ୟମରେ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ୧୫୦୦ କୋଟି ଟଙ୍କାର ଆର୍ଥିକ କାରବାର ହାସଲ କରିବା ଲକ୍ଷ୍ୟ ରହିଛି। ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ନିଗମ ରାଜ୍ୟ ସରକାରଙ୍କ ରୌପ୍ୟ ମାନ୍ୟତାପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଲାଭ ଅର୍ଜନ କରୁଥିବା ନିଗମ ଭାବେ କ୍ରମାଗତ ଅଭିବୃଦ୍ଧି ପ୍ରଦର୍ଶନ କରିଆସୁଛି। ଆର୍ଥିକ ବର୍ଷ ୨୦୨୩- ➪ପୃଷ୍ଠା-୬

# ସୁନା ଦର ବୃଦ୍ଧି ସତ୍ତ୍ୱେ କମୁନି କ୍ରେଜ୍

- ଛୋଟ ଗହଣା ଉପରେ ଗ୍ରାହକଙ୍କ ନଜର
- ଧନତେରାସ ପାଇଁ ଅଫର ବର୍ଷା



ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ସୁନାର ଦର ପ୍ରତିଦିନ ବୃଦ୍ଧି ପାଉଥିବାବେଳେ ଏହାର କ୍ରେଜ୍ କିନ୍ତୁ କମୁନାହିଁ। ଅଧିକ ନହେଲେ ନାହିଁ, ଅଳ୍ପ ପଛେ ହେଉ ଲୋକେ ସୁନା କିଣୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଚଳିତ ଧନତାରସ ଅବସରରେ ଗ୍ରାହକଙ୍କୁ ନିଜ ପାଖକୁ ଆଣିବାକୁ ରାଜ୍ୟର ପ୍ରମୁଖ ସୁନା ଦୋକାନୀମାନେ ଅଫର ବର୍ଷା କରିବାରେ ଲାଗିଛନ୍ତି। କିଏ ଗଢା ମଜୁରୀ ଉପରେ ରିହାତି ଦେଉଛି ତ ଆଉ କିଏ ମୋଟ ସୁନାର ଓଜନ ଉପରେ ରିହାତି ଦେଉଛି।

ଓଡିଶା ବଜାରରେ ୨୨ କ୍ୟାରେଟ୍ ସୁନାର ଦର ଆଜି ସୁଦ୍ଧା ୧ଲକ୍ଷ ୨୧ ହଜାରକୁ ଅତିକ୍ରମ କରିଛି। ୨୪ କ୍ୟାରେଟ୍ ସୁନା ଦର ୧ଲକ୍ଷ ୩୨ହଜାର ଅତିକ୍ରମ କରିଛି। ପ୍ରତିଦିନ ହୁ ହୁ ହୋଇ ଦର ବଢୁଛି। ତେଣୁ ସୁନା ଦୋକାନୀମାନେ କିଭଳି ବ୍ୟବସାୟ କରିବେ ତାହାକୁ ନେଇ ଚିନ୍ତା କରୁଥିବାବେଳେ ଗ୍ରାହକଙ୍କୁ ଆକୃଷ୍ଟ କରିବାପାଇଁ ବିଭିନ୍ନ ପ୍ରକାର ଅଫର ବର୍ଷା କରିବାରେ ଲାଗିଛନ୍ତି। ସୁନା କିଣିବାକୁ ଥିବା ଗ୍ରାହକମାନେ ମଧ୍ୟ ବିଭିନ୍ନ ଦୋକାନର ➪ପୃଷ୍ଠା-୬



# ଛାତରୁ ଖସିଲା ପଲସ୍ତରା, ଅଳ୍ପକେ ବର୍ଞ୍ଚିଲେ ଛାତ୍ରଛାତ୍ରୀ

● ଠିକାଦାରଙ୍କୁ ଦାୟୀ କଲେ ଅଭିଭାବକ



**ଆଳି, ୧୭।୧୦ (ସଂଚାର ବ୍ୟୁରୋ):** ଆଳି ବ୍ଲକ ପାଳିମି ପଞ୍ଚାୟତରେ ଥିବା ଗଣେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟରେ ଅର୍ଦ୍ଧବାର୍ଷିକ ପରୀକ୍ଷା ଚାଲିଥିବା ବେଳେ ଦିନ ପ୍ରାୟ ୧୧ ଟା ସମୟରେ ହଠାତ ଶ୍ରେଣୀ ଗୃହ ଛାତରୁ ପଲସ୍ତରା ଖଣ୍ଡ ଫ୍ୟାନ ଉପରେ ପଡିବା ପରେ ଶିକ୍ଷକ ଶ୍ରେଣୀ ଗୃହରେ ପରୀକ୍ଷା ଦେଉଥିବା ୧୩ ଜଣ ପିଲାଙ୍କୁ ବାହାରକୁ ନେଇ ଆସିଥିଲେ। ଏହି ସମୟରେ ଫଟା ଫଟା ହୋଇ ପଲସ୍ତରା ଖସିଥିଲା। ଯାହାଫଳରେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତୀ ଯାଇଛନ୍ତି ଛାତ୍ରଛାତ୍ରୀ । ଘଟଣା ଦେଖି ଛାତ୍ରଛାତ୍ରୀମାନେ ଭୟଭୀତ ହୋଇ ସ୍କୁଲ ବାହାରକୁ ପଳାଇ ଯାଇଥିଲେ। ନିମ୍ନମାନର କାମ ଯୋଗୁଁ ଛାତରୁ ଖସିଥିଲା ପଲସ୍ତରା। ଏହି ଖବର ଜଣା ପଡିବା ପରେ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ହୋ ହାଲା କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ ଗତ କିଛିଦିନ ପୂର୍ବେ ଏହି ବିଦ୍ୟାଳୟ ମରାମତି ନିମନ୍ତେ ଅର୍ଥ ଆସିଥିବା ବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଆଜି ଛାତରୁ ପଲସ୍ତରା ଖସିଲା। ତୁରନ୍ତ ଘଟଣାର ତଦନ୍ତ କରିବା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଅଭିଭାବକ ମାନେ ଦାବି କରିଛନ୍ତି ।

# ନୂତନ ରାଜସ୍ୱ ଗ୍ରାମ ଘୋଷଣା ଓ ପଟ୍ଟା ବଣ୍ଟନ

**ଖୁବ୍ ଶୀଘ୍ର ନିଶ୍ଚିନ୍ତକୋଇଲିରେ ଖୋଲିବ ରେଜିଷ୍ଟ୍ରାର ଅଫିସ**



**ନିଶ୍ଚିନ୍ତକୋଇଲି, ୧୭।୧୦ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଶୁକ୍ରବାର ଦିନ ନିଶ୍ଚିନ୍ତକୋଇଲି ତହସିଲ ଅର୍ନ୍ତଗତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦାନ କରି ବିଜେପି ସରକାରରେ ଜନସାଧାରଣଙ୍କୁ ଡ଼ିଜିଟାଲାଇଜେସନ ଦ୍ୱାରା ଜମିବାଡ଼ି ସମ୍ବନ୍ଧୀୟ ସେବା ଯୋଗାଇ ଦିଆଯାଉଛି ଏବଂ କିଭଳି ଭାବେ ସମସ୍ତ ଜନସାଧାରଣ ଦୁର୍ନୀତିମୁକ୍ତ ରାଜସ୍ୱ ସେବା ପାଇପାରିବେ ତାହା ପ୍ରତି ବିଜେପି ସରକାର ସବୁବେଳେ ପ୍ରଚେଷ୍ଟା ଜାରି ରଖିଛି ବୋଲି ମତପ୍ରକାଶ କରିଥିଲେ। ଏପରକି ଜମିବାଡ଼ି କିଣା ବିକାରେ ନିଶ୍ଚିନ୍ତକୋଇଲି ତହସିଲ ଅଧିନ ଲୋକମାନେ ସାଲେପୁର ଯାଉଛନ୍ତି ଯେଉଁ ସମସ୍ୟାର ସମାଧାନ ଖୁବ୍ ଶୀଘ୍ର କରାଯାଇ ନିଶ୍ଚିନ୍ତକୋଇଲି ତହସିଲରେ ରେଜିଷ୍ଟର ଅଫିସ ଖୋଲାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରତିଶ୍ରୁତି ଦେଇଥିଲେ। ପରେ ପରେ ମନ୍ତ୍ରୀ ଶ୍ରୀ ପୂଜାରୀ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଗୋଟି ତଥା ନିଶ୍ଚିନ୍ତକୋଇଲି ତହସିଲ ଅଧିନ ବିଷ୍ଣୁପୁର ଓ ମଙ୍ଗଳପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଏବଂ ମାହାଙ୍ଗା ତହସିଲ ଅଧିନ କୁଆଁପାଳ ଓ ସିନ୍ଧୁପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ୩ଗୋଟି ନୂତନ ରାଜସ୍ୱ ଗ୍ରାମ ଉର୍ଜଙ୍ଗ, ବ୍ରଜରାଜପାଟଣା ଓ ପାଟସୁରା ର ନାମ ଘୋଷଣା ଏବଂ ପୂର୍ବ ଦୁଇଟି ଗ୍ରାମ ବାଲିଆପଦା ଓ ଆଏଣ୍ଡା ଆଦି ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିଥିଲେ।

ଅପରପକ୍ଷରେ ମନ୍ତ୍ରୀ ଶ୍ରୀ ପୂଜାରୀ ନୂତନ ରାଜସ୍ୱ ଗ୍ରାମର ମୋଟ୍ ୨୧୦୯ ଜଣଙ୍କୁ ନୂତନ ପଟ୍ଟା ପ୍ରଦାନ କରିଥିଲା ବେଳେ ରାଜସ୍ୱ ସର୍କଲ କେନ୍ଦୁପାଟଣା, ଖଣ୍ଡାୟତପଟକିରା, ନିଶ୍ଚିନ୍ତକୋଇଲି, ସୁକରପଡ଼ା, କଳମିଶ୍ରୀ, ନେମାଳ, ଜିଗ୍ନୀପୁର, ଦାନପୁର, ନରେନ୍ଦ୍ରପୁର, ତରତଶାସନ, ବିଷ୍ଣୁପୁର, ମଙ୍ଗଳପୁରର ମୋଟ୍ ୫୫୩ ଜଣ ଜନସାଧାରଣଙ୍କୁ ସିକିମ୍ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଏବଂ କଟକସଦର ବିଧାୟକ ପ୍ରକାଶ ସେଠୀ, ସମ୍ମାନିତ ଅତିଥି ଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଧାକର ନାୟକ ପ୍ରମୁଖ ଯୋଗଦାନ କରିଥିଲେ।

## ବିଷ୍ଣୁ ଦାସଙ୍କୁ ବିଜେପି ରାଜ୍ୟ ଉପସଭାପତି ଦାୟିତ୍ୱ

● ଗ୍ରାମବାସୀଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



**ମହାକାଳପଡ଼ା, ୧୭।୧୦(ସଂଚାର ବ୍ୟୁରୋ):** ବରିଷ୍ଠ ବିଜେପି ନେତା, ସଙ୍ଗଠକ ବିଷ୍ଣୁ ଦାସ ଙ୍କୁ ବିଜେପି ରାଜ୍ଯ ଉପସଭାପତି ଭାବେ ଦାୟିତ୍ୱ ମିଳିଛି। ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ନେତା,କର୍ମୀ ଓ ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଜି ଶ୍ରୀ ଦାସଙ୍କୁ ନିଜ ଗାଁ ସାହା ବାଜପୁର ମାଟିରେ ଗ୍ରାମବାସୀ ଓ ଶୁଭେଚ୍ଛୁ ମାନଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏକ ବିଶାଳ ପଦଯାତ୍ରା ମାଧମରେ ଶ୍ରୀ ଦାସଙ୍କୁ ପାଛୋଟି ନେଇଥିଲେ ଶହଶହ ଶୁଭେଚ୍ଛୁ ଓ ପ୍ରଶଂସକ।

## ରାଜ୍ୟ ବିଜେପିର ନୂଆ ଉପସଭାପତିଙ୍କୁ ସାଲେପୁରଠାରେ ବିପୁଳ ସମ୍ବର୍ଦ୍ଧନା



**ସାଲେପୁର, ୧୭।୧୦(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପିର ନୂତନ ଭାବେ ଉପସଭାପତି ପଦରେ ନିଯୁକ୍ତି ପାଇବାପରେ ବିଷ୍ଣୁ ଦାଶ ସାଲେପୁର ଦେଇ ତାଙ୍କର ନିଜ ବାସସ୍ଥାନ କେନ୍ଦ୍ରାପଡ଼ା ଜିଲ୍ଲାକୁ ଯାଉଥିବାବେଳେ ସାଲେପୁରଠାରେ ସାଲେପୁର ମଣ୍ଡଳ ସଭାପତି ଅସିତ୍ କୁମାର ମହାନ୍ତିଙ୍କ ନେତୃତ୍ୱରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଜେପି ରାଜ୍ୟ ଉପସଭାପତି ବିଷ୍ଣୁଚରଣ ଦାଶ ସାଲେପୁରଠାରେ କର୍ମୀମାନଙ୍କ ଠାରୁ ସମ୍ବର୍ଦ୍ଧନା ଗ୍ରହଣ କରି ବିଜେପି ସଂଗଠନକୁ ସୁଦୃଢ଼ କରିବାପାଇଁ ପରାମର୍ଶ ଦେଇଥିଲେ। ସେହିପରି ସାଲେପୁର ବାଟ ଦେଇ ମାହାଙ୍ଗା ଯାଉଥିବା ରାଜ୍ୟ ସରକାରଙ୍କର ରାଜସ୍ୱ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ମଧ ସାଲେପୁର ବିଜେପିର କର୍ମୀମାନେ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।

## ଓରମାସ ପକ୍ଷରୁ ସ୍ୱତନ୍ତ୍ର ଦୀପାବଳି ଷ୍ଟଲ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ୧୭।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହରର ଜ୍ଞାନପୀଠ ସମ୍ମୁଖରେ ଓରମାସ ପକ୍ଷରୁ ଆଲୋକର ପର୍ବ ଦୀପାବଳି ପର୍ବ ଅବସରରେ ଦୀପାବଳି ଷ୍ଟଲ ଖୋଲାଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ଏହି ଷ୍ଟଲର ଶୁଭଉଦଘାଟନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଓରମାସର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିରୋଦ କୁମାର ଜେନା, ଓଡିଶା ଜୀବିକା ମିଶନର ଡିପିଏମ ପ୍ରଶାନ୍ତ କୁମାର ପାଢ଼ୀ, ଏକଜିକ୍ୟୁଟିଭ ଆସିଷ୍ଟା ପ୍ରିୟଙ୍କା ରାଉଳ, ଏଫପିଓ ସଂଯୋଜକ ରୋଜାଲିନ ପଲ୍ଲାଇ, ଏଫପିଓ ସିଇଓ ରବିନାରାୟଣ ଦାସ, ବିଜନେସ ମ୍ୟାନେଜର କେଦାରନାଥ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ମହାକାଳପଡ଼ା ବ୍ଲକ ତେରଗାଁର ବନଦୁର୍ଗା ଟେରାକୋଟା, ମାର୍ଶାଘାଇ ବ୍ଲକ ପରକୁଳର ମା' ଜଗଧାତ୍ରୀ ଟେରାକୋଟା ଉତ୍ପାଦକ ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଦୀପ ଏବଂ ଅନ୍ୟ ଦୀପାବଳି ସାମଗ୍ରୀର ପ୍ରଦର୍ଶନ ଏବଂ ବିକ୍ରୟପାଇଁ ଷ୍ଟଲ ଖୋଲାଯାଇଛି । ଏହି ଷ୍ଟଲ ଆସନ୍ତା ୨୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ ।




**ଶୁଦ୍ଧିକ୍ରିୟା ପାଇଁ ଅର୍ଥ ପ୍ରତିବନ୍ଧକ ଘଟଣା**

# ପରିବାରକୁ ବଢୁଛି ସହଯୋଗର ହାତ

**ମାର୍ଶାଘାଇ, ୧୭।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅଧୀନ ତାଳସଙ୍ଗା ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମର ଗୋପିନାଥ ଦାସଙ୍କ ପୁଅ ବ୍ରଜବନ୍ଧୁ ଦାସ (୬୨) ଙ୍କର ୧୧ ଅକ୍ଟୋବର ଦିନ ଯକ୍ଷ୍ମାଜନିତ ସମସ୍ୟା ରେ ମୃତ୍ୟୁ ଘଟିଛି। ବ୍ରଜବନ୍ଧୁ ଘରର ମୁଖ୍ୟ ରୋଜଗାରିଆ ଭାବରେ ଦିନ ମଜୁରିଆ କାର୍ଯ୍ୟ କରି ୬ ପ୍ରାଣୀଙ୍କ ମୁହଁରେ ଆହାର ଦେଉଥିଲେ। ବ୍ରଜବନ୍ଧୁଙ୍କ ଦେହାନ୍ତ ପରେ ଦୁଇ ପୁଅ, ଦୁଇ ଝିଅ, ୬୫ ବର୍ଷୀୟା ବୃଦ୍ଧା ମାଆ ଓ ଧର୍ମ ପତ୍ନୀ ଏବେ ବେସାହାରା ହୋଇ ପଡିଛନ୍ତି। ରହୁଥିବା ବାସଗୃହଟିକୁ ଛାଡ଼ିଲେ ତାଙ୍କର ଆଉ ସମ୍ବଳ ବୋଲି କିଛି ନାହିଁ। ଏମିତି ପରିସ୍ଥିତିରେ ସ୍ୱାମୀଙ୍କ ଦେହାନ୍ତ ପତ୍ନୀ ଭଗବତି ଦାସଙ୍କୁ ଚିନ୍ତାରେ ପକାଇଛି।



ପିଲାମାନଙ୍କ ଭବିଷ୍ୟତ ଓ ପରିବାର ପ୍ରତିପୋଷଣର ଚିନ୍ତାକୁ ଏବେ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କେମିତି କରିବେ ସେ କଥାକୁ ଭାବି ଭାବି ଅଣନିଃଶ୍ୱାସୀ ହୋଇ ପଡ଼ି ସରକାରୀ, ସାମାଜିକ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟକୁ ଅପେକ୍ଷା କରିଛନ୍ତି। ଏ ସମ୍ପର୍କିତ ଖବର ଗଣମାଧମରେ ପ୍ରକାଶ ପାଇବା ପରେ ପରିବାର ପାଖରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ପହଞ୍ଚି ସହଯୋଗ କରୁଛନ୍ତି। ପୂର୍ବରୁ ବଳଦେବଜୀଉ ସେବା ସଙ୍ଗଠନ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଆଜି କ୍ରିଷ୍ଣା ଏଣ୍ଟରପ୍ରାଇଜର ମାଲିକ ରମାକାନ୍ତ ନାୟକ ପରିବାରକୁ ଭେଟି ସହାୟତା ଯୋଗାଇ ଦେଇଛନ୍ତି। ବିଭିନ୍ନ ବ୍ୟକ୍ତିବିଶେଷ ମାନେ ମଧ ଅନଲାଇନ ଓ ବ୍ୟାଙ୍କ୍ ଆକାଉଣ୍ଟ ଜରିଆରେ ସହାୟତା ପଠାଉଥିବା ଜାଣିବାକୁ ମିଳିଛି।

# ଘରୋଇ ହିଂସାରୁ ସୁରକ୍ଷା ପ୍ରଦାନ ପାଇଁ ତାଲିମ



**କେନ୍ଦ୍ରାପଡା, ୧୭।୧୦(ସଂଚାର ବ୍ୟୁରୋ):** ଘରୋଇ ହିଂସାରୁ ମହିଳା ମାନଙ୍କୁ ସୁରକ୍ଷା ଆଇନ ୨୦୦୫ ଉପରେ ଏକ ଜିଲ୍ଲା ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମହିଳା ସଶକ୍ତିକରଣ ହବ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ମହିଳା ଶିଶୁ ବିକାଶ ବିଭାଗ ସହଯୋଗ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ବରିଷ୍ଠ ଆଇନଜିବୀ ଭୀମସେନ ଭୂୟାଁ, ଇନିସପେକ୍ଟର ପୂର୍ଣ୍ଣଚନ୍ଦ୍ର, ଜିଲ୍ଲା ଶିଶୁ ସୁରକ୍ଷଅ ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଘରୋଇ ହିଂସା ଉପରେ ଆଲୋଚନା କରି ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଉପରେ ଆଲୋକପାତ କରିଥିଲେ । ଘରୋଇ ହିଂସାରେ ମହିଳା ମାନେ କିଭଳି ଆଇନର ସୁବିଧା ପାଇପାରିବେ ସେ ସଂପର୍କରେ ଉପସ୍ଥିତ ଥିବା ସମସ୍ତ ସିଡିପିଓ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତା ମାନଙ୍କୁ ତାଲିମ ପ୍ରଦାନ କରାଯାଇ ଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ତତ୍ୱବଧାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ (ପିଓ) ସୁରକ୍ଷା ଅଧିକାରୀ ସବିତାରାଣୀ ସିଂହ, ଭାରତୀ ବେହେରା, ସୁକାନ୍ତି ମହାପାତ୍ର ସହଯୋଗ କରିଥିବା ବେଳେ ହବର ଜିଲ୍ଲା ସଂଯୋଜକ ଲଲାଟେନ୍ଦୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫୁଲ କିଣୁଥିବା ବେଳେ ମୋବାଇଲ ଚୋରି

**କେନ୍ଦ୍ରାପଡ଼ା, ୧୭।୧୦(ସଂଚାର ବ୍ୟୁରୋ):** ଜଣେ ମହିଳା ଶୁକ୍ରବାର ସକାଳେ ଏକ ଫୁଲ ଦୋକାନରୁ ଫୁଲ କିଣୁଥିବା ବେଳେ ତାଙ୍କ ମୋବାଇଲଟି ଚୋରି ହୋଇଯାଇଛି । ଏନେଇ କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ସଦରଥାନା ଅଧିନ ମାହାରାକୂଳ ଗ୍ରାମର ମନୋଜ କୁମାର ସାହୁଙ୍କ ପତ୍ନୀ ସ୍ମିତା ମଲ୍ଲ ଶୁକ୍ରବାର ସକାଳ ସାଢେ଼୯ଟା ବେଳେ ତିନିମୁହାଣୀଛକ ସ୍ଥିତ ଶ୍ରୀରାମମନ୍ଦିର ଗେଟ ନିକଟସ୍ଥ ଏକ ଫୁଲ ଦୋକାନରୁ ଫୁଲ କିଣିଥିଲେ। ଏହାପରେ ତାଙ୍କ ଭିଭୋ-ଟି୩ଏକ୍ସ



୫ଜି ମୋବାଇଲ ସେଟରୁ ଅନଲାଇନରେ ଆବଶ୍ୟକ ଅର୍ଥ ଦେବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇନଥିଲା । ତେଣୁ ସ୍ମିତା ସେହି ଫୁଲ ଦୋକାନର ଟେବୁଲ ଉପରେ ନିଜର ମୋବାଇଲକୁ ରଖି ଫୁଲ ଦୋକାନୀକୁ ନଗଦ ଅର୍ଥ ପ୍ରଦାନ କରିଥିଲେ। ଅର୍ଥ ଦେଇସାରିବା ପରେ ସ୍ମିତା ତାଙ୍କ ମୋଇବାଇଲକୁ ରଖିଥିବା ସ୍ଥାନରେ ଆଉ ପାଇନଥିଲେ । ଏସମ୍ପର୍କରେ ଦୋକାନୀଙ୍କୁ ପଚରାଉଚୁରା କରିବା ପରେ କେନ୍ଦ୍ରାପଡା ଟାଉନଥାନାରେ ସ୍ମିତା ଅଭିଯୋଗ କରିଥିଲେ। ଟାଉନଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ କହିଛନ୍ତି ଯେ ଏହି ଅଭିଯୋଗ ଉପରେ ଏକ ଚୋରି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ।

## ଜାତୀୟ ତମାଖୁ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ




**କେନ୍ଦ୍ରାପଡା, ୧୭।୧୦(ସଂଚାର ବ୍ୟୁରୋ):** ଧୂମପାନ ବା ତମାଖୁ ବ୍ୟବହାର କୁପରିଣାମ ଏବଂ ଏହାର ନିୟନ୍ତ୍ରଣ କରିବା ନିମନ୍ତେ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିଧି ଭିତରେ ତମାଖୁ ବିକ୍ରୟ ଉପରେ ରୋକ ଲଗେଇବା, ବ୍ୟାପକ ସଚେତନତା କରିବା, ଚଢାଉକୁ ଜୋରଦାର କରିବା, ନିୟମ ଖିଲାପକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ତମାଖୁ ମୁକ୍ତ ଗ୍ରାମ ଏବଂ ପଞ୍ଚାୟତ ସୃଷ୍ଟି କରିବା । ବ୍ଲକ ସ୍ତରୀୟ କମିଟି ଗଠନ ସହିତ ତମାଖୁକୁ ବର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନ କରିବା ଏବଂ ତାଙ୍କ ଅଭିଜ୍ଞତାକୁ ଲୋକଙ୍କ ପାଖକୁ ପହଂଚେଇବା, ଶିକ୍ଷାନୁଷ୍ଠାନ ମାନଙ୍କରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ କରିବା ଇତ୍ୟାଦି ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବିଭାଗ ବିଭାଗ ମଧରେ ସମନ୍ୱୟ ରଖି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି ।

ଏହା ସହିତ ବୈଠକରେ ଯୁବସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଅଭିଯାନର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ। ଏହି ଅଭିଯାନ ଡିସେମ୍ବର ୯ ତାରିଖ ୨୦୨୫ ପର୍ଯ୍ୟନ୍ତ ଚାଲିବ । ଏହି ସମୟ ମଧରେ ଯୁବ ସମାଜକୁ ତମାଖୁର ଭୟାବହତା ଉପରେ ବ୍ୟାପକ ସଚେତନତା ସହିତ ଯୁବସମାଜକୁ ସମାଜର ମୁଖ୍ୟସ୍ରୋତକୁ ଫେରେଇ ଆଣିବାକୁ ବ୍ୟାପକ କାର୍ଯ୍ୟକ୍ରମ କରାଯିବ । ଏହି କାର୍ଯ୍ୟକ୍ରମ ଅବସରରେ ଶପଥପାଠ ମଧ କରାଯାଇଥିଲା ।

# ପୋଷଣ ମାସ ସଚେତନତା କାର୍ଯ୍ୟକ୍ରମ



**ରାଜନଗର, ୧୭।୧୦(ସଂଚାର ବ୍ୟୁରୋ):** ରାଜନଗର ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ କାର୍ଯ୍ୟକ୍ରମ ଆଜି ପାଳିତ ହୋଇଯାଇଛି। ମିସନଶକ୍ତି ସଭା ଗୃହରେ ରାଜନଗର ଶିଶୁ ପ୍ରକଳ୍ପ ଅଧିକାରିଣୀ ଦୀପାଳି ମିଶ୍ରଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଡାକ୍ତର ଆଦିତ୍ୟ ନାରାୟଣ ପ୍ରଧାନ, ବିଡିଓ ଅନିରୁଦ୍ଧ ବେହେରା, ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କର କିପରି ବିକାଶ ହୋଇପାରିବ, ସେମାନେ ସୁସ୍ତ ରହିବେ ସେଥିପାଇଁ କମ ଚିନି, ଲୁଣ ଓ ତେଲ ବ୍ୟବହାର କରିବା ସହ ଆଇରନ ଯୁକ୍ତ, ପନିପରିବା, ଡାଲି ଜାତୀୟ ଓ ଚୂନା ମାଛକୁ ଖାଦ୍ୟ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୋଷଣ ବ୍ଲକ ସଂଯୋଜକ ଶଶଧର ପୃଷ୍ଟି , ସୁପରଭାଇଜର ମିନତୀ ମିଶ୍ର, ସନ୍ଧ୍ୟାରାଣୀ ବେହେରା, ରଜନୀ ରାଉତ, ସମୀକ୍ଷା ଦାସ , ଶୈଳପ୍ରଭା ସ୍ୱାଇଁ, ବିଜୟାଲକ୍ଷ୍ମୀ ସ୍ୱାଇଁ , ପ୍ରତିଭା ମହାନ୍ତି , ସ୍ୱାଗତିକା ତରାଇ ପ୍ରମୁଖ ପରିଚାଳନା କରିଥିଲେ।

## ଛାତ୍ରଛାତ୍ରୀଙ୍କ ବୃତି ପାଇଁ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ତାଲିମ

**କେନ୍ଦ୍ରାପଡା, ୧୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଛାତ୍ରଛାତ୍ରୀ ମାନଙ୍କର ବୃତି କିପରି ଆବେଦନ କରିପାରିବେ ସେ ସଂପର୍କରେ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟଙ୍କ ଅଧକ୍ଷତା ରେ ଆୟୋଜିତ ଏହି ତାଲିମ ଶିବିରରେ ଛାତ୍ରଛାତ୍ରୀ ମାନେ କିପରି ଓ.ଏସ୍.ଏସ୍.ପି ପ୍ରୋଟାଲ ରେ ବୃତି ଆବେଦନ କରିପରିବେ ତାହା ସୂଚନା ଓ ପ୍ରଶିକ୍ଷଣ ଦିଆ ଯାଇଥିଲା। ଓ.ଏସ୍.ଏସ୍.ପି ପ୍ରୋଟାଲର ପ୍ରଚଳନ, ଓଟିଆର କିପରି କରିପାରିବେ ସେ ସଂପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ରାୟ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ରଶ୍ମି ମଞ୍ଜରୀ ପ୍ରଧାନ, ଜିଲ୍ଲା ବୃତି ସଂଯୋଜକ ବଳରାମ ପାଢ଼ୀଙ୍କ ସମେତ ଜିଲ୍ଲାର ୯ଟି ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଓ ଡାଟା ଏଣ୍ଟ୍ରି ଅପରେଟର ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ଲଷ୍ଟର ସ୍ତରୀୟ 'ଶିଶୁ ମହୋତ୍ସବ ସୁରଭି'

**ଡେରାବିଶ, ୧୭।୧୦(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବାୟାକଣ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଖମୋଳ ଅଞ୍ଚଳିକ ସାଧନ କେନ୍ଦ୍ର ତରଫରୁ କ୍ଲଷ୍ଟର ସ୍ତରୀୟ ଶିଶୁମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରତାଦିଆଖଣ୍ଡସାହି ସରପଞ୍ଚ ଶିଶିର କୁମାର ସାମଲ ଯୋଗଦେଇ ଉତ୍ସବଟିକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବରେ ଶିକ୍ଷାବିତ୍ ଲଲାଟ କିଶୋର ଭୂୟାଁ, ଖମୋଳ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର




ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ରାଉତ, ବଡ଼ସଲାରୋ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ନାଥ ଯୋଗଦେଇଥିଲେ। ଖମୋଳ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତୃତା, ତର୍କ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ସୃଜନଶୀଳ ଲିଖନ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ବ୍ଲକ ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଯୋଗଦେବା ପାଇଁ ମନୋନିତ ହୋଇଥିଲେ।

## ବ୍ଲକସ୍ତରୀୟ ଖେଳକୁଦ କାର୍ଯ୍ୟକ୍ରମ



**ରାଜନଗର, ୧୭।୧୦(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସ୍ତରୀୟ ଖେଳକୁଦ ପ୍ରତିଯୋଗୀତା ଆଜି ମହିଂସାସୁର ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ପାଦକ ରଞ୍ଜନ କୁମାର ରାଉଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଂଶାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି ମୁଖ୍ୟ ଅତିଥି, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳ ମୁଖ୍ୟ ବକ୍ତା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶିବ ପ୍ରସାଦ ବେହେରା, ରାଜନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ଞାନ ରଞ୍ଜନ ଛାଟୋଇ, ବିରଞ୍ଚି ପ୍ରସାଦ ଜେଠି ପ୍ରମୁଖ ସାଂମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ବରଦାକାନ୍ତ ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିକେଟ, ଲଙ୍ଗ ଜମ୍ପ, ହାଇଜମ୍ପ, ୧୦୦ ମିଟର ରେସ, ୨୦୦ ମିଟର ରେସ ପ୍ରତିଯୋଗୀତା ହୋଇଥିଲା। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତା ପାଇଁ ଚୟନ କରାଯାଇଥିଲା। ଏହି ବ୍ଲକ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ପ୍ରର୍ଯ୍ୟବେକ୍ଷକ ଭାବେ ସୀତାକାନ୍ତ ରାଉଳ ଓ ବ୍ରହ୍ମାନନ୍ଦ ରାଉତ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀ ଚୟନ କରିଥିଲେ।

## ଲକ୍ଷାଧିକ ଟଙ୍କାର ଚୋରା କାଠ ସହ ଟ୍ରାକ୍ଟର ଜବତ

**ଡେରାବିଶ, ୧୭।୧୦(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ରଘୁଦେଇପୁର ପଂଚାୟତ ବେଲାରପୁରଠାରେ ଆଜି ବନବିଭାଗ ଦ୍ୱାରା ଏକ କାଠ ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଟ୍ରାକ୍ଟର ସହିତ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ପଟ୍ଟାମୁଣ୍ଡାଇରର ପ୍ରଶାନ୍ତ ମିଲ୍ଲିକ। ଘଟଣାରୁ ପ୍ରକାଶ ଆଜି ଏକ ରାଜନଗର ଡାମରପୁରରୁ ଏକ ଟ୍ରାକ୍ଟର(ଓଡ଼ି-୦୫ଏଡବ୍ଲୁ-୨୫୪୮) ଯୋଗେ ବେଆଇନ କାଠ ଲକ୍ଷ୍ମୀନାରାୟଣପୁରର ବଳଭଦ୍ରପୁର ଠାରେ ଥିବା କରତକଳ କ୍ଲଷ୍ଟରକୁ ଯାଉଥିବା ବେଳେ ବନବିଭାଗ ଖବରପାଇ ଟ୍ରାକ୍ଟରକୁ ଜବତ କରିବା ସହ କାଗଜ ପତ୍ର ଯାଞ୍ଚ କରିଥିଲା। ସେଥିରୁ ମୂଲ୍ୟବାନ କାଠଥିବା ଜାଣିବାକୁ ପାଇଥିଲେ। ସୂଚନାଯୋଗ୍ୟ ଏହିବାଟ ଦେଇ ବେଆଇନ ଭାବେ ପ୍ରତିଦିନ ଶହ ଶହ ଟ୍ରିପ ମୂଲ୍ୟବାନ କାଠ ଚୋରାଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି।

## ନୂତନ ଶ୍ରମ ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ




**କେନ୍ଦ୍ରାପଡ଼ା, ୧୭।୧୦(ସଂଚାର ବ୍ୟୁରୋ):** ନୂତନ ଶ୍ରମ ଆଇନକୁ ପ୍ରତ୍ୟାହାର କରାଯିବା ଦାବିରେ କେନ୍ଦ୍ରାପଡା ସି.ଆଇ.ଟି.ୟୁ. ପକ୍ଷରୁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଶ୍ରମିକମାନଙ୍କର କୌଣସି ଉପକାର କରିବା ବଦଳରେ ଦଳର ହୁକୁମକୁ କାର୍ଯ୍ୟକାରୀ କରିବା ପାଇଁ ଓଡିଶା ଫ୍ୟାକ୍ଟ୍ରୀ ଆଇନକୁ ସଂଶୋଧନ କରାଯାଇଛି । ସେଥିରେ ୧୮୮୫ମସିହା ଆନ୍ତର୍ଜାତିକ ଶ୍ରମ ଦିବସ ମଇ ପହିଲା ଠାରୁ ଚଳି ଆସିଥିବା ଶ୍ରମିକଙ୍କ ଦୈନିକ ଆଠଘା କାର୍ଯ୍ୟ ସମୟକୁ ବଦଳାଯାଇ ଦୈନିକ ୧୦ଘା କାର୍ଯ୍ୟ କରିବାକୁ ନୂତନ ଆଇନରେ ବ୍ୟବସ୍ଥା କରାଯାଇଛି । ଏହା ଶ୍ରମିକ ଶ୍ରେଣୀର ସ୍ୱାର୍ଥ ବିରୋଧୀ ଅଟେ ।

## ହରିହରା ନନ୍ଦ ଧାନମନ୍ଦିରରେ ଗୀତାଜ୍ଞାନ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ, ୧୭।୧୦(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବେଲତଳ ହରିହରା ନନ୍ଦ ଧ୍ୟାନମନ୍ଦିର ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ଡିସେମ୍ବର ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ଗୀତାଜ୍ଞାନ ଯଜ୍ଞ ଅନୁଷ୍ଠିତ ହେବ। ଏଥିନେଇ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ପ୍ରଜ୍ଞାନ ମିଶନର ବରିଷ୍ଠ ସନ୍ଥ ସ୍ୱାମୀ ସୁଚିଦାନନ୍ଦ ଗିରି ସଭାପତିତ୍ୱ କରିଥିଲେ। ଏହି ସଙ୍ଗରେ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ଶ୍ରୀମଦ୍ ଭଗବତ ଗୀତାର ଜ୍ଞାନ, କର୍ମ ଓ ସନ୍ୟାସ ଯୋଗ ଉପରେ ଆଶୀର୍ବଚନ ପ୍ରଦାନ କରିବେ।

● ପୁଲିସ୍ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ପ୍ରସଙ୍ଗ

# କ୍ରାଇମବ୍ରାଞ୍ଚ୍ ଭୂମିକା ଉପରେ ପ୍ରଶ୍ନ ଉଠାଇଲା ବିଜେଡି



**ଭୁବନେଶ୍ୱର,୧୭ା୧୦(ସଂଚାର ବ୍ୟୁରୋ):** ପୁଲିସ୍ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ କେବଳ ବଡ଼ମୁଣ୍ଡମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି। ପ୍ରାୟ ୨୫୦ କୋଟି ଟଙ୍କାର ଏହି ନିଯୁକ୍ତି ସ୍କାମ୍‌ରେ ସରକାରୀ ଦଳ ଓ ପୁଲିସ୍ ବିଭାଗର ଅନେକ ବଡ଼ମୁଣ୍ଡ ସାମିଲ ଥିଲେ ହେଁ କ୍ରାଇମବ୍ରାଞ୍ଚ ଚଳଚଳିଙ୍କୁ ଧରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ପକ୍ଷରୁ ଆକ୍ଷେପ କରାଯାଇଛି। ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ ଲେନିନ ମହାନ୍ତି କହିଛନ୍ତି ଯେ ଏହି ନିଯୁକ୍ତି କେଳେଙ୍କାରୀର ଜଣେ ଅଭିଯୁକ୍ତ ଶଙ୍କର ପ୍ରଷ୍ଟିଙ୍କ ୨ ସହଯୋଗୀ ଯଥା, ମୁନା ମହାନ୍ତି ଓ ରିଙ୍କୁ ମହାରଣାଙ୍କୁ ଘଟଣାର ୩ ସପ୍ତାହ ପରେ କ୍ରାଇମବ୍ରାଞ୍ଚ ଗିରଫ କରିବା ପରେ ଇଲୁସିତ ହୋଇପଡ଼ିଛି। ତେବେ ଏହି ମାମଲାରେ ଚିଜିଙ୍କ ଉତ୍ତରରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଚିଜିଙ୍କ ଉତ୍ତରରୁ ଏହା ସ୍ପଷ୍ଟ ହେଉଛି ଯେ କ୍ରାଇମବ୍ରାଞ୍ଚର ଅନୁସନ୍ଧାନ କେବଳ ଚଳଚଳିଙ୍କୁ ଧରି ଘଟଣାକୁ ଚପାଇଦେବ। ପ୍ରାୟ ୯୩୩ ଜଣ ପୁଲିସ୍ ଏସ୍ଆଇ ନିଯୁକ୍ତି ପାଇଁ ଓଡ଼ିଆବରିର ଦାୟିତ୍ୱ ଥିବାବେଳେ ଏହାକୁ କେନ୍ଦ୍ର ସରକାରଙ୍କ ସଂସ୍ଥା ଆଇଓଆଇକୁ ପ୍ରଦାନ କରାଯାଇଥିଲା। ପରେ ଏହି ଦାୟିତ୍ୱ ଅନ୍ୟ ଏକ ସଂସ୍ଥାକୁ ସବ୍‌ଲେଟ୍ କରାଯାଇଥିଲା। କିନ୍ତୁ ରାଜ୍ୟ ପୁଲିସ୍ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାରୁ ଏହି ଆଉଟ୍‌ସୋର୍ସିଂ କିପରି ସମ୍ଭବ ହେଲା ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ତେଣୁ ଏହି ସ୍କାମରେ ବଡ଼ ମୁଣ୍ଡଙ୍କୁ ଧରିଲେ ହିଁ ସରକାର ଓ ପୁଲିସ୍ ବିଭାଗର ସ୍ୱଚ୍ଛତା ପ୍ରମାଣିତ ହେବ ବୋଲି ସେ କହିଛନ୍ତି।

● ନୂଆପଡ଼ା ଉପନିର୍ବାଚନ

# ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାର କରିବେ ୪୦ ନେତା

**ଭୁବନେଶ୍ୱର,୧୭ା୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ପାଇଁ ଆସିଲା ବିଜେଡିର ଷ୍ଟାର ପ୍ରଚାରକ ତାଲିକା। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମେତ ୪୦ ଜଣିଆ ପ୍ରଚାର ତାଲିକା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଂଜନ ପୂଜାରୀ, ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରଣବ ପ୍ରକାଶ ଦାସଙ୍କ ସମେତ ୪୦ ଜଣ କରିବେ ପ୍ରଚାର। ସେହିପରି ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଂଜୟ କୁମାର ଦାସବର୍ମା, ଦିବ୍ୟଶଙ୍କର ମିଶ୍ର, କଳିକେଶ ନାରାୟଣ ସିଂହଦେଓ, ସାରଦା ନାୟକ,ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରୀତିରଞ୍ଜନ ଘଡାଇ, ଟୁକୁନି ସାହୁ, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଦିଶାରୀ, ସରୋଜ କୁମାର ମେହେର, ରୋହିତ ପୂଜାରୀ, ମୁନ୍ନା ଖାଁ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ଯୋଗେଶ ସିଂହ, ନିରଂଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଂଜନ ବିଶ୍ୱାଳ, ସୁବାସିନୀ ଜେନା, ବର୍ଷା ସିଂହ ବରିହା, ଦୀପାଳି ଦାସ, ମନୋରମା ମହାନ୍ତି, ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ଟିମରେ ସାମିଲ ଅଛନ୍ତି।

## ଘାସିରାମଙ୍କ ପାଇଁ ପ୍ରଚାର କରିବେ ରେବନ୍ତ ରେଡ୍ଡୀ

**ଭୁବନେଶ୍ୱର,୧୭ା୧୦(ସଂଚାର ବ୍ୟୁରୋ):** ନୂଆପଡା ଉପନିର୍ବାଚନ ପାଇଁ ପ୍ରକାଶ ପାଇଛି ଷ୍ଟାର ପ୍ରଚାରକ ତାଲିକା । ଏଥିରେ ଦଳର ବହୁ ବରିଷ୍ଠ ନେତାଙ୍କ ସହ ଅନ୍ୟ ରାଜ୍ୟର ନେତାମାନେ ସାମିଲ । ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ, ରାଜ୍ୟ କଂଗ୍ରେସ ପ୍ରଭାରୀ ଆଜୟ ଲଲ୍ଲୁ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ପୂର୍ବତନ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ଘାସିରାମଙ୍କ ପାଇଁ ପ୍ରଚାର କରିବେ। ହେଲେ ତାଲିକାରେ ନାହାନ୍ତି ମହମ୍ମଦ ମୋକିମ ଓ ଏକମାତ୍ର ମହିଳା ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଏବଂ ବିଧାୟକ ରମେଶ ଜେନା ।

● ପ୍ରକାଶ ପାଇଲା କଂଗ୍ରେସର ଷ୍ଟାର ପ୍ରଚାରକ ତାଲିକା
● ବାଦପଡ଼ିଲେ ଏକମାତ୍ର ମହିଳା ବିଧାୟିକା

ଏକ ପେଡ୍ ମା' କେ ନାମ ୨.୦ ଅଭିଯାନ

# ରାଜ୍ୟସ୍ତରୀୟ ତଦାରଖ କମିଟି ବୈଠକ ଅନୁଷ୍ଠିତ



**ଭୁବନେଶ୍ୱର,୧୭ା୧୦(ସଂଚାର ବ୍ୟୁରୋ):** 'ଏକ ପେଡ଼ ମା'କେ ନାମ' ୨.୦ କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଚାରାରୋପଣର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସ୍ଥିରୀକୃତ ବିସ୍ତୃତ ନିୟମାବଳୀ ଆଧାରରେ ରାଜ୍ୟସ୍ତରୀୟ ତଦାରଖ କମିଟିର ବୈଠକ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରି କହିଲେ ଯେ ଚାରା ଗଛ ବଞ୍ଚିବା ଏବଂ ଏହାର ବୃଦ୍ଧି ଉପରେ ଏକ ପେଡ୍ ମା କେ ନାମ' ୨.୦ ର ସଫଳତା ନିର୍ଭର କରେ। ମାର୍ଗଦର୍ଶିକା ଅନୁଯାୟୀ ଚାରା ରୋପଣର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସରକାରୀ ଭାବେ ଆମେ ସମସ୍ତେ ଯତ୍ନବାନ ହେବା ଦରକାର। ଗତ ସେପ୍ଟେମ୍ବର ୧୭ ତାରିଖରେ ବ୍ୟାପକ ଚାରା ରୋପଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହାକୁ ମାସେ ପୂରିବା ପରେ ଆଜି ଏହି ବୈଠକ ଅନୁଷ୍ଠିତ ହୋଇଛି। ବ୍ୟାପକ ବୃକ୍ଷରୋପଣ ପରେ, ତ୍ରିସ୍ତରୀୟ ନିରୀକ୍ଷଣ ଓ ଦାୟିତ୍ୱ ବ୍ୟବସ୍ଥା ମାଧ୍ୟମରେ ଦୃଢ଼ ନିରୀକ୍ଷଣ ଏବଂ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଗତ ୨୨ ତାରିଖରେ ମିଳିତ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ଏହି ବୈଠକରେ ଗାଇଡଲାଇନ ଉପରେ ବିସ୍ତୃତ ଆଲୋଚନା ହୋଇଥିବା ବେଳେ ଓଆରଏସଏସି ଆଧାରିତ ମନିଟରିଂ ୱେବ ପୋର୍ଟାଲର ପ୍ରଦର୍ଶନ କରାଯାଇଥିଲା। ବୃକ୍ଷଗୁଡ଼ିକ ବଞ୍ଚିବା ଉପରେ ନଜର ରଖିବା ପାଇଁ ଏହି ପୋର୍ଟାଲ ଏକକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ଏହାର ପ୍ରଭାବଶାଳୀ ଉପଯୋଗକୁ ସୁଗମ କରିବା ପାଇଁ କ୍ଷେତ୍ରୀୟ ଅଧିକାରୀଙ୍କ ପାଇଁ ଆଗାମୀ ଦିନରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜିଲ୍ଲା ଓ ବିଭାଗମାନଙ୍କ ସମନ୍ୱିତ ପ୍ରୟାସ ଓ ସକ୍ରିୟ ଅଂଶଗ୍ରହଣ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ କହିଥିଲେ ଯେ 'ଏକ ପେଡ଼ ମା' କେ ନାମ ୨.୦' ଅଭିଯାନର ସଫଳତା ମାତ୍ର ଚାରା ରୋପଣରେ ନୁହେଁ, ବରଂ ପ୍ରତ୍ୟେକ ଗଛର ଅବିଚ୍ଛିନ୍ନ ଅସ୍ତିତ୍ୱ ଓ ସୁସ୍ଥ ବୃଦ୍ଧି ନିଶ୍ଚିତ କରିବାରେ ରହିଛି। ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ର ପ୍ରମୁଖ ଶାସନ ସଚିବ, କୃଷି, ପଞ୍ଚାୟତିରାଜ, ଉଦ୍ୟାନ ଓ ଓଡ଼ିଶା ରିମୋଟ ସେନ୍ସିଂ ଆପ୍ଲିକେସନ ସେଣ୍ଟର (ଓର୍‌ସାକ୍) ର ବରିଷ୍ଠ ଅଧିକାରୀମାନଙ୍କ ସମେତ ସମସ୍ତ ଜିଲ୍ଲାପାଳ, ବିଭାଗୀୟ ବନ ଅଧିକାରୀ (ଡିଏଫ୍‌ଓ) ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗଦେଇଥିଲେ।

# ୪୮ ଘଣ୍ଟା ମଧ୍ୟରେ ଆପରାଧିକ ତଥ୍ୟ ଦିଅନ୍ତୁ ପ୍ରାର୍ଥୀ: ଇସି

**ଭୁବନେଶ୍ୱର,୧୭ା୧୦ (ସଂଚାର ବ୍ୟୁରୋ) :** ନଭେମ୍ବର ୧୧ରେ ନୂଆପଡ଼ା ଉପନିର୍ବାଚନ। ଏହି ପରିପ୍ରେକ୍ଷୀରେ ରାଜ୍ୟ ନିର୍ବାଚନ କମିଶନର (ଇସି) ପ୍ରାର୍ଥୀଙ୍କୁ ଶୁକ୍ରବାର ଏକ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ୪୮ ଘଣ୍ଟା ମଧ୍ୟରେ ନିଜ ଆପରାଧିକ ତଥ୍ୟ ପ୍ରକାଶ କରିବାକୁ ପ୍ରାର୍ଥୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଦ୍ରିତ ଗଣମାଧ୍ୟମ, ନିଜ ଅଫିସିଆଲ ସୋସିଆଲ ମିଡ଼ିଆରେ ତଥ୍ୟ ଦେବାକୁ ଇସିଙ୍କ ପକ୍ଷରୁ କୁହାଯାଇଛି। ଏପରିକି ୱେବ୍‌ସାଇଟ ମାଧ୍ୟମରେ ମଧ୍ୟ ନିଜ ଆପରାଧିକ ତଥ୍ୟ ଦେଇପାରିବେ ବୋଲି ଇସିଙ୍କ ପକ୍ଷରୁ ପ୍ରାର୍ଥୀଙ୍କୁ ଅବଗତ କରାଯାଇଛି।

# ମାଓବାଦୀଙ୍କୁ ଧରାଇଲେ ମିଳିବ ପୁରସ୍କାର

## ପୋଷ୍ଟର ଜାରି କଲା ପୁଲିସ




**କନ୍ଧମାଳ,୧୭ା୧୦(ସଂଚାର ବ୍ୟୁରୋ):** ବୌଦ୍ଧ ଜିଲ୍ଲାରେ ମାଓବାଦୀ ଧରାଇବା ପାଇଁ ପୋଷ୍ଟର ମାରି ପୁରସ୍କାର ଘୋଷଣା କରିଛି ପୋଲିସ। ହାଡ଼କୋର ମାଓବାଦୀଙ୍କୁ ଧରାନ୍ତୁ, ପୁରସ୍କାର ପାଆନ୍ତୁ ଏଭଳି କିଛି ପୋଷ୍ଟରରେ ଲେଖାହୋଇଛି। ଜିଲା ପୁଲିସ ପକ୍ଷରୁ ବୌଦ୍ଧ ଜିଲାର ସିଗାଡ଼ି,ତିଲପଙ୍ଗା, ଉଡ଼ାମୁଣ୍ଡା, ମାତାଗାଡ଼ୁ, ଖଣ୍ଡିକନପା, ଲୁହାରପଡ଼ା, ନଳିକୁମ୍ଭା, ପଲମ ଆଦି ୯ରୁ ଉର୍ଦ୍ଧ୍ୱ ସ୍ଥାନରେ ଏଭଳି ନୋଟିସ୍ ଲାଗିଥିବା ଜଣାପଡ଼ିଛି। ଏହି ସମସ୍ତ ସ୍ଥାନ ବୌଦ୍ଧ କନ୍ଧମାଳ, ବାଉଁଶୁଣି, ମନମୁଣ୍ଡା ଥାନା ଅଞ୍ଚଳରେ ରହିଛି। କେକେବିଏନ୍ ସଂଗଠନର ୧୦ ଜଣ ମାଓବାଦୀଙ୍କୁ ଧରାଇବା ପାଇଁ ତାଙ୍କ ଉପରେ ରହିଛି ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି। ସୂଚନା ମୁତାବକ ବୌଦ୍ଧ ଜିଲାରେ ମାଓବାଦୀ ଗତିବିଧି ବୃଦ୍ଧି ପାଉଥିବାରୁ ଏହାକୁ ମୂଳପଛ କରିବା ପାଇଁ ଜିଲା ପୁଲିସ ପକ୍ଷରୁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଆଜି ବିଭିନ୍ନ ମାଓପ୍ରବଣ ସ୍ଥାନରେ ପୋଷ୍ଟର ଲଗାଯାଇଛି। ଯେଉଁଥିରେ ମାଓବାଦୀଙ୍କୁ ଧରାଇଲେ ଧରାଇବା ବ୍ୟକ୍ତିଙ୍କୁ ପୁରସ୍କାର ଦିଆଯିବ ବୋଲି ଉଲ୍ଲେଖ ରହିଛି। ଅନ୍ୟପଟେ ମାଓବାଦୀଙ୍କୁ ମଧ୍ୟ ଆହ୍ୱାନ ରହିଛି ସେମାନେ ଯଦି ଆତ୍ମସମର୍ପଣ କରନ୍ତି ତାଙ୍କୁ ମଧ୍ୟ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଷ୍ଟରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଅନ୍ୟପଟେ ଜିଲା ପୁଲିସ ପକ୍ଷରୁ ମାଓବାଦୀ ଆତ୍ମସମର୍ପଣ ପାଇଁ ଏଭଳି ପ୍ରୟାସ କରାଯାଇଛି ବୋଲି ବୌଦ୍ଧ ଏସ୍‌ପି ସୂଚନା ଦେଇଛନ୍ତି।

# ଆଜି ଶୁଭା ଶର୍ମାଙ୍କ 'ମିସେସ୍ ହାପିଲି ସିଙ୍ଗଲ୍'ର ଉନ୍ମୋଚନ



**ଭୁବନେଶ୍ୱର, ୧୭ା୧୦ (ସଂଚାର ବ୍ୟୁରୋ):** ଆସନ୍ତାକାଲି ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ଲେଖିକା ଶ୍ରୀମତୀ ଶୁଭା ଶର୍ମାଙ୍କ ରଚିତ ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍' ଉନ୍ମୋଚିତ ହେବାକୁ ଯାଉଛି। ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଆସନ୍ତାକାଲି ସନ୍ଧ୍ୟାରେ ଆୟୋଜିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଲେଖକ ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଟିକେ ମିଶ୍ର, 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ପ୍ରସିଦ୍ଧ ଲେଖକ ସତ୍ୟ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ସିଏସ୍ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପୁସ୍ତକକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପୁସ୍ତକଟି ଉପରେ ବିସ୍ତୃତ ଆଲୋଚନା କରାଯିବ। ନାରୀ ସଂଘର୍ଷ ଓ ଅସ୍ମିତା ଉପରେ ଆଧାରିତ ଏହି ଉପନ୍ୟାସଟି ଶ୍ରୀମତୀ ଶୁଭା ଶର୍ମାଙ୍କର ତୃତୀୟ ପୁସ୍ତକ। ପୂର୍ବରୁ ଶ୍ରୀମତୀ ଶର୍ମାଙ୍କର 'ଫ୍ଲାଏ ଅନ୍ ଦି ୱାକ ଆଣ୍ଡ ଅଦର ଷ୍ଟୋରିଜ୍' (୨୦୧୩) ଏବଂ 'ଦି ଅୱେସିସ୍ ଅଫ୍ ଆମ୍‌ନଗରୀ' ଶୀର୍ଷକ ଦୁଇଟି ପୁସ୍ତକ ବିପୁଳ ପାଠକୀୟ ଆଦୃତି ହାସଲ କରିପାରିଛି। ଏହା ବ୍ୟତୀତ ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କର ଅନେକ ହିନ୍ଦୀ କବିତା ପ୍ରକାଶ ପାଇଛି। ଲକ୍ଷ୍ନୌରେ ଜନ୍ମିତ ଶ୍ରୀମତୀ ଶର୍ମା ଲେଡ଼ି ଶ୍ରୀରାମ କଲେଜ ଓ ଜବାହରଲାଲ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଲାଭ ପରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇଥିଲେ ମଧ୍ୟ ଉଭୟ ବୃତ୍ତି ଓ ପ୍ରବୃତ୍ତିକୁ ଗୁରୁତ୍ୱ ଦେଇ ନିଜର ସୃଜନ ଯାତ୍ରା ଜାରି ରଖିଛନ୍ତି। ତାଙ୍କର ପ୍ରଭାବୀ ଏବଂ ହୃଦୟସ୍ପର୍ଶୀ ଲେଖାରେ ସରଳ ଭାଷାବିନ୍ୟାସ ଓ ଉପସ୍ଥାପନା ଶୈଳୀ ଦେଖିବାକୁ ମିଳିଥାଏ।

ବେଦାନ୍ତ ଲାଞ୍ଜିଗଡ଼ର ପ୍ରକଳ୍ପ ସଙ୍ଗମ

# ଚାଷୀଙ୍କ ପାଇଁ ସୃଷ୍ଟି ହୋଇଛି ନୂଆ ଆୟ ସ୍ରୋତ



**ଲାଞ୍ଜିଗଡ଼,୧୭ା୧୦(ସଂଚାର ବ୍ୟୁରୋ):** ଦେଶର ପ୍ରମୁଖ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଲାଞ୍ଜିଗଡ଼ରେ ଏହାର ପ୍ରମୁଖ ଜଳବିଭାଜିକା ଏବଂ ଜୀବିକା ପଦକ୍ଷେପ ପ୍ରକଳ୍ପ ସଙ୍ଗମ ଅଧୀନରେ ଏକ ମାଛ ଚାଷ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ପଦକ୍ଷେପ ବୈଜ୍ଞାନିକ ମାଛ ଚାଷ ମାଧ୍ୟମରେ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟଙ୍କ ପାଇଁ ବିକଳ୍ପ ଆୟ ସୁଯୋଗ ସୃଷ୍ଟି କରିବ। କଳାହାଣ୍ଡିର ମତ୍ସ୍ୟ ଏବଂ ପଶୁପାଳନ ବିଭାଗ ସହିତ ମିଳିତ ଭାବରେ କାର୍ଯ୍ୟକାରୀ ହୋଇଥିବା, ଏହି ପଦକ୍ଷେପ ୧୩ଟି ଗ୍ରାମର ପାଞ୍ଚ ଏକର ଜମିରେ କମ୍ପାନୀ ଦ୍ୱାରା ନିର୍ମିତ ୩୨ଟି ଜଳ ସଂରଚନାକୁ ବିସ୍ତାର କରିଛି, ଯାହା ୪୪ ଜଣ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ସିଧାସଳଖ ଲାଭ ପହଞ୍ଚାଇଛି। ଏହା ସେମାନଙ୍କୁ ମାଛ ଚାଷକୁ ଏକ ସ୍ଥାୟୀ ଜୀବିକା କାର୍ଯ୍ୟକଳାପ ଭାବରେ ଗ୍ରହଣ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ବୈଷୟିକ ସହାୟତା ପ୍ରଦାନ କରୁଛି।

ଏହି ପଦକ୍ଷେପ ବାର୍ଷିକ ୨୦ ଟନ୍ ମାଛ ଅମଳ କରିବ ବୋଲି ଆଶା କରାଯାଉଛି, ଯାହା ସ୍ଥାନୀୟ ଆବଶ୍ୟକତା ଏବଂ ବଜାର ଯୋଗାଣ ଉଭୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି ପ୍ରୟାସ ବିଷୟରେ ମନ୍ତବ୍ୟ ଦେଇ, ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ବେଦାନ୍ତ ଲାଞ୍ଜିଗଡ଼ରେ, ଆମେ ପରିବେଶଗତ ଓ ସାମାଜିକ ଲକ୍ଷ୍ୟ ସହ ସମନ୍ୱିତ ସ୍ଥାୟୀ ଜୀବିକା ସୁଯୋଗ ମାଧ୍ୟମରେ ସାମଗ୍ରିକ ସମ୍ପ୍ରଦାୟ ବିକାଶକୁ ଆଗେଇନେବା ପାଇଁ ପ୍ରତିବଦ୍ଧ। ପ୍ରକଳ୍ପ ସଙ୍ଗମ ଅଧୀନରେ ମାଛ ଚାଷ ପଦକ୍ଷେପ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଓ ରାଜ୍ୟର ବିକାଶ ଦୃଷ୍ଟିକୋଣ ସହ ସମନ୍ୱିତ କରିବା ସହ ଚାଷୀଙ୍କ ପାଇଁ ଆୟ ବିବିଧତାକୁ ସମର୍ଥନ କରେ। ମାଛ ଉତ୍ପାଦନ ବୃଦ୍ଧି କରିବା ବ୍ୟତୀତ ଏହି ପ୍ରୟାସ କଳାହାଣ୍ଡିରେ ମାଛ ଚାଷକୁ ଏକ ପ୍ରମୁଖ ଜୀବିକା ଉତ୍ସ ଭାବେ ପ୍ରୋତ୍ସାହିତ କରି ଓଡ଼ିଶାର 'ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦ' (ଓଡିଓପି) କାର୍ଯ୍ୟକ୍ରମକୁ ଦୃଢ଼ କରେ। ବିଦ୍ୟମାନ ଜଳାଶୟଗୁଡ଼ିକର ଉପଯୋଗ କରି ଏବଂ ଆଧୁନିକ ମାଛ ଚାଷ ଅଭ୍ୟାସଗୁଡ଼ିକୁ ସମନ୍ୱିତ କରି ଏହି ପ୍ରକଳ୍ପ ଚାଷୀମାନଙ୍କୁ ନୂତନ ଆୟ ସ୍ରୋତକୁ ଖୋଲିବା ସହ ଋତୁକାଳୀନ ପରିବର୍ତ୍ତନ ବିରୋଧରେ ସ୍ଥିରତା ନିର୍ମାଣ କରିବାକୁ ସଶକ୍ତ କରେ ତଥା ଦୀର୍ଘକାଳୀନ ଆର୍ଥିକ ସ୍ଥିରତାକୁ ପ୍ରୋତ୍ସାହିତ କରେ।

ଅର୍ବାନ ହାଟରେ ୟୁଜର୍ସ ଫି' ଆଦାୟ ପାଇଁ ନୂଆ ଟେଣ୍ଡର ଆହ୍ୱାନ

# ବିସ୍ଥାପିତ ଚିହ୍ନଟ, ପରିଚୟପତ୍ର ପ୍ରଦାନ ଓ ସ୍ଥାୟୀ ଥଇଥାନ ଦାବି

**କଟକ,୧୭ା୧୦(ସଂଚାର ବ୍ୟୁରୋ):** ଦିନକୁ ଦିନ ଅର୍ବାନ ହାଟରେ ଛତ୍ରବଜାର ରାସ୍ତାକଡରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ବ୍ୟବସାୟ କରିବା କଷ୍ଟସାଧ୍ୟ ହୋଇପଡ଼ିଲାଣି। ଛତ୍ରବଜାର ବ୍ୟବସାୟୀଙ୍କୁ ଅର୍ବାନ ହାଟରେ ଥଇଥାନ କରିବା ପାଇଁ ସରକାର ଉଦ୍ୟମ କରୁଥିବା ବେଳେ ଏବେ ପିଣ୍ଡିରୁ ୟୁଜର୍ସ ଫି' ଆଦାୟ କରିବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି।

ତେବେ କେଉଁମାନଙ୍କଠାରୁ ୟୁଜର୍ସ ଫି' ଆଦାୟ କରାଯିବ, କେଉଁମାନେ ପ୍ରକୃତ ବ୍ୟବସାୟୀ, କେଉଁମାନେ ବିସ୍ଥାପିତ, ତାହା ଚିହ୍ନଟ କରାଯାଇନାହିଁ କି ସୂଚନା ଅଧିକାର ଆଇନରେ ବ୍ୟବସାୟୀଙ୍କ ତାଲିକା ମଧ୍ୟ ମିଳୁନାହିଁ। ଫଳରେ ଟେଣ୍ଡର ପାଇବାକୁ ଥିବା ସଂସ୍ଥା କାହାକୁ ପିଣ୍ଡିରେ ବସିବାକୁ ଦେବ, କାହାକୁ ବାରଣ କରିବ, ତାହା ବ୍ୟବସାୟୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଛି। ମୂଳ କଥା ହେଲା ହେଲା, ପୂର୍ବରୁ ପିଣ୍ଡିରେ ବସୁଥିବା ବ୍ୟବସାୟୀଙ୍କୁ ଏଯାଏ ଚିହ୍ନଟ କରାଯାଇନାହିଁ ଓ ପରିଚୟପତ୍ର ପ୍ରଦାନ କରାଯାଇ ନାହିଁ। କେତେକ ପିଣ୍ଡିକୁ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ହାତେଇ ଭଡା ସୂତ୍ରରେ ଲଗାଇଥିବା ଅଭିଯୋଗ ହୋଇଥିଲା ଏବଂ ଅର୍ବାନ ହାଟରେ ବ୍ୟାପକ ଅବ୍ୟବସ୍ଥା ନେଇ ବାରମ୍ବାର କାଉନସିଲ ବୈଠକରେ ହୋହାଲ୍ଲା ହେବା ପରେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଉଚ୍ଛେଦ ବ୍ୟବସାୟୀଙ୍କୁ ଚିହ୍ନଟ ପରେ ବିସ୍ଥାପିତ ବ୍ୟବସାୟୀଙ୍କୁ ପ୍ରଥମେ ସୁଯୋଗ ଦେଇ ପିଣ୍ଡି ଆବଣ୍ଟନ କରାଯିବା, ପରିଚୟପତ୍ର ପ୍ରଦାନ ପରେ ଅର୍ବାନ ହାଟରୁ ୟୁଜର୍ସ ଫି' ଆଦାୟ କରାଯାଉ ବୋଲି 'ମୋ କଟକ ସୁରକ୍ଷା ମଞ୍ଚ'ର ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।




ଛତ୍ରବଜାରକୁ ବ୍ୟବସ୍ଥିତ କରିବା, ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଗତ ୨୦୨୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ କୋଟି ୮୦ ଲକ୍ଷ ବ୍ୟୟରେ ନିର୍ମିତ ଏହି ଅର୍ବାନ ହାଟକୁ ଉଦ୍‌ଘାଟନ କରିଥିଲେ। ଏଥିପାଇଁ ରାସ୍ତାକଡ଼ରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିଲା। କିନ୍ତୁ ସେମାନଙ୍କୁ ଚିହ୍ନଟ କରାଗଲା ନାହିଁ କି ପରିଚୟପତ୍ର ବି ଦିଆଗଲା ନାହିଁ। ଏବେ ଅର୍ବାନ ହାଟରେ ୫୪୫ଟି ପିଣ୍ଡି ରହିଛି। ପିଣ୍ଡିରେ, ପିଣ୍ଡି କଡ ଓ ହାଟ ରାସ୍ତାରେ ୧୫୦୦ରୁ ଅଧିକ ବ୍ୟବସାୟୀ ବସୁଥିବା ବେଳେ ବ୍ୟବସାୟୀଙ୍କୁ ପିଣ୍ଡି ବଣ୍ଟନ ହୋଇନାହିଁ ବୋଲି ତତ୍କାଳୀନ କମିଶନର ଘୋଷଣା କରିବା ସହ ହାଟରେ ବଡ଼ ବଡ଼ ବୋର୍ଡ ଲଗାଇଥିଲେ। ପୂର୍ବରୁ ସିଏମସି ପକ୍ଷରୁ ନିୟୋଜିତ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ବ୍ୟବସାୟୀଙ୍କଠାରୁ ଦୈନିକ ୨୦ ଟଙ୍କା ଆଦାୟ କରୁଥିଲା। ୧୯ ମାସରେ ଏହି ଟଙ୍କା ଆଦାୟରେ ୧ କୋଟି ଟଙ୍କାର ଜାଲିଆତି ଅଭିଯୋଗ ଆସିବାରୁ ପ୍ରାୟ ୩ ମାସ ହେବ ଟଙ୍କା ଆଦାୟ ବନ୍ଦ ରହିଛି। ଫଳରେ ଅଞ୍ଚଳରେ ପରିମଳ ବ୍ୟବସ୍ଥା ୩ ମାସ ହେଲା ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ସିଏମ୍‌ସି ବ୍ୟବସାୟୀଙ୍କ ଜୀବନଜୀବିକା ସହ ଖେଳୁଥିବାରୁ ଏହା ବିରୋଧରେ ଆଗାମୀ ଦିନରେ ମଞ୍ଚ ସମ୍ପାଦକ ଶ୍ରୀ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ମୃତାହତ ତୀର୍ଥଯାତ୍ରୀଙ୍କୁ ସହଯୋଗ କରାଯାଉଛି

**ଭୁବନେଶ୍ୱର,୧୭ା୧୦(ସଂଚାର ବ୍ୟୁରୋ):** ଜାମ୍ମୁ-କାଶ୍ମୀର ସ୍ଥିତ ମା' ବୈଷ୍ଣୋଦେବୀଙ୍କ ଦର୍ଶନ କରିବାକୁ ଯାଇଥିବା ବେଳେ ୪ ଜଣ ଓଡ଼ିଆ ତୀର୍ଥଯାତ୍ରୀ ଜାମ୍ମୁର କାଟ୍ରାଠାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଓଡ଼ିଆ ତୀର୍ଥଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ମୃତ ତୀର୍ଥଯାତ୍ରୀମାନେ ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲାର ବିଚିତ୍ର କୁମାର ସାହୁ, ଯୋଗୀନ୍ଦ୍ର ମଟାରୀ ଓ କବିତା ସାହୁ। ସେହିପରି ଚତୁର୍ଥ ତୀର୍ଥଯାତ୍ରୀ ଜଣଙ୍କ ସୁବର୍ଣ୍ଣପୁର ଜିଲ୍ଲାର ସ୍ନେହଲତା ମଟାରୀ ହୋଇଥିବା ବେଳେ ସେ ଗୁରୁତର ଅବସ୍ଥାରେ ଜାମ୍ମୁସ୍ଥିତ ଏକ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ୩ ତୀର୍ଥଯାତ୍ରୀଙ୍କ ମୃତଦେହ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଉଛି। ଏଥିସହ ଜାମ୍ମୁରେ ଚିକିତ୍ସିତ ହେଉଥିବା ଆହତ ତୀର୍ଥଯାତ୍ରୀଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଉଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଛି।

# ପ୍ରବାସୀ ଶ୍ରମିକ ମୃତ୍ୟୁସଂଖ୍ୟା ବଢୁଛି



**ଭୁବନେଶ୍ୱର,୧୭ା୧୦:** ପେଟ ପାଟଣା ପାଇଁ ରାଜ୍ୟ ବାହାରକୁ କାମ ଅନ୍ୱେଷଣରେ ଯାଉଥିବା ପ୍ରବାସୀ ଶ୍ରମିକମାନଙ୍କ ମଧ୍ୟରୁ କେତେକ ଶବ ହୋଇ ଫେରୁଛନ୍ତି। ବର୍ଷକୁ ବର୍ଷ ଏମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କେଉଁ ଶବ ସରକାରଙ୍କ ସହାୟତାରେ ଫେରୁଛି ତ ଆଉ କିଏ ବେସରକାରୀ ଅନୁଷ୍ଠାନ ଓ ରାଜନୈତିକ ହସ୍ତକ୍ଷେପ ପରେ ଆସୁଛି।

ରାଜ୍ୟ ବାହାରେ କାର୍ଯ୍ୟରତ ପ୍ରବାସୀ ଶ୍ରମିକମାନଙ୍କ ମୃତ୍ୟୁବରଣ ସଂଖ୍ୟା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି।୨୦୨୧ ମସିହାରେ ରାଜ୍ୟ ବାହାରେ ୧୪ଜଣ ଶ୍ରମକ ମୃତ୍ୟୁବରଣ କରିଥିବାବେଳେ ୨୦୨୨ରେ ଏମାନଙ୍କ ସଂଖ୍ୟା ୩୧କୁ ବୃଦ୍ଧି ପାଇଥିଲା। ୨୦୨୩ରେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ସଂଖ୍ୟା ୪୨ ହୋଇଥିବାବେଳେ ଗତ ବର୍ଷ ୧୨୦ଜଣ ଶ୍ରମିକ ରାଜ୍ୟ ବାହାରେ କାର୍ଯ୍ୟରତ ଥିବାବେଳେ ମୃତ୍ୟୁବରଣ କରିଥିଲେ। ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ଏଭଳି ଶ୍ରମିକମାନଙ୍କର ମୃତ୍ୟୁ ସଂଖ୍ୟା ୮୨ରେ ପହଞ୍ଚିଗଲାଣି।

ରାଜ୍ୟ ବାହାରକୁ କାମ ପାଇଁ ଯାଉଥିବା ବ୍ୟକ୍ତିମାନଙ୍କ ପାଇଁ ସରକାର ଠିକାଦାରମାନଙ୍କୁ ଲାଇସେନ୍ସ ପ୍ରଦାନ କରିଥାନ୍ତି। ଲାଇସେନ୍ସପ୍ରାପ୍ତ ଏହି ଠିକାଦାରମାନେ ଶ୍ରମିକମାନଙ୍କୁ ଓଡିଶାରୁ ନେଇ ଅନ୍ୟ ରାଜ୍ୟରେ କାମରେ ଲଗାଇଥାନ୍ତି। ୨୦୨୪ ମସିହାରେ ଶ୍ରମିକ ନେବାପାଇଁ ୧୦୩୭ ଜଣ ଠିକାଦାରଙ୍କୁ ସରକାର ଲାଇସେନ୍ସ ପ୍ରଦାନ କରିଥିଲେ। ୭୦ହଜାରରୁ ଅଧିକ ଶ୍ରମିକଙ୍କୁ ରାଜ୍ୟ ବାହାରକୁ ନେବାପାଇଁ ସେମାନଙ୍କୁ ଅନୁମତି ମିଳିଥିଲା। ଚଳିତବର୍ଷ ଅଗଷ୍ଟ ଶେଷ ସୁଦ୍ଧା ୨୧୭ଜଣ ଶ୍ରମ ଠିକାଦାରଙ୍କୁ ସରକାର ଅନୁମତି ପ୍ରଦାନ କରିଛନ୍ତି।

ଶ୍ରମିକ ଠିକାଦାରମାନଙ୍କ ବାହାରେ ବି ବହୁ ସଂଖ୍ୟକ ଲୋକ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି। ବିଶେଷକରି ପଶ୍ଚିମଓଡିଶା ଓ ଦକ୍ଷିଣଓଡିଶାରୁ ଅଧିକ ସଂଖ୍ୟାରେ ଲୋକେ ଓଡିଶାରେ ବାହାରେ କାର୍ଯ୍ୟରତ ଅଛନ୍ତି। ଯେଉଁମାନେ ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ବ୍ୟତିରକେ କାମ ଅନ୍ୱେଷଣରେ ଯାଉଛନ୍ତି ସେମାନଙ୍କର ସୂଚନା ପ୍ରାୟତଃ ସରକାରଙ୍କ ନିକଟରେ ରହୁନାହିଁ। ତେଣୁ ସେହିସବୁ ଶ୍ରମିକ କେଉଁଠାରେ ଅସୁବିଧାରେ ପଡିଲେ କିମ୍ବା ମୃତ୍ୟୁବରଣ କଲେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିପାରୁ ନାହାନ୍ତି। ତେଣୁ ରାଜ୍ୟ ବାହାରକୁ ଯାଉଥିବା ଶ୍ରମିକମାନେ ସେମାନଙ୍କ ତଥ୍ୟ ଲାଇସେନ୍ସପ୍ରାପ୍ତ ଠିକାଦାର କିମ୍ବା ରାଜ୍ୟ ପ୍ରଶାସନ ନିକଟରେ ଦାଖଲ କରିବାକୁ ବାରମ୍ବାର କୁହାଯାଉଛି।

ତେବେ ଅନ୍ୟ ରାଜ୍ୟରୁ ଉଦ୍ଧାର ହେଉଥିବା ଓଡିଶାର ଶ୍ରମିକମାନଙ୍କ ସଂଖ୍ୟାରେ କିଛିଟା ହ୍ରାସ ପରିଲକ୍ଷିତ ହୋଇଛି। ସରକାରୀ ତଥ୍ୟ ଅନୁସାରେ ୨୦୨୨ ମସିହାରେ ରାଜ୍ୟ ବାହାରକୁ କାମ ପାଇଁ ଯାଇଥିବା ଶ୍ରମିକମାନଙ୍କ ମଧ୍ୟରୁ ୧୧୯୬ ଜଣ ଉଦ୍ଧାର ହୋଇଥିବାବେଳେ ୨୦୨୩ରେ ଏହି ସଂଖ୍ୟା ୧୬୩୯କୁ ବୃଦ୍ଧି ପାଇଥିଲା। ତେବେ ୨୦୨୪ରେ ଉଦ୍ଧାର ଶ୍ରମିକଙ୍କ ସଂଖ୍ୟା ୧୦୫୫ କୁ ହ୍ରାସ ପାଇଥିବା ବେଳେ ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ଉଦ୍ଧାର ଶ୍ରମିକଙ୍କ ସଂଖ୍ୟା ୯୩୭ ହୋଇଛି।

ରାଜ୍ୟରେ କୃଷି ଭିତ୍ତିକ ଶିଳ୍ପ, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ପୋଷାକ ଶିଳ୍ପ ଆଦିର ସେତେଟା ବିକାଶ ହୋଇପାରିନଥିବାରୁ କୁଶଳୀ ଶ୍ରମିକମାନେ ବାଧ୍ୟ ହୋଇ ରାଜ୍ୟ ବାହାରକୁ ଯାଉଛନ୍ତି। କେତେକ ଶ୍ରମିକ ମଧ୍ୟ ଅଧିକ ପାରିଶ୍ରମିକ ଆଶାରେ ରାଜ୍ୟ ବାହାରକୁ ଏପରିକି ଦେଶ ବାହାକୁ ଯାଉଛନ୍ତି। ତେବେ ସରକାର ବର୍ତ୍ତମାନ ଏମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ସେମାନଙ୍କ ସୂଚନା ସଂଗ୍ରହ କରୁଥିବାରୁ ଆଗାମୀ ଦିନରେ ଉଦ୍ଧାର ଓ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ ବୋଲି ଆଶା କରାଯାଉଛି। (ତଥ୍ୟ)

# ଚନ୍ଦ୍ରଶେଖରପୁର ଡିଏଭିରେ ବ୍ରିଟିଶ୍ ଡେପୁଟି ହାଇକମିଶନର୍



**ଭୁବନେଶ୍ୱର, ୧୭ା୧୦ (ସଂଚାର ବ୍ୟୁରୋ):** ସମସ୍ୟା ଓ ସଂଘର୍ଷ ମଣିଷକୁ ଦୃଢକରି ଗଢ଼ିତୋଳେ। ଆଜିର ଆହ୍ୱାନଗୁଡ଼ିକୁ ସଫଳତାର ସହ ସମ୍ମୁଖୀନ ହୋଇପାରିଲେ ତାହା ଆସନ୍ତାକାଲି ପାଇଁ ଅସାମାନ୍ୟ ସଫଳତା ଆଣିଥାଏ ବୋଲି ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରର ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମରେ ଭାଗନେଇ ବ୍ରିଟିଶ୍ ଡେପୁଟି ହାଇକମିଶନର୍ ଡ. ଆଣ୍ଡ୍ରିଉ ଫ୍ଲେମିଂ ମତପ୍ରକାଶ କରିଛନ୍ତି। ଡ.ଫ୍ଲେମିଂ ତା'ଙ୍କ ବକ୍ତବ୍ୟରେ ନିଜର ଅନୁଭୂତି ବର୍ଣ୍ଣନା କରିବା ସହ ଆନନ୍ଦମୟ ଶୈଶବକୁ ବ୍ୟକ୍ତିତ୍ୱଗଠନର ଭିତ୍ତିଭୂମି ରୂପରେ ଅଭିହିତ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଜ୍ଞାନ ଓ କୌଶଳର ସୁସମନ୍ୱୟ ଉପରେ ଗୁରୁତ୍ୱାରୋପ କରି ସେ ସମ୍ପ୍ରତି ବିଦ୍ୟାର୍ଥୀମାନଙ୍କ ଭିତରେ ଅଶେଷ ସମ୍ଭାବନା ଦେଖିପାରୁଥିବା କଥା କହିଥିଲେ। ଭାରତର ବିବିଧତାପୂର୍ଣ୍ଣ ସଂସ୍କୃତିକୁ ପ୍ରଶଂସା କରି ଡ. ଫ୍ଲେମିଂ ଏହାକୁ ଦେଶର ଶ୍ରେଷ୍ଠ ପୁଞ୍ଜି ବୋଲି ଆଖ୍ୟା ଦେଇଥିଲେ। ବକ୍ତବ୍ୟ ପରେ ସେ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇ ଲୋକେ କଦାପି ଭଲକାମକୁ ଭୁଲନ୍ତି ନାହିଁ ବୋଲି ସେ ମତ ରଖିଥିଲେ। ନିଜ କାମରୁ ସନ୍ତୋଷ ଗ୍ରହଣ କରିପାରିଲେ ଲକ୍ଷ୍ୟ ହାସଲର ମାର୍ଗ ପ୍ରଶସ୍ତ ହୋଇଥାଏ ବୋଲି ବକ୍ତବ୍ୟ ଛଳରେ ଡ. ଫ୍ଲେମିଂ କହିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ସନ୍ତୋଷ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମନୋଜ୍ଞ ଉତ୍ସବରେ ଅଧ୍ୟକ୍ଷା ଡ. ସୁଜାତା ସାହୁ ସ୍ୱାଗତ ଭାଷଣ ଦେବା ସହ ଆୟୋଜନର ଆଭିମୁଖ୍ୟ ନେଇ ସୂଚନା ଦେଇଥିଲେ। ୟଙ୍ଗ ଇଣ୍ଡିଆନ୍ସ, ଭୁବନେଶ୍ୱର ଓ କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ସଂସ୍ଥାର କର୍ମକର୍ତ୍ତା ଆୟୁଷ ଜାସୋରିଆ, ଅବନୀଶ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀମାନେ ଲୋକପ୍ରିୟ ରଙ୍ଗବତୀ ଓ ବିବିଧ ନୃତ୍ୟ ପ୍ରଦର୍ଶନ ଜରିଆରେ ମୁଖ୍ୟ ଅତିଥିଙ୍କ ମନୋରଞ୍ଜନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଡ. ଫ୍ଲେମିଂଙ୍କୁ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ | ଶନିବାର ୧୮ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Saturday 18 October 2025, Bhubaneswar

# ବିଶ୍ୱାସ ନା ବାସ୍ତବତା ?

ଧନତେରସ, ଦୀପାବଳିର ପ୍ରଥମ ଦିନ, ଭାରତୀୟ ସଂସ୍କୃତିରେ ଏକ ବିଶେଷ ସ୍ଥାନ ରଖିଛି। ଏହି ଦିନ ସୁନା, ରୂପା କିମ୍ବା ଅନ୍ୟାନ୍ୟ ଅଳଙ୍କାର କିଣିବାକୁ ଶୁଭ ବୋଲି ବିବେଚନା କରାଯାଏ। ପୁରାଣ କଥାନୁସାରେ, ଏହି ଦିନ ଧନ୍ୱନ୍ତରୀ ଦେବତାଙ୍କର ଜନ୍ମ ଦିବସ ଏବଂ ସମୁଦ୍ର ମନ୍ଥନରୁ ଅମୃତ କଳସ ପ୍ରାପ୍ତିର ସ୍ମୃତିରେ ପାଳନ କରାଯାଏ। କିନ୍ତୁ ପ୍ରଶ୍ନ ଉଠୁଛି: ଏହି ବିଶ୍ୱାସ କେବଳ ଏକ ପରମ୍ପରାଗତ ଧାରଣା ନା ଏଥିରେ କିଛି ବାସ୍ତବତା ରହିଛି? ଏହି ସମ୍ପାଦକୀୟରେ ଆମେ ଏହି ବିଷୟକୁ ବିଶ୍ଳେଷଣ କରିବା।

ପ୍ରଥମେ, ବିଶ୍ୱାସର ଦିଗକୁ ଦେଖିବା। ହିନ୍ଦୁ ଧର୍ମରେ ଧନତେରସ ଧନ ଏବଂ ସମୃଦ୍ଧିର ପ୍ରତୀକ। ଲକ୍ଷ୍ମୀ ଦେବୀଙ୍କୁ ପୂଜା କରିବା ଏବଂ ନୂତନ ବସ୍ତୁ କିଣିବା ଦ୍ୱାରା ଘରକୁ ସମୃଦ୍ଧି ଆସିବ ବୋଲି ବିଶ୍ୱାସ କରାଯାଏ। ଅଳଙ୍କାର କିଣିବା କେବଳ ଏକ ଆର୍ଥିକ କାର୍ଯ୍ୟ ନୁହେଁ, ବରଂ ଏକ ଆଧ୍ୟାତ୍ମିକ ଅନୁଷ୍ଠାନ। ଅନେକ ଲୋକ କହନ୍ତି ଯେ ଏହି ଦିନ କିଣାଯାଇଥିବା ସୁନା କିମ୍ବା ରୂପା ସବୁଦିନ ପାଇଁ ଶୁଭ ଫଳ ଦେଇଥାଏ। ଏହା ଏକ ସାମାଜିକ ପରମ୍ପରା ଯାହା ପରିବାରକୁ ଏକତ୍ରିତ କରିଥାଏ ଏବଂ ଉତ୍ସବର ଆନନ୍ଦ ବଢ଼ାଇଥାଏ। କିନ୍ତୁ ଏହା କେବଳ ବିଶ୍ୱାସ ଉପରେ ଆଧାରିତ। ବିଜ୍ଞାନର ଦୃଷ୍ଟିରୁ ଦେଖିଲେ, କୌଣସି ଦିନରେ କିଣାଯାଇଥିବା ଅଳଙ୍କାରର ମୂଲ୍ୟ କିମ୍ବା ଶୁଭତା ଉପରେ କୌଣସି ପ୍ରଭାବ ପଡ଼ିନଥାଏ। ଏହା କେବଳ ମନର ସନ୍ତୋଷ ଏବଂ ଧାର୍ମିକ ଭାବନାର ଫଳ। ଏବେ ବାସ୍ତବତାର ଦିଗକୁ ବିଚାର କରିବା। ଆର୍ଥିକ ଦୃଷ୍ଟିରୁ ଧନତେରସରେ ଅଳଙ୍କାର କିଣିବା ଏକ ବୁଦ୍ଧିମାନ ନିଷ୍ପତ୍ତି ହୋଇପାରେ। ଏହି ସମୟରେ ବଜାରରେ ଅନେକ ଅଫର୍ ଏବଂ ରିହାତି ମିଳିଥାଏ, ଯାହା କ୍ରେତାଙ୍କୁ ଲାଭ ଦେଇଥାଏ। ସୁନାର ମୂଲ୍ୟ ସବୁବେଳେ ବଢ଼ିଥାଏ, ତେଣୁ ଏହା ଏକ ନିରାପଦ ନିବେଶ। ଉଦାହରଣ ସ୍ୱରୂପ, ଭାରତରେ ଧନତେରସ ସମୟରେ ସୁନା ବିକ୍ରିରେ ବୃଦ୍ଧି ଘଟିଥାଏ, ଯାହା ଅର୍ଥନୀତିକୁ ଉତ୍ତେଜିତ କରିଥାଏ। କିନ୍ତୁ ଏହା ଶୁଭତାର ବାସ୍ତବତା ନୁହେଁ, ବରଂ ବଜାର ଗତିଶୀଳତାର ଫଳ। ଯଦି ଆପଣ ଅନଲାଇନ୍ କିମ୍ବା ବଡ଼ ଦୋକାନରୁ କିଣନ୍ତି, ତେବେ ହଲମାର୍କ୍ ଏବଂ ଗୁଣବତ୍ତା ଯାଞ୍ଚ କରିବା ଜରୁରୀ। ଅନେକ ସମୟରେ ଉତ୍ସବ ସମୟରେ ମୂଲ୍ୟ ବଢ଼ିଯାଏ, ତେଣୁ ଏହା ସବୁବେଳେ ଲାଭଦାୟକ ନୁହେଁ।

ବିଶ୍ୱାସ ଏବଂ ବାସ୍ତବତା ମଧ୍ୟରେ ଏକ ସନ୍ତୁଳନ ରଖିବା ଆବଶ୍ୟକ। ଧର୍ମ ଏବଂ ପରମ୍ପରା ମନକୁ ଶାନ୍ତି ଦେଇଥାଏ, କିନ୍ତୁ ଆର୍ଥିକ ନିଷ୍ପତ୍ତି ବୁଦ୍ଧିପୂର୍ଣ୍ଣ ହେବା ଉଚିତ୍। ଯଦି ଆପଣ ଧନତେରସରେ ଅଳଙ୍କାର କିଣନ୍ତି, ତେବେ ଏହାକୁ ଏକ ନିବେଶ ଭାବରେ ଦେଖନ୍ତୁ, ନା କେବଳ ଶୁଭତାର ପ୍ରତୀକ ଭାବରେ।



**ହିନ୍ଦୁ ଧର୍ମରେ ଧନତେରସ ଧନ ଏବଂ ସମୃଦ୍ଧିର ପ୍ରତୀକ। ଲକ୍ଷ୍ମୀ ଦେବୀଙ୍କୁ ପୂଜା କରିବା ଏବଂ ନୂତନ ବସ୍ତୁ କିଣିବା ଦ୍ୱାରା ଘରକୁ ସମୃଦ୍ଧି ଆସିବ ବୋଲି ବିଶ୍ୱାସ କରାଯାଏ। ଅଳଙ୍କାର କିଣିବା କେବଳ ଏକ ଆର୍ଥିକ କାର୍ଯ୍ୟ ନୁହେଁ, ବରଂ ଏକ ଆଧ୍ୟାତ୍ମିକ ଅନୁଷ୍ଠାନ। ଅନେକ ଲୋକ କହନ୍ତି ଯେ ଏହି ଦିନ କିଣାଯାଇଥିବା ସୁନା କିମ୍ବା ରୂପା ସବୁଦିନ ପାଇଁ ଶୁଭ ଫଳ ଦେଇଥାଏ।**

ଆଧୁନିକ ସମାଜରେ ଏହି ବିଶ୍ୱାସକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିବା ଦରକାର। ଉଦାହରଣ ସ୍ୱରୂପ, ପାଶ୍ଚାତ୍ୟ ଦେଶମାନଙ୍କରେ କ୍ରିସମାସ୍ ସମୟରେ ଉପହାର କିଣିବା ସମାନ ବିଶ୍ୱାସ ରଖିଥାଏ, କିନ୍ତୁ ଏହା ବଜାର ଉତ୍ତେଜନାର ଫଳ।

ସାରାଂଶରେ କହିବାକୁ ଗଲେ, ଧନତେରସରେ ଅଳଙ୍କାର କିଣିବା ଏକ ବିଶ୍ୱାସ ଯାହା ସାମାଜିକ ଏବଂ ସାଂସ୍କୃତିକ ମୂଲ୍ୟବୋଧରେ ଆଧାରିତ। ଏହାର ବାସ୍ତବତା ଆର୍ଥିକ ଲାଭ ଏବଂ ନିବେଶରେ ରହିଛି, ନା କୌଣସି ଅଲୌକିକ ଶକ୍ତିରେ। ଆମେ ପରମ୍ପରାକୁ ସମ୍ମାନ ଦେବା ସହିତ ଯୁକ୍ତିବାଦୀ ହେବା ଉଚିତ୍। ଏହି ଉତ୍ସବ ଆନନ୍ଦର ଅବସର ହେଉ, ନା ଅନ୍ଧବିଶ୍ୱାସର।

# ଅକ୍ଟୋବର, ଗାନ୍ଧୀ, ଜାଲିଆନାବାଲା ବାଗ୍ ଓ ଖିଲାଫତ ଆନ୍ଦୋଳନ



ଗୋପାଳ ମହାପାତ୍ର

ଭାରତର ରାଜନୈତିକ ଇତିହାସ ଏବଂ ଅକ୍ଟୋବର ମାସ ପ୍ରସଙ୍ଗରେ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଏହି ମାସର ଗୁରୁତ୍ୱ ରହିଛି। କାରଣ ହେଉଛି ଏହି ମାସର ୨ ତାରିଖରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଥାଏ। ଦ୍ୱୀତୀୟ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି ଏହିମାସର ବା ଅକ୍ଟୋବର ୧୭ ତାରିଖରେ ମୁସଲମାନ ମାନେ ଖିଲାଫତ ଆନ୍ଦୋଳନ ଆରମ୍ଭ କରିଥିଲେ। ଗାନ୍ଧୀ ଏବଂ ଖିଲାଫତ ଆନ୍ଦୋଳନ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ଦେଶରେ ଯେତିକି ଯେତିକି ସଚେତନତା ବଢ଼ିଥିଲା ଲୋକେ ସେତିକି ଗାନ୍ଧୀଙ୍କ ଆଡକୁ ଆକର୍ଷିତ ହୋଇଥିଲେ ଓ ଗାନ୍ଧୀଙ୍କୁ ବୁଝିବା ପାଇଁ ଉଦ୍ୟମ କରିଥିଲେ। ଏହି କାରଣରୁ ୭୫ ବର୍ଷ ପୂର୍ବର ପିଢ଼ୀ ଯେଭଳି ଭାବରେ ଗାନ୍ଧୀଙ୍କୁ ଆଖି ବୁଜି ବିଶ୍ୱାସ କରୁଥିଲେ ଏବେର ପିଢ଼ୀ ଗାନ୍ଧୀଙ୍କୁ ସେମିତି ବିଶ୍ୱାସ କରିପାରୁ ନାହାଁନ୍ତି। ଏହି କାହାଣୀ ରାଲେଟ ଆକ୍ଟରୁ ଆରମ୍ଭ ହୋଇଛି। ୧୯୧୯ ମସିହା ଫେବୃୟାରୀ ୬ ତାରିଖରେ ତତ୍କାଳୀନ ବ୍ରିଟିଶ୍ ସରକାର କ୍ରାନ୍ତିକାରୀ (ସ୍ୱାଧିନତା ସଂଗ୍ରାମୀ) ମାନଙ୍କ ସ୍ୱାଧିନତା ଆନ୍ଦୋଳନକୁ ଦଳିମକଚି ବିଫଳ କରିବା ପାଇଁ ଏହି ରାଲେଟ ଆକ୍ଟ ପ୍ରଣୟନ କରିଥିଲେ। ଏହି ଆଇନ ଅନୁସାରେ ବ୍ରିଟିଶ ସରକାର ଯେ କୌଣସି ବ୍ୟକ୍ତିକୁ ବିନା ଓ୍ୱାରେଣ୍ଟରେ ଗିରଫ କରିବା ସହ ଜେଲକୁ ପଠାଇ ପାରୁଥିଲେ। ଇମ୍ପେରିଆଲ ଲେଜିସଲେଟିଭ କାଉନସିଲକୁ ନିର୍ବାଚିତ ହୋଇଥିବା ଭାରତୀୟ ପ୍ରତିନିଧି ଯଥା ମଦନମୋହନ ମାଲବ୍ୟ, ମହମ୍ମଦ ଅଲ୍ଲୀ ଜିନ୍ନା ଏବଂ ମଜହର ଭଲ ହକ ଏହି ଆଇନ ପାଇଁ ଆଗତ ବିଧେୟକ ବିରୁଦ୍ଧରେ କାଉନସିଲରେ ମତଦାନ କରିବା ସହ ଇସ୍ତଫା ଦେଇଥିଲେ।

୧୯୧୯ ମସିହା ମାର୍ଚ୍ଚ ୩୦ ତାରିଖରେ ଗାନ୍ଧୀ ରାଲେଟ ଆକ୍ଟ କୁ ବିରୋଧ କରି ସତ୍ୟାଗ୍ରହ ଆରମ୍ଭ କରିଥିଲେ। ସତ୍ୟାଗ୍ରହ ଆରମ୍ଭ ହେବା ପୂର୍ବରୁ ଦେଶର ଅନେକ ସ୍ଥାନରେ ବ୍ରିଟିଶ ବିରୋଧି ପ୍ରଦର୍ଶନ ଏବଂ ବିଦ୍ରୋହ ଆରମ୍ଭ ହୋଇଯାଇଥିଲା। ଅମୃତସର ( ପଞ୍ଜାବ)ର ଦୁଇଜଣ ନେତା ଡ଼କ୍ଟର ସତ୍ୟପାଳ ଏବଂ ସୈଫୁଦ୍ଦିନଙ୍କୁ ଏପ୍ରିଲ ୯ ତାରିଖରେ ବ୍ରିଟିଶ ସରକାର ଗିରଫ କରି କଳାପାଣି ପଠାଇଦେଇଥିଲେ। ବ୍ରିଟିଶ ସରକାରଙ୍କ ଏହି ଗିରଫଦାରୀକୁ ବିରୋଧ କରି ସ୍ଥାନୀୟ ଲୋକମାନେ ଏପ୍ରିଲ ୧୩ ତାରିଖ ବୈଶାଖୀ ଉତ୍ସବ ଅବସରରେ ଜାଲିଆନାବାଲା ବାଗ୍ ଠାରେ ବିରୋଧ ପ୍ରଦର୍ଶନର ଆୟୋଜନ କରିଥିଲେ। ଏହି ବିରୋଧ ପ୍ରଦର୍ଶନକୁ ଭଣ୍ଡୁର କରିବା ପାଇଁ ବ୍ରିଗେଡ଼ିୟର ଜେନେରାଲ ରେଜିଲାଲଡ଼ ଡ଼ାୟର ଉପସ୍ଥିତ ଲୋକଙ୍କ ଉପରକୁ ଗୁଳି ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ରିଟିସ ଫୌଜଙ୍କ ଗୁଳିରେ୪୦୦ରୁ ଅଧିକ ଲୋକଙ୍କ ପ୍ରାଣ ଯାଇଥିଲା ଓ ୨ହଜାରରୁ ଅଧିକ ଲୋକ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଥିଲେ ୪୧ ନାବାଳକ। ଏହି ଜଘନ୍ୟ ଗୁଳିକାଣ୍ଡ ଜନିତ ହତ୍ୟା ଘଟଣା ଭଗବତସିଂହ ଏବଂ ଉଦ୍ଧମ ସିଂହଙ୍କୁ ବ୍ରିଟିଶ ଶାସନ ବିରୁଦ୍ଧରେ ଯିବା ପାଇଁ ପ୍ରେରିତ କରିଥିଲା। ଏଥି ସହିତ ଗଦର ପାର୍ଟି ନାମରେ ସଂଗଠିତ କିଛି ବ୍ରିଟିଶ ବିରୋଧି କ୍ରାନ୍ତିକାରୀ ଅସ୍ତ୍ରଶସ୍ତ୍ର ଚୋରି କରି ଭାରତୀୟ ସୈନିକଙ୍କୁ ବ୍ରିଟିଶ ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଜାଲିଆନାବାଲା ବାଗ ଘଟଣାର ୨୧ବର୍ଷ ପରେ ୧୯୪୦ ମସିହା ମାର୍ଚ୍ଚ ୧୩ ତାରିଖରେ ଉଦ୍ଧମସିଂହ ଲଣ୍ଡନରେ ଜେନେରାଲ ଡ଼ାୟରଙ୍କ ସହଯୋଗୀ ମାଇକେଲ ଡ଼ାୟରକୁ ହତ୍ୟା କରିଥିଲେ। ବ୍ରିଟିଶ ସରକାର ୧୯୪୦ ମସିହା ଜୁଲାଇ ମାସ ୩୧ ତାରିଖରେ ଉଦ୍ଧମ ସିଂହଙ୍କୁ ଫାଶୀ ଦେଇଥିଲେ।

ଭାରତର ସ୍ୱାଧିନତା ସଂଗ୍ରାମ ଉପରେ ଜାଲିଆନାବାଲା ବାଗ୍ ହତ୍ୟାକାଣ୍ଡ ଅଧିକ ପ୍ରଭାବ ପକାଇଥିଲା। ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଏହି ଜଘନ୍ୟ ହତ୍ୟାକାଣ୍ଡକୁ ବିରୋଧ କରି ବ୍ରିଟିଶ ସରକାର ତାଙ୍କୁ ଦେଇଥିବା ନାଇଟହୁଡ଼ ଉପାଧିକୁ ପରିତ୍ୟାଗ କରିଥିଲେ। ଗୋଟିଏ ପଟେ ଜାଲିଆନାବାଲା ବାଗ୍ ହତ୍ୟାକାଣ୍ଡ ପରେ କ୍ରାନ୍ତିକାରୀ ଆନ୍ଦୋଳନ ଅଧିକ ହେବାରେ ଲାଗିଥିଲା ଓ ଅନ୍ୟପଟେ ଗାନ୍ଧୀ ସବୁ ବର୍ଗଙ୍କୁ ନିଜ ସହ ସାମିଲ କରି ଶାନ୍ତି ପୂର୍ବକ ବିରୋଧର ରାସ୍ତା ଆପଣେଇଥିଲେ। କିନ୍ତୁ ସେତେବେଳେ ଅଣ କଂଗ୍ରେସ ମୁସଲମାନ ମାନେ ଗାନ୍ଧୀଙ୍କ ଆନ୍ଦୋଳନରେ ଭାଗ ନେବା ପାଇଁ ମନା କରି ଦେଇଥିଲେ। ସେମାନେ ଆନ୍ଦୋଳନରେ ଭାଗ ନନେବାର କାରଣ ଥିଲା ଯେ ଜାଲିଆନାବାଲା ବାଗ୍ ଗୁଳିକାଣ୍ଡରେ ଅଧିକ ସଂଖ୍ୟକ ହିନ୍ଦୁ ଓ ଶିଖ ପ୍ରାଣ ହରାଇଥିଲେ। ଏହି ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ମୁସଲମାନଙ୍କ ସଂଖ୍ୟା ନଗଣ୍ୟ ଥିଲା। ଆନ୍ଦୋଳନ ବେଳେ ଲୋକେ ହିଂସାକାଣ୍ଡ ଘଟାଇଥିବା କାରଣରୁ ଗାନ୍ଧୀ ରାଲେଟ ଆକ୍ଟ ବିରୁଦ୍ଧରେ କରିଥିବା ସତ୍ୟାଗ୍ରହ ପ୍ରତ୍ୟାହାର କରିନେଇଥିଲେ। ଅନେକଙ୍କ ମତରେ ଗାନ୍ଧୀ ସେତେବେଳେ ହିଁସାର ବାହାନା କରି ସତ୍ୟାଗ୍ରହ ପ୍ରତ୍ୟାହାର କରିଦେଇଥିଲେ। କିନ୍ତୁ ଜାଲିଆନାବାଲା ବାଗ୍ର ଆନ୍ଦୋଳନରେ ଲୋକେ କୌଣସି ହିଁସାକାଣ୍ଡ ଘଟାଇ ନଥିଲେ। ସ୍ଥାନୀୟ ଲୋକେ ରାଲେଟ ଆକ୍ଟ ଏବଂ ସତ୍ୟପାଳ ଓ ସୈଫୁଦ୍ଦିନଙ୍କ ଗିରଫଦାରୀକୁ ଶାନ୍ତିପୁର୍ଣ୍ଣ ଭାବେ ବିରୋଧ କରିଥିଲେ। ଜାଲିଆନାବାଲା ବାଗ୍ ଗୁଳିକାଣ୍ଡ ଘଟଣା ଉପରେ ବ୍ରିଟିଶ ସରକାର ଏକ କମିଶନ ବସାଇଥିଲେ ଓ ସେଇ କମିଶନ (ହଣ୍ଟରକମିଶନ)ଙ୍କ ଶୁପାରିଶ କ୍ରମେ ଜେନେରାଲ ଡ଼ାୟାରଙ୍କୁ ତାଙ୍କ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା।

ଅସହଯୋଗ ଆନ୍ଦୋଳନ ଆରମ୍ଭ ପୁର୍ବରୁ ଗାନ୍ଧୀ ମୁସଳମାନ ମାନଙ୍କ ସମର୍ଥନ ହାସଲ କରିବାକୁ ଚାହୁଁଥିଲେ। କିନ୍ତୁ ସେତେବେଳେ ଭାରତୀୟ ମୁସଲମାନ ମାନେ ଭାରତର ସ୍ୱାଧିନତା ଅପେକ୍ଷା ତୁର୍କୀର ଇସଲାମିକ ଶାସନର ପ୍ରତୀକ ଖଲିଫାଙ୍କ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଉଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ପରେ ବ୍ରିଟିଶ ସରକାର ଖଲିଫା (ତୁର୍କୀର ସୁଲତାନ)ଙ୍କୁ ତାଙ୍କ ପଦବୀରୁ ହଟାଇବାକୁ ଚାହୁଁଥିଲେ। ଭାରତୀୟ ମୁସଲମାନମାନେ ତୁର୍କୀର ଖଲିଫାଙ୍କ ସପକ୍ଷରେ ଆନ୍ଦୋଳନର ରଣନୀତି ପ୍ରସ୍ତୁତ କରୁଥିଲେ କାରଣ ସେମାନେ ଖଲିଫାଙ୍କୁ ମହମ୍ମଦ ପୈଗମ୍ବରଙ୍କ ଧାର୍ମିକ ଏବଂ ରାଜନୈତିକ ଉତ୍ତରାଧିକାରୀ ବୋଲି ଭାବୁଥିଲେ। ୧୯୧୯ ମସିହା ଅକ୍ଟୋବର ୧୭ ତାରିଖକୁ ମୁସଲମାନ ମାନେ ଖିଲାଫତ ଦିବସ ଭାବେ ପାଳନ କରିଥିଲେ ଏବଂ ନଭେମ୍ବର ୨୩ ତାରିଖରେ ଦିଲ୍ଲୀରେ ଖିଲାଫତ ଆନ୍ଦୋଳନ ପାଇଁ ସମ୍ମିଳନୀର ଆୟୋଜନ କରିଥିଲେ। ଗାନ୍ଧୀ ମୁସଲମାନ ମାନଙ୍କ ସମର୍ଥନ ପାଇଁ ଖିଲାଫତ ଆନ୍ଦୋଳନକୁ ସମର୍ଥନ କରିଥିଲେ ଏବଂ ଅଖିଳ ଭାରତୀୟ ଖିଲାଫତ ସମ୍ମିଳନୀର ଅଧକ୍ଷ ହୋଇଥିଲେ। ଖିଲାଫତ ଆନ୍ଦୋଳନ ବେଳେ ୨୦୨୧ ମସିହା ଅଗଷ୍ଟ ୨୦ ତାରିଖରେ ଦକ୍ଷିଣ ମାଲାବାରଠାରେ ହିନ୍ଦୁଙ୍କ ବିରୁଦ୍ଧରେ ହିଁସାକାଣ୍ଡ ଘଟିଥିଲା ଓ ୨୫ ହଜାରରୁ ଅଧିକ ହିନ୍ଦୁଙ୍କ ହତ୍ୟା ହୋଇଥିଲା। ବାମପନ୍ଥୀ ଐତିହାସିକ ମାନେ ମୋପଲା ବିଦ୍ରୋହକୁ ଖିଲାଫତ ଆନ୍ଦୋଳନ ଠାରୁ ଭିନ୍ନ ବୋଲି ଦର୍ଶାଇବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ତଥ୍ୟ ହେଉଛି ଏ ଦୁଇ ଆନ୍ଦୋଳନ ପରସ୍ପର ସହ ଜଡିତ। ମୋପାଲା ଆନ୍ଦୋଳନର ନେତା ଥିଲେ ଅଲି ମୁସଲିଆର ମସଜିଦର ଇମାମ। ସେ ମଧ ଖିଲାଫତ ଆନ୍ଦୋଳନର ପ୍ରମୁଖ ନେତା ଥିଲେ। ଖିଲାଫତ ଆନ୍ଦୋଳନ ବେଳେ ଇମାମଜଣକ ହିନ୍ଦୁ ଜମିଦାର ମାନଙ୍କୁ ଟାର୍ଗେଟ କରି ଭୂମିହୀନ ମୁସଲିମ କୃଷକ ମାନଙ୍କର ଏକ ସଂଗଠନ ଗଢ଼ିଥିଲେ। ପରବର୍ତ୍ତୀ ସମୟରେ ଖିଲାଫତ ଆନ୍ଦୋଳନକୁ ସମର୍ଥନ କରିବା ତାଙ୍କର ଏକ ମସ୍ତବଡ଼ ଭୁଲ ଥିଲା ବୋଲି ନିଜେ ଗାନ୍ଧୀ ସ୍ୱୀକାର କରିଛନ୍ତି। ୨୦୨୨ ମସିହା ଫେବୃୟାରୀ ୪ତାରିଖରେ ଚୌରୀ ଚୌରା ଠାରେ ଘଟିଥିବା ହିଁସାକାଣ୍ଡ ପରେ ଗାନ୍ଧୀ ରାଲେଟ ଆକ୍ଟ ବିରୁଦ୍ଧରେ କରିଥିବା ସତ୍ୟାଗ୍ରହକୁ ପ୍ରତ୍ୟାହାର କଲାଭଳି ଅସହଯୋଗ ଆନ୍ଦୋଳନକୁ ସ୍ଥଗିତ କରିଦେଇଥିଲେ।



ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ଦୀପାବଳି ଓ ଧନତ୍ରୟୋଦଶୀ ଓ ଧନତେରସ



ଡଃ ଅମୂଲ୍ୟ କୁମାର ପଣ୍ଡା

ଆମର ବାରମାସରେ ତେର ପର୍ବ ମଧ୍ୟରୁ ଆଲୋକର ପର୍ବ ଦୀପାବଳିକୁ ନେଇ ଘରେ ଘରେ ଆନନ୍ଦ ପରିଲକ୍ଷିତ ହୋଇଥାଏ। ତେବେ ଦୀପାବଳି ପୂର୍ବରୁ ଧନତେରସ ପାଳନ କରାଯିବାର ଏକ ବିଧି ରହିଛି। ହେଲେ ଏହି ଧନତେରସ କାହିଁକି ପାଳନ କରାଯାଏ ସେ କଥା ହୁଏତ କେତେକେ ଜାଣି ନ ଥିବେ। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶିରେ ଧନତେରସ ପାଳନ କରାଯାଇଥାଏ। ଏହିଦିନ ଧନ୍ୱନ୍ତରୀଙ୍କ ଜନ୍ମ ହୋଇଥିଲା ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଏହାକୁ ଧନତେରସ କୁହାଯାଏ। ଏହିଦିନ ମା’ ଲକ୍ଷ୍ମୀ ଓ କୁବେରଙ୍କ ପୂଜା କରାଯାଏ। ଏପରି କଲେ ଘରେ ଅଭାବ ରୁହେନାହିଁ ବୋଲି ବିଶ୍ୱାସ ରହିଛି। ତେବେ ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ, ଭଗବାନ ଧନ୍ୱନ୍ତରୀ ଏହିଦିନ ସମୁଦ୍ର ମନ୍ଥନ ସମୟରେ ସୁନା କଳସ ନେଇ ପ୍ରକଟ ହୋଇଥିଲେ। ଆଉ ସେହି କଳସରେ ଥିବା ଅମୃତ ପାନ କରି ଦେବାତାମାନେ ଅମର ହୋଇ ଯାଇଥିଲେ। ଏହାର ୨ଦିନ ପରେ ମା’ଲକ୍ଷ୍ମୀଙ୍କର ପ୍ରକଟ ହୋଇଥିବା କୁହାଯାଏ। ତେଣୁ ଦୀପାବଳିର ୨ ଦିନ ପୂର୍ବରୁ ଧନତେରସ ପାଳନ କରାଯାଇଥାଏ। ଆହୁରି ମଧ କୁହାଯାଏ ଧନ୍ୱନ୍ତରୀ ଦେବତାଙ୍କର ବୈଦ୍ୟ ଥିଲେ। ତେଣୁ ଧନ୍ୱନ୍ତରୀଙ୍କୁ ପୂଜାକଲେ ଶରୀର ସୁସ୍ଥ ରହିଥାଏ।ଧନତେରସ ଦିନ ଯମ ଦୀପଦାନ କରିବାର ମହତ୍ତ୍ୱ ହେଉଛି ଏହିଦିନ

ଯମଙ୍କୁ ପୂଜା କରାଯାଇଥାଏ। ଏହି ଦୀପ ମଣିଷ ଜୀବନର ଅକାଳ ମୃତ୍ୟୁର ଭୟକୁ ଦୂର କରେ ଏବଂ ପରିବାରର ସ୍ୱାସ୍ଥ୍ୟ ଓ ଆୟୁ ଶୁଭ କରେ। ଜ୍ୟୋତିଷ ଓ ପାରମ୍ପରିକ ମାନ୍ୟତା ଅନୁଯାୟୀ, ଯମ ଦୀପଦାନକୁ କେବେ ମଧ ଖାଲି ରଖି ଜଳାଇବା ଉଚିତ୍ ନୁହେଁ। ଏହାର ଭିତରେ ଗୋଟେ ସୁପାରି (ଗୁଆ), ଗୋଟେ ହଳଦିଆ କଉଡ଼ି, ଏବଂ ଗୋଟେ (ପଇସା) ରଖାଯାଏ। ଏହି ତିନିଟି ଜିନିଷ ସମୃଦ୍ଧି, ଆୟୁ ଓ ଶୁଭ ଫଳର ପ୍ରତୀକ ବୋଲି ମନାଯାଇଥାଏ। ଏହି ଦୀପଦାନ ମାନବ ଜୀବନରୁ ଅକାଳ ମୃତ୍ୟୁକୁ ଦୂର କରେ। ତା ସହିତ ଯମରାଜଙ୍କ ନିକଟରେ ଘରେ ସମସ୍ତଙ୍କ ଦୀର୍ଘାୟୁ ଓ ଭଲ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରାଯାଏ। ଏହି ଦୀପ ଜଳାଇଲେ ଅଶୁଭ ଦୃଷ୍ଟି ଓ ଅଶୁଭ ଶକ୍ତି ଘର ପାଖ ମାଡ଼ିବେ ନାହିଁ। ଧନବନ୍ତରୀ ଦେବ ଆୟୁର୍ବେଦର ଜନକ ଭାବେ ପରିଚିତ। ତେଣୁ ଏହି ଦିନ ଅନେକ ଚିକିତ୍ସକ ଓ ଆୟୁର୍ବେଦ ଗୁରୁମାନେ ତାଙ୍କ ପୂଜା କରନ୍ତି। ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ଏହି ପୂଜା କରାଯାଏ। ଧନତେରସ କେବଳ ଧନ କିମ୍ବା ସୁନା କିଣିବା ଦିନ ନୁହେଁ, ଏହା ଆମକୁ ଶିଖାଏ ଯେ ସତ୍ୟ ଧନ ହେଉଛି ସ୍ୱାସ୍ଥ୍ୟ, ସଦାଚାର ଓ ସମ୍ପୂର୍ଣ୍ଣ ଜୀବନ।ଏହି ଦିନ ଆମେ ଆଲୋକ ଦ୍ୱାରା ଅନ୍ଧକାରକୁ ଦୂର କରି, ନିଜ ମନରେ ଶୁଭଚିନ୍ତା ଓ ସମୃଦ୍ଧି ଆଣିବା ଶିଖିଥାଉ।

ପୁରାଣ ଅନୁସାରେ ସମୁଦ୍ର ମନ୍ଥନ ସମୟରେ ଶ୍ରୀ ଧନବନ୍ତରୀ ଦେବ ଅମୃତ ଘଟ ସହିତ ଉପସ୍ଥିତ ହେଇଥିଲେ। ସେ ଦେବତାମାନଙ୍କୁ ଜୀବନ ଓ ସ୍ୱାସ୍ଥ୍ୟ ଦାନ କରିଥିଲେ। ତେଣୁ ଧନତେରସ ଦିନରେ ଧନବନ୍ତରୀ ଦେବଙ୍କ ପୂଜା କରି ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ଅନେକ ଜଣ ପ୍ରାର୍ଥନା କରନ୍ତି। ଅନ୍ୟ ଦିଗରୁ, ଏହି ଦିନ ଲକ୍ଷ୍ମୀ ଦେବୀଙ୍କୁ ମଧ ସମ୍ପଦ ଓ ଧନର ପ୍ରତୀକ ଭାବେ ପୂଜା କରାଯାଏ। ମନେ କରାଯାଏ ଯେ ଯେଉଁ ଘରେ ଏହି ଦିନ ଲକ୍ଷ୍ମୀ ପୂଜା କରାଯାଏ, ସେଠି ଧନ ସମୃଦ୍ଧି ରହେ ଓ ଦୁର୍ଭିକ୍ଷ ଦୂର ହୁଏ। ତେବେ ଅନ୍ୟ କିଛି ଶାସ୍ତ୍ର ଅନୁଯାଇ ଧନତେରଶ ରେ ୧୩ ଦୀପ ଜଳାଇବା ଦ୍ୱାରା ଧନ, ସମୃଦ୍ଧି ଓ ସ୍ୱାସ୍ଥ୍ୟ ପ୍ରାପ୍ତି ହୋଇଥାଏ, ଏହା ଗୋଟିଏ ପାରମ୍ପରିକ ଉପାୟ ଏହା କରିବା ଦ୍ୱାରା ମା ଲକ୍ଷ୍ମୀ ଓ କୁବେର ଦେବତା ସନ୍ତୁଷ୍ଟ ହୁଅନ୍ତି। କୁବେରଙ୍କୁ ଦୀପ ଅର୍ପଣ କରିବା ପରେ ଗୋଟା ଗୁଆ, ଗୋଟା ନଡ଼ିଆ, ଧୂପ, ଦୀପ, ଚନ୍ଦନ ସିନ୍ଦୁର ଓ ପଦ୍ମ ଫୁଲ ଦେଇ ବିଧି ବିଧାନ ଭାବରେ ପୂଜା କରାଯାଇଥାଏ। ଘରର ମୁଖ୍ୟ ଦ୍ୱାରରେ ହଳଦୀ ଓ ଚାଉଳର ମିଶ୍ରଣ ପ୍ରସ୍ତୁତ କରି ଓଁ ଲେଖି, ଏବଂ ମା ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଏ। ଏହାଦ୍ୱାରା ସୁଖ ସମୃଦ୍ଧିର ଆଗମନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏବଂ ଏହା ସହିତ ଦକ୍ଷିଣ ବର୍ତି ଶଙ୍ଖକୁ ଜଳ ଭରି ରଖାଯାଏ ଓ ନାଲି କପଡାଟିଏ ଘୋଡାଇ ତା ଉପରେ ତୁଳସୀ, ଚାଉଳ, ହଳଦୀ ଏବଂ ଫୁଲ ଅର୍ପଣ କରାଯାଏ। ଏହା ଦ୍ୱାରା ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ ବୋଲି ମଧ ବିଶ୍ୱାସ ରହିଛି। ଏହି ଦିନ ସୁନା, ଚାନ୍ଦି କିମ୍ବା ନୂତନ ପାତ୍ର କିଣିବାକୁ ଶୁଭ ମନାଯାଏ। ଏହା ଧନ ଲାଭ ଓ ସମୃଦ୍ଧିର ପ୍ରତୀକ। ଅନେକ ଲୋକ ଏହି ଦିନ ଗାଡ଼ି, ଜମି କିମ୍ବା ନୂତନ ବସ୍ତୁ କିଣି ସେଗୁଡ଼ିକୁ ଲକ୍ଷ୍ମୀ ଦେବୀଙ୍କ ପାଖରେ ଅର୍ପଣ କରନ୍ତି। ଧନତେରସ ମଧ ବ୍ୟବସାୟୀ ମାନଙ୍କ ପାଇଁ ଗୁରୁତ୍ୱ, କାରଣ ଏହି ଦିନ ଅନେକ ବ୍ୟବସାୟୀମାନେ ତାଙ୍କର ନୂତନ ବର୍ଷ ଆରମ୍ଭ କରନ୍ତି। ବହୁଜଣ ନୂତନ ହିସାବ ଖାତା ଆରମ୍ଭ କରି “ଶୁଭ ଲାଭ” ଲେଖନ୍ତି। ଧନତେରସ ହେଉଛି ଧନ, ସଫଳତା ଓ ବ୍ୟବସାୟିକ ସମୃଦ୍ଧିର ଦିନ। ଧାର୍ମିକ ଗ୍ରନ୍ଥ ଅନୁଯାୟୀ, ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହୋଇଥିଲେ। କିମ୍ବଦନ୍ତୀ ଅନୁଯାୟୀ, ଧନ୍ୱନ୍ତରୀ ହିଁ ଅମୃତ କଳସ ନେଇ ବାହାରକୁ ଆସିଥିଲେ ଯେଉଁଥି ପାଇଁ ସମୁଦ୍ର ମନ୍ଥନ କରାଯାଇଥିଲା। ସେ ଆୟୁର୍ବେଦର ମୁଖ୍ୟ ତଥା ଚିକିତ୍ସା କ୍ଷେତ୍ରରେ ଦେବତାମାନଙ୍କର ଚିକିତ୍ସକ ଭାବରେ ଜଣାଶୁଣା। ତେଣୁ ଧନ୍ୱନ୍ତୀଙ୍କୁ ଆରୋଗ୍ୟତା ପ୍ରଦାନ କରୁଥିବା ଦେବତା ଭାବରେ ବିବେଚନା କରାଯାଏ। ବିଶ୍ୱାସ କରାଯାଏ ଯେ ତାଙ୍କୁ ପୂଜା କଲେ ସମସ୍ତ ରୋଗରୁ ମୁକ୍ତି ମିଳିଥାଏ ଏବଂ ଆରୋଗ୍ୟତା ପ୍ରାପ୍ତ ହୁଏ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଯେତେବେଳେ ଧନ୍ୱନ୍ତରୀ ହେଉଛନ୍ତି ଆରୋଗ୍ୟର ଦେବତା ଯିଏ ଦେବତାଙ୍କୁ ଆରୋଗ୍ୟତା ପ୍ରଦାନ କରନ୍ତି ତେବେ ତାଙ୍କୁ ଧନତେରସ ଦିନ କାହିଁକି ପୂଜା କରାଯାଏ ? କିମ୍ବଦନ୍ତୀ ଅନୁଯାୟୀ, ଅମୃତ କଳସ ପାଇଁ ଦେବତା ଏବଂ ରାକ୍ଷସମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ହୋଇଥିଲା। ସମୁଦ୍ର ମନ୍ଥନରୁ ଗୋଟିଏ ପରେ ଗୋଟିଏ ୧୪ ଟି ରତ୍ନ ବାହାରିଥିଲା, ସେଥିମଧ୍ୟରୁ ଶେଷଟି ଅମୃତ କଳସ ଥିଲା ଯେଉଁଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିଲେ। ଯେଉଁ ଦିନ ଧନ୍ୱନ୍ତରୀ ଅମୃତ କଳସ ସହିତ ଉତ୍ପନ୍ନ ହେଲେ ସେହି ଦିନ କାର୍ତ୍ତିକ କୃଷ୍ଣ ପକ୍ଷ ତ୍ରୟୋଦଶୀ ଥିଲା ଏବଂ ପରେ ଏହି ଦିନ ଧନତେରସ ପାଳିତ ହେଲା। ତେଣୁ ଧନତେରସ ଦିନ ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ। ଏହି ତିଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିବାରୁ ଧନତେରସକୁ ଧନତ୍ରୟୋଦଶୀ କିମ୍ବା ଧନ୍ୱନ୍ତରୀ ଜୟନ୍ତୀ ଭାବରେ ପାଳନ କରାଯାଏ।




ଅରଙ୍ଗାବାଦ ବରୀ ଯାଜପୁର, ମୋବାଇଲ: ୯୯୩୮୯୦୬୦୭୦

# ଦାରିଦ୍ର୍ୟ ହ୍ରାସ କେତେ ସଫଳ ?

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଦେଶରେ ଗତ ଏକ ଦଶନ୍ଧି ମଧ୍ୟରେ ୨୭କୋଟିରୁ ଭାରତୀୟ ଦାରିଦ୍ର୍ୟରୁ ମୁକୁଳିଥିବା ନେଇ ଗତ ଜୁନ ମାସରେ ବିଶ୍ୱବ୍ୟାଙ୍କରେ ବୈଶ୍ୱିକ ଦାରିଦ୍ର୍ୟ ରିପୋର୍ଟ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହି ରିପୋର୍ଟରେ କୁହାଯାଇଥିଲା ଯେ, ୨୦୧୧-୧୨ରେ ଭାରତର ଦାରିଦ୍ର୍ୟ ହାର ୨୭ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହି ହାର ୫.୩ ପ୍ରତିଶତକୁ ହ୍ରାସ ପାଇଛି। କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ବହୁବିଧ ଦାରିଦ୍ର୍ୟ ଦୂରିକରଣ ଯୋଜନା ଓ କାର୍ଯ୍ୟକ୍ରମ ଯୋଗୁଁ ଭାରତରେ ଦାରିଦ୍ର୍ୟ ହାର ହ୍ରାସ ପାଇଥିବା କୁହାଯାଇଥିଲା। କିନ୍ତୁ କେନ୍ଦ୍ର ମନ୍ତ୍ରୀ ନୀତିନ୍ ଗଡ଼କରି ନିକଟରେ ଦେଶରେ ଦାରିଦ୍ର୍ୟ ନେଇ ଯାହା କହିଛନ୍ତି, ତାହା ନିଶ୍ଚିତ ଭାବେ ଗୁରୁତ୍ୱ ବହନ କରେ। ଗଡ଼କରୀ କହିଛନ୍ତି ଯେ, ଦେଶରେ ଧନୀଙ୍କ ସମ୍ପତ୍ତି ବଢ଼ିଚାଲିଥିବାବେଳେ ଏହା ସହିତ ତାଳଦେଇ ଗରିବୀ ବଢ଼ିଚାଲିଛି। ଦେଶର ସର୍ବାଧିକ ସମ୍ପତ୍ତି ୫ପ୍ରତିଶତ ଧନୀଙ୍କ ନିକଟରେ ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏହା ହିଁ ଗରିବୀ ବଢ଼ିବା କ୍ରମବର୍ଦ୍ଧିଷ୍ଣୁ ଆର୍ଥୀକ ଅସମାନତାର ଦୃଷ୍ଟାନ୍ତ ବୋଲି ଗଡ଼କରି ଦର୍ଶାଇଛନ୍ତି। ତେଣୁ ଦେଶରେ ଦାରିଦ୍ର୍ୟ ହାର ହ୍ରାସ ପାଇବା ନେଇ ସରକାରୀ ଦ୍ୱନ୍ଦ ଉପୁଜିବା ସ୍ୱାଭାବିକ। ଏକ ସର୍ଭେ ରିପୋର୍ଟରେ ତଥ୍ୟ ଅନୁଯାୟୀ ଦେଶର ମୋଟ ଜନସଂଖ୍ୟାର ୧୩ପ୍ରତିଶତ ଅର୍ଥାତ ୧୯କୋଟି ଲୋକ ରାତିରେ ପେଟପୁରା ନଖାଇ ଅଧା ଭୋକିଲା ପେଟରେ କାଳାତିପାତ କରିଥାନ୍ତି। ଯାହାକି ଦାରିଦ୍ର୍ୟର ପ୍ରମାଣ ବୋଲି କୁହାଯାଇପାରେ। କେବଳ ଏତିକି ନୁହେଁ, ଅତ୍ୟାବଶ୍ୟକୀୟ ପୁଷ୍ଟିକର ଖାଦ୍ୟର ଅଭାବ ଉଭୟ ଶାରୀରିକ ବୃଦ୍ଧି ଓ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରୁଛି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ, କ୍ଷୁଧା ଏକ ସାଧାରଣ ଶରୀର ବା ସ୍ୱାସ୍ଥ୍ୟ ହାନିର କାରଣ। ଦାରିଦ୍ର୍ୟ ଏବଂ ଅସମାନତା ହେଉଛି ଜଣେ ବ୍ୟକ୍ତି ଯଥେଷ୍ଟ ପରିମାଣର ପୁଷ୍ଟିକାରକ ଖାଦ୍ୟ ନପାଇବାର ମୁଖ୍ୟକାରଣ। କ୍ଷୁଧା ମଣିଷର ବିକାଶକୁ ସୀମିତ କରିଦେଇଥାଏ। ଉଲ୍ଲେଖଯୋଗ୍ୟ ଭାରତ ଓ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରବର୍ତ୍ତିତ ଦାରିଦ୍ର୍ୟ ମାପଦଣ୍ଡରେ ବ୍ୟାପକ ତାରତମ୍ୟ ରହିଛି। ଦୀର୍ଘ ବର୍ଷ ବର୍ଷ ଧରି ଭାରତର ଦାରିଦ୍ର୍ୟ ମାନଦଣ୍ଡ ସଂଶୋଧନ ହୋଇନଥିବାବେଳେ ବିଶ୍ୱବ୍ୟାଙ୍କ ୨୦୧୭ର ମୂଲ୍ୟ ଆଧାରରେ ଜଣଙ୍କର ଦୈନିକ ଆୟ ୨.୧୫ ଡଲାର ଅର୍ଥାତ ୧୮୧ ଟଙ୍କା ଧାର୍ଯ୍ୟ କରିଥିଲା। କିନ୍ତୁ ଏସବିଆଇର ଏକ ଗବେଷଣତ୍ମକ ରିପୋର୍ଟରେ ଭାରତର ଦାରିଦ୍ର୍ୟ ରେଖା ୨୦୨୩-୨୪ରେ ଜଣେ ବ୍ୟକ୍ତିର ଗ୍ରାମାଚଂଳ ପାଇଁ ଦୈନିକ ଆୟ ୫୪ଟଙ୍କା ଏବଂ ସହରାଚଂଳ ପାଇଁ ୬୫ଟଙ୍କା ଧାର୍ଯ୍ୟ କରିଥିଲା। ଏହା ନିସନ୍ଦେହ ଯେ, ଜଣେ ବୟସ୍କ ବ୍ୟକ୍ତିର ଦୈନିକ ଆବଶ୍ୟକତା ପୁରଣ ଉଭୟ ଅର୍ଥ ପରିମାଣ ଯଥେଷ୍ଟ ନୁହେଁ ସେ ଯାହା ହେଉନା କାହିଁକି ଏହା ଜଣେ ବ୍ୟକ୍ତିର ଦୟନୀୟ ଦାରିଦ୍ର୍ୟକୁ ଚିତ୍ରଣ କରୁଛି ବୋଲି କୁହାଯାଇପାରିବ। ଆହୁରି ମଧ ଏସବିଆଇ ଦେଶରେ ମାତ୍ର ୫ ପ୍ରତିଶତ ଅର୍ଥାତ ୭କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ଆକଳନ କରିଛି। ଭାରତରେ ମଧ ଦାରିଦ୍ର୍ୟ ରେଖା ଦୈନିକ ଖାଉଟି ବ୍ୟୟ ଉପରେ ବିବେଚନା କରାଯାଏ। ତେବେ ପ୍ରଶ୍ନ ଉଠୁଛି ଏତିକି ପରିମାଣର ଆୟରେ ଜଣେ ବ୍ୟକ୍ତି ଘରଭଡା, ଖାଦ୍ୟ, ଶିକ୍ଷା, ଔଷଧ ଓ ଅନ୍ୟାନ୍ୟ ଖର୍ଚ୍ଚ କରିପାରିବ। ସମ୍ଭବ। କହିବା ବାହୁଲ୍ୟ ବର୍ତମାନରର ବଜାର ଦର ଅନୁସାରେ ମୌଳିକ ଆବଶ୍ୟକତା ପୁରଣ ପାଇଁ ଜଣେ ବ୍ୟକ୍ତିର ସର୍ବନିମ୍ନ ୩୦୦୦ଟଙ୍କା ଆବଶ୍ୟକ ହେଉଥିବା ବେଳେ କେନ୍ଦ୍ର ସରକାର ଦୈନିକ ସର୍ବନିମ୍ନ ମଜୁରୀ ୧୭୮ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏସବିଆଇ ମଧ ଗ୍ରାମାଚଂଳ ପାଇଁ ଦୈନିକ ୧୩୭ ଟଙ୍କା ଧାର୍ଯ୍ୟ କରିଥିବାବେଳେ ସହରାଚଂଳ ପାଇଁ ୨୩୩ଟଙ୍କା ଧାର୍ଯ୍ୟ କରିଛି। ତଥାପି ଏହା ଜଣେ ବ୍ୟକ୍ତିର ଜୀବନ ଧାରଣ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହୋଇରହିଛି। ଉଲ୍ଲେଖଯୋଗ୍ୟ ଯେ, ଦାରିଦ୍ର୍ୟର ମାପକାଠି ନିର୍ଣ୍ଣୟ ପାଇଁ ଅତୀତରେ ବହୁ ଶିକ୍ଷାବିତ୍, ମେଧାବୀ ବହୁ ଗବେଷଣାମୂଳକ ତଥ୍ୟ ପ୍ରକାଶ କରିଥିବାବେଳେ କୌଣସି ଗୋଟିଏ ହେଲେ ରିପୋର୍ଟ ଦାରିଦ୍ର୍ୟର ସମସ୍ତ ସର୍ତାବଳୀକୁ ପୁରଣ କରିପାରିନାହାନ୍ତି। ଭାରତ ସରକାର ମଧ ଦୀର୍ଘ ବର୍ଷ ବର୍ଷ ଧରି କୌଣସି ମାନଦଣ୍ଡ ସ୍ଥିର କରିପାରିନାହାଁନ୍ତି। ବିଶ୍ୱବ୍ୟାଙ୍କ ହେଉ ଅବା ଏସବିଆଇ ହେଉ କିମ୍ବା ସରକାର ହୁଅନ୍ତୁ ଦାରିଦ୍ର୍ୟ ହାର ହ୍ରାସ ନେଇ ଡିଣ୍ଡିମ ପିଟୁଥିଲେ ମଧ ବାସ୍ତବ କ୍ଷେତ୍ରରେ ଦୁଇଓଳା ପେଟପୁରା ଖାଇବାକୁ ସମର୍ଥ ହେଉନାହାଁନ୍ତି। ଦେଶରୁ ଦାରିଦ୍ର୍ୟ ହ୍ରାସ ପାଉଥିବା ନେଇ କେନ୍ଦ୍ର ସରକାର ଡିଣ୍ଡିମ ପିଟୁଥିବାବେଳେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଦେଶର ୬୬ପ୍ରତିଶତ ତଥା ୧କୋଟି ୩୫ଲକ୍ଷ ଲୋକଙ୍କୁ ମୁଣ୍ଡପିଛା ମାସିକ ୫କିଲୋ ଖାଦ୍ୟଶସ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି। ୨୦୨୪ ଜାନୁୟାରୀ ପହିଲାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ମୋଟ ୨୭କୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଛନ୍ତି। ତେବେ ୮୦କୋଟି ଲୋକଙ୍କୁ ମାଗଣା ଖାଦ୍ୟାଶସ୍ୟ ଯୋଗାଇଦେବାର ଯଥାର୍ଥତା କ’ଣ। ଏହି ଯୋଜନା ଖାଦ୍ୟ ନିରାପତାକୁ ସୁଦୃଢ଼ କରିଛି ସତ କିନ୍ତୁ ବାସ୍ତବରେ ବହୁ ସଂଖ୍ୟାକ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଆହୁରି ମଧ ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ ବହୁ ସଂଖ୍ୟାକ ଲୋକ ଦାରିଦ୍ର୍ୟ ଏବଂ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସଦ୍ୟ ପ୍ରକାଶିତ ସମାନତା ରିପୋର୍ଟରେ ଯଦିଓ ଭାରତ ଚତୁର୍ଥ ସ୍ଥାନରେ ରହିଛି, ତଥାପି ଏହା ଦ୍ୱନ୍ଦ ମୁକ୍ତ ନୁହେଁ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩






## ବାୟୁସେନାକୁ ହସ୍ତାନ୍ତର ହେଲା ତେଜସ ଏମ୍‌କେ୧ଏ

**ନୂଆଦିଲ୍ଲୀ,୧୭।୧୦:** ଭାରତ ପାଇଁ ଆଜି ଏକ ବଡ଼ ଦିନ। ପ୍ରତିରକ୍ଷା ଆତ୍ମନିର୍ଭରଶୀଳତା ଦିଗରେ ଏକ ଐତିହାସିକ ପଦକ୍ଷେପ ନେଇ ସ୍ୱଦେଶୀ ନିର୍ମିତ ତେଜସ ଏମକେ ୧ ଲଢୁଆ ବିମାନ ନାସିକର ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ପ୍ଲାଣ୍ଟରୁ ପ୍ରଥମ ଉଡ଼ାଣ ଭରିଛି। ଏହି ଐତିହାସିକ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉପସ୍ଥିତ ଥିଲେ।

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନାସିକରେ ହିନ୍ଦୁସ୍ତାନ ଏରୋନଟିକ୍ସର ନୂତନ ଉତ୍ପାଦନ ସୁବିଧାରୁ ତେଜସ ଏଲ୍‌ସିଏ ଏମ୍‌କେ-୧ଏ ଲଢୁଆ ବିମାନର ଉଦଘାଟନ କରିଛନ୍ତି। ଏଲ୍‌ସିଏ ଏମ୍‌କେ-୧ଏ ପାଇଁ ତୃତୀୟ ଉତ୍ପାଦନ ଲାଇନ ଏବଂ ଏଚ୍‌ଟିଟି-୪୦ ବିମାନ ପାଇଁ ଦ୍ୱିତୀୟ ଉତ୍ପାଦନ ଲାଇନର ମଧ ଉଦଘାଟନ କରିଛନ୍ତି। ତେଜସ ଏମ୍‌କେ-୧ଏ ନାସିକରୁ ପ୍ରଥମ ଥର ପାଇଁ ଉଡ଼ାଣ ଭରିଛି। ଏହି ଉତ୍ପାଦନ ଭାରତୀୟ ବାୟୁସେନାର ସାମଗ୍ରିକ ଶକ୍ତି ଏବଂ କ୍ଷମତାକୁ ବୃଦ୍ଧି କରିବ। ଏହି ଲଢୁଆ ବିମାନର ପ୍ରଥମ ଉଡ଼ାଣ ଦେଖି ଛାତି ଗର୍ବରେ ଫୁଲି ଉଠିଥିବା କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ବେଙ୍ଗାଲୁରୁରେ ଥିବା ଦୁଇଟି ପ୍ଲାଣ୍ଟରେ ଲଢୁଆ ବିମାନ ତେଜସ ପୂର୍ବରୁ ତିଆରି କରାଯାଉଛି, ଯାହା ବାର୍ଷିକ ୧୬ ଟି ବିମାନ ତିଆରି କରୁଛି। ୧୫୦ କୋଟିରୁ ଅଧିକ ନିବେଶରେ ପ୍ରତିଷ୍ଠିତ ନାସିକରେ ଏହି ପ୍ଲାଣ୍ଟ, ବାର୍ଷିକ ୮ରୁ ଅଧିକ ବିମାନ ଯୋଗାଇବ, ଯାହା ହାଲ୍‌ର ଉତ୍ପାଦନ କ୍ଷମତାକୁ ପ୍ରତିବର୍ଷ ୨୪ଟିକୁ ବୃଦ୍ଧି କରିବ। ତେଜସ୍ ଏଲ୍‌ସିଏ ଏମ୍‌କେ ୧-ଏ ହେଉଛି ଏକ ଅଧିକ ଉନ୍ନତ, ବହୁ-ଭୂମିକାର୍ଯ୍ୟସମ୍ପନ୍ନ ଯୁଦ୍ଧ ବିମାନ ଯାହାକୁ ଭାରତୀୟ ବାୟୁସେନାର ମିଗ୍-୨୧ ବିମାନକୁ ବଦଳାଇବା ପାଇଁ ଡିଜାଇନ୍ କରାଯାଇଛି।

## ଏମ୍‌ଏପି ଓ ଡିଡିକେଓ୍ୱାଇର ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ କୃଷିମନ୍ତ୍ରୀଙ୍କ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୧୭।୧୦(ସଂଚାର ବ୍ୟୁରୋ):** କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ 'ଡାଲି ଆତ୍ମନିର୍ଭରଶୀଳତା ମିଶନ' (ଏମ୍‌ଏପି) ଓ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା' ସମ୍ପର୍କରେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ବୈଠକ ସମୟରେ ଶ୍ରୀ ଚୌହାନ ଏହି ଯୋଜନାଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'ର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ସେ ଖୁବ୍ ଶୀଘ୍ର ୧୧ଟି ମନ୍ତ୍ରଣାଳୟର ମନ୍ତ୍ରୀମାନଙ୍କ ସହ ଏକ ବୈଠକ କରିବେ ବୋଲି ମଧ୍ୟ କହିଛନ୍ତି। ଆଜିର ବୈଠକରେ ଜିଲ୍ଲା ସ୍ତରରେ କ୍ଲଷ୍ଟର ଗଠନ କରି 'ଡାଲି ଆତ୍ମନିର୍ଭରଶୀଳତା ମିଶନ'କୁ ଗତିଶୀଳ କରିବା ନିଷ୍ପତ୍ତି ନିଆଯିବା ସହ ଏ ଦିଗରେ ବିଭିନ୍ନ ରାଜ୍ୟର ସହଯୋଗ ଲୋଡାଯାଇଛି। ଏହାଛଡ଼ା ତୃଣମୂଳ ସ୍ତରରେ 'ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା'ର ଉତ୍ତମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଶ୍ରୀ ଚୌହାନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ଧାର୍ଯ୍ୟ ସମୟରେ ଏମ୍‌ଏପି ଓ ଡିଡିକେଓ୍ୱାଇର କାର୍ଯ୍ୟାନ୍ୱୟନ ଚାଷୀଙ୍କୁ ଫାଇଦା ଦେବ। ପିଏମ୍-ଡିଡିକେଓ୍ୱାଇର ଲକ୍ଷ୍ୟ ହେଉଛି ଦେଶର ୧୦୦ଟି ଆକାଂକ୍ଷୀ ଜିଲ୍ଲାରେ କୃଷି ବିକାଶ ପାଇଁ ଉଦ୍ଦିଷ୍ଟ ୧୧ଟି ମନ୍ତ୍ରଣାଳୟର ୩୬ଟି ଉପ-ଯୋଜନାକୁ ସମନ୍ୱିତ କରିବା। କେନ୍ଦ୍ର କୃଷିମନ୍ତ୍ରୀ ଏମ୍‌ଏପି ସହିତ ଜଡିତ ରାଜ୍ୟଗୁଡ଼ିକର ଶୀର୍ଷ ଅଧିକାରୀମାନଙ୍କ ସହ ଏକ ବୈଠକ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଶପଥ ନେଲା ଭୂପେନ୍ଦ୍ର ପଟେଲଙ୍କ ନୂଆ କ୍ୟାବିନେଟ୍

# ସାଂଘଭି ଉପମୁଖ୍ୟମନ୍ତ୍ରୀ, ୨୫ ମନ୍ତ୍ରୀ ସାମିଲ୍

**ଅହମ୍ମଦାବାଦ,୧୭।୧୦:** ଆଜି ଗୁଜରାଟ ମନ୍ତ୍ରିମଣ୍ଡଳର ନବକଳେବର ହୋଇଛି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ କ୍ୟାବିନେଟ ପୁନର୍ଗଠିତ ହୋଇଛି। ନୂଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ସମାରୋହ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ପଟେଲ୍‌ଙ୍କ ମନ୍ତ୍ରିମଣ୍ଡଳରେ ତାଙ୍କ ସମେତ ମୋଟ ୨୬ ଜଣ ସ୍ଥାନ ପାଇଛନ୍ତି। ଗାନ୍ଧିନଗରସ୍ଥିତ ମହାତ୍ମା ମନ୍ଦିର କନ୍‌ଭେନ୍‌ସନ୍ ସେଣ୍ଟର୍‌ଠାରେ ସମସ୍ତ ନୂଆ ମନ୍ତ୍ରୀଙ୍କୁ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଶପଥ ପାଠ କରାଇଛନ୍ତି। ଏହି ଶପଥ ସମାରୋହରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଉପସ୍ଥିତ ଥିଲେ। ଗୃହ ମନ୍ତ୍ରୀ ହର୍ଷ ସାଂଘଭି ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ପ୍ରଥମ ଥର ପାଇଁ ବିଧାୟିକା ହୋଇଥିବା କ୍ରିକେଟର୍ ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବାଙ୍କୁ ମଧ ମନ୍ତ୍ରୀପଦ ମିଳିଛି। ସେହିପରି ଜିତେନ୍ଦ୍ର ଭାଗାନି ଓ ଅର୍ଜୁନ ମୋଧୱାଡିଆ ଗୁଜରାଟ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରିଭାବାଙ୍କ ସମେତ ମୋଟ୍ ୨୫ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

ମନ୍ତ୍ରୀ ଭାବେ ଶପଥ ନେଇଥିବା ବିଧାୟକମାନେ ହେଲେ ପ୍ରଫୁଲ୍ଲ ପାନସେରିଆ, କୁନ୍‌ୱାର୍ଜିଭାଇ ବାଭାଲିଆ, ହ୍ରିକେଶ ପଟେଲ,



କନୁ ଦେଶାଇ, ପାର୍ସୋତମ୍ ସୋଲାଙ୍କି, ହର୍ଷ ସାଙ୍ଗଭି, ପ୍ରଦ୍ୟୁମ୍ନ ବାଜ, ନରେଶ ପଟେଲ, ପିସି ବରଣ୍ଡା, ଅର୍ଜୁନ ମୋଡୱାଡିଆ, କାନ୍ତି ଅମୃତିଆ, କୌଶିକ ବେକରିଆ, ଦର୍ଶନନା ବେନ ଭାଗେଲା, ଜିତୁଭାଇ ଭାଗାନି, ରିଭାବା ଜାଡେଜା, ଜୟରାମ ଗମିତ, ତ୍ରିକାମବାଇ ଚାଙ୍ଗା, ଇଶ୍ୱରସିଂହ ପଟେଲ, ମନୀଷା ବକିଲ, ପ୍ରବୀଣ ମାଲି, ସ୍ୱରୂପଜୀ ଠାକୁର, ସଞ୍ଜୟସିଂହ ମହିଦା, କମଲେଶ ପଟେଲ, ରମଣ ସୋଲାଙ୍କି, ରମେଶ କଟାରା।

କିଛି ପୂର୍ବତନ କଂଗ୍ରେସ ନେତା ବିଜେପିରେ

### ଜାଡେଜାଙ୍କ ପତ୍ନୀଙ୍କୁ ମନ୍ତ୍ରୀପଦ

ଯୋଗଦେବା ପରେ ତାଙ୍କୁ ମନ୍ତ୍ରୀ ପଦ ଦିଆଯାଇଛି। ଏହି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଦଳୀୟ ସଂଗଠନକୁ ମଜବୁତ କରିବା। ଗୁଜରାଟରେ ବିଜେପିର ଦବଦବା ମଜବୁତ କରିବା ପାଇଁ ଏହି ବଡ଼ ରାଜନୈତିକ ପରିବର୍ତ୍ତନ କରାଯାଇଛି। ଏହା ସହିତ, ଯୁବକଗୋଷ୍ଠୀଙ୍କୁ ଅଧିକ ଦାୟିତ୍ୱ ଦେଇ ଦଳକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହିପରି ଦଳ ପରିବର୍ତ୍ତନ ସରକାରଙ୍କ କାର୍ଯ୍ୟକୁ ସଶକ୍ତ କରିବ ଏବଂ ଭବିଷ୍ୟତ ପାଇଁ ଦଳକୁ ଉତ୍ତମ ରଣନୀତି ପ୍ରସ୍ତୁତ କରିବାକୁ ସକ୍ଷମ କରିବ। ଗୁରୁବାର ଗୁଜରାଟ ସରକାରଙ୍କ ସମସ୍ତ ୧୬ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଙ୍କୁ ମିଶାଇ ମୋଟ ୧୭ ମନ୍ତ୍ରୀ ଥିଲେ। ସେମାନଙ୍କ ମଧ୍ୟରେ ୮ କ୍ୟାବିନେଟ ରାଙ୍କର ଓ ୮ ରାଜ୍ୟ ମନ୍ତ୍ରୀ ଥିଲେ। ଗୁଜୁରାଟ ବିଧାନସଭାରେ ମୋଟ ୧୮୨ ଜଣ ସଦସ୍ୟ ଅଛନ୍ତି। ଶ୍ରୀ ପଟେଲ ଗତ ୨୦୨୨ ଡିସେମ୍ବର ୧୨ ତାରିଖରେ ଦ୍ୱିତୀୟ ଥର ପାଇଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

### ଲାଞ୍ଚ ମାମଲାରେ ଡିଜିପି ଗିରଫ ମାମଲା

## ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ ଭୁଲ୍ଲର



୫ କୋଟି ଟଙ୍କା, ୧.୫ କେଜି ସୁନା ଜବତ

**ନୂଆଦିଲ୍ଲୀ୧୭।୧୦:** ଶୁକ୍ରବାର ପଞ୍ଜାବ ପୋଲିସର ଉପ-ମହାନିରୀକ୍ଷକ ହରଚରଣ ସିଂହ ଭୁଲ୍ଲରଙ୍କୁ ୮ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ମାମଲାରେ ଧରାପଡ଼ିବା ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ଜଣେ ସ୍କ୍ରାପ୍ ଡିଲରଙ୍କଠାରୁ ଏକ ମାମଲାର ସମାଧାନ କରିବା ଏବଂ ତାଙ୍କ ବ୍ୟବସାୟ ବିରୁଦ୍ଧରେ କୌଣସି ପୋଲିସ କାର୍ଯ୍ୟାନୁଷ୍ଠାନ ନନେବା ପାଇଁ ଏହି ଲାଞ୍ଚ ନେଉଥିଲେ ବୋଲି ସୂଚନା ରହିଛି। ଗୁରୁବାର ଅଭିଯୋଗକାରୀଙ୍କୁ ଭୁଲ୍ଲରଙ୍କ ମୋହାଲି ସ୍ଥିତ କାର୍ଯ୍ୟାଳୟକୁ ପ୍ରଥମ କିସ୍ତି ଲାଞ୍ଚ ନେବା ପାଇଁ ଡକାଯାଇଥିଲା। ହେଲେ ଅଭିଯୋଗକାରୀ ପ୍ରଥମରୁ ଏନେଇ ସିବିଆଇ ନିକଟରେ ଅଭିଯୋଗ କରିଥିବାରୁ ଘଟଣାସମୟରେ ସିବିଆଇ ଭୁଲ୍ଲରଙ୍କ କାର୍ଯ୍ୟାଳୟରେ ଚଢାଉ କରିଥିଲା। ସେତେବେଳେ ଡିଆଇଜିଙ୍କ ସହ ଜଡିତ ଜଣେ ମଧ୍ୟସ୍ଥି କିର୍ଶାନୁଙ୍କୁ ମଧ ଗିରଫ କରାଯାଇଥିଲା।

ମିଳିଥିବା ସୂଚନାନୁଯାୟୀ, ଭୁଲ୍ଲର ତାଙ୍କ ମଧ୍ୟସ୍ଥି କ୍ରିଶାନୁଙ୍କ ମାଧମରେ ଅଭିଯୋଗକାରୀଙ୍କ ଉପରେ ଥିବା ଏକ ଏଫଆଇଆର ହଟାଇବା ପାଇଁ ଲାଞ୍ଚ ଦାବି କରିଥିଲେ। ଏହି କାମ ପାଇଁ ଭୁଲ୍ଲର ମାସିକିଆ କିସ୍ତି (ଲାଞ୍ଚ) ମଧ ମାଗିଥିଲେ ଏବଂ ଏହା ନ ଦେଲେ ଅଭିଯୋଗକାରୀଙ୍କୁ ବିଭିନ୍ନ ମିଥ୍ୟା ଅପରାଧିକ ମାମଲାରେ ଫସାଇ ଦିଆଯିବ ବୋଲି ଧମକ ଦେଇଥିଲେ। ଏନେଇ ଅଭିଯୁକ୍ତ ବ୍ୟକ୍ତି ଜଣକ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ଏହି ମାମଲା ସିବିଆଇ ନିକଟକୁ ଆସିବା ପରେ ଏହାର କଡା ଯାଞ୍ଚ ଆରମ୍ଭ ହୋଇଥିଲା। ଭୁଲ୍ଲର ଏହା ପୂର୍ବରୁ ଗତ ଅକ୍ଟୋବର ମାସରେ ଚଣ୍ଡିଗଡରୁ ଅଭିଯୁକ୍ତଙ୍କୁ ହ୍ୱାଟସଆପ ଯୋଗେ କଲ କରି କ୍ରିଶାନୁଙ୍କୁ ୮ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ତେବେ ଏହି ହ୍ୱାଟସଆପ ନମ୍ବରକୁ ଯାଞ୍ଚ କରିବାରୁ ଏହା ଡିଆଇଜି ଭୁଲ୍ଲରଙ୍କର ବୋଲି ଜଣାପଡିଥିଲା। ଯାହାପରେ ସିବିଆଇ ଆକ୍ସନ ମୋଡରେ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜାଲ ବିଛାଇବା ଆରମ୍ଭ କରିଥିଲା। ଚଳିତ ମାସରେ ଲାଞ୍ଚ ନେବା ପାଇଁ କ୍ରିଶାନୁ ଅଭିଯୋଗକାରୀଙ୍କ ସହ ଯୋଗାଯୋଗ କରିବା ପରେ ସିବିଆଇ ଘଟଣାସ୍ଥଳରେ ପୂର୍ବରୁ ଛପି ରହିଥିଲା। ଏହାପରେ ଅଭିଯୋଗକାରୀ ଲାଞ୍ଚ ଦେଉଥିବା ସମୟରେ ସିବିଆଇ କ୍ରିଶାନୁଙ୍କୁ ମାଡିବସିଥିଲା। ଯାହାପରେ କ୍ରିଶାନୁ ସମସ୍ତ କଥା ମାନିନେଇଥିଲେ। ଭାରତୀୟ ନ୍ୟାୟ ସଂହିତା ଓ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଉଭୟ ଭୁଲ୍ଲର ଓ କ୍ରିଶାନୁଙ୍କୁ ଉପରେ ମାମଲା ରୁଜୁ କରାଯାଇଥିବା ଜଣାପଡିଛି।

## ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ସହ ମୋଦିଙ୍କ ଦ୍ୱିପାକ୍ଷିକ ଆଲୋଚନା



**ନୂଆଦିଲ୍ଲୀ,୧୭।୧୦:** ସମ୍ପ୍ରତି ଭାରତ ଗସ୍ତରେ ଥିବା ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହାରିନି ଅମରସୂରିୟାଙ୍କ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏଠାରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏଥିରେ ମୁଖ୍ୟତଃ ଉଭୟ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ଓ ଭାରତୀୟ ମତ୍ସ୍ୟଜୀବୀମାନଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାଛଡ଼ା ଉଭୟଙ୍କ ମଧ୍ୟରେ ଶିକ୍ଷା, ମହିଳା ସଶକ୍ତିକରଣ, ଉଦ୍ଭାବନ ଉପରେ ମଧ୍ୟ ଚର୍ଚ୍ଚା ହୋଇଛି ବୋଲି ଶ୍ରୀ ମୋଦି ତାଙ୍କ ସୋସିଆଲ୍ ଆକାଉଣ୍ଟ୍ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଏହି ଆଲୋଚନା ଉଭୟ ଦେଶର ଜନସାଧାରଣଙ୍କ ସହ ଆଞ୍ଚଳିକ ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଲୋଚନା ସଂକ୍ରାନ୍ତରେ ଶ୍ରୀମତୀ ଅମରସୂରିୟା କହିଛନ୍ତି ଯେ ମତ୍ସ୍ୟଜୀବୀ ପ୍ରସଙ୍ଗ ନିଶ୍ଚିତ ଭାବେ ଏକ ସମ୍ବେଦନଶୀଳ ବିଷୟ। ତେଣୁ ଏହି ସମସ୍ୟାର ବାସ୍ତବିକ ସମାଧାନ ପାଇବାକୁ ହେଲେ ଏହା ଉପରେ ଆହୁରି ବ୍ୟାପକ ଆଲୋଚନାର ଆବଶ୍ୟକତା ରହିଛି।

● ପୂର୍ବତନ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କ ଭବିଷ୍ୟବାଣୀ

## ବିଶ୍ୱର ନେତୃତ୍ୱ ନେବେ ଭାରତୀୟ ପ୍ରଧାନମନ୍ତ୍ରୀ

**କାନବେରା,୧୭।୧୦:** ଭାରତକୁ ପ୍ରଶଂସାରେ ପୋତି ପକାଇଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ଆବୋଟ୍। ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ହେଉଛି ଭାରତର ଶତାବ୍ଦୀ। ଆଗାମୀ ୪ରୁ ୫ ଦଶନ୍ଧି ମଧ୍ୟରେ ବିଶ୍ୱର ନେତୃତ୍ୱ ନେଇପାରନ୍ତି ଭାରତର ପ୍ରଧାନମନ୍ତ୍ରୀ। ଭାରତ ଏବେ ଏକ ବିଶ୍ୱ ଶକ୍ତି ଭାବରେ ଉଭା ହେଉଛି ଓ ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏକ ଗଣତାନ୍ତ୍ରିକ ଶକ୍ତି ଭାବେ ଏହାର ଭୂମିକା ଗ୍ରହଣ କରିବା ଉଚିତ। ଅଷ୍ଟ୍ରେଲିଆ ସହିତ ଭାରତର



ମୁକ୍ତ ବାଣିଜ୍ୟ ଚୁକ୍ତି (୨୦୨୨) ଏବଂ ବ୍ରିଟେନ (୨୦୨୪) ଏକ ସଙ୍କେତ ଯେ ଗଣତାନ୍ତ୍ରିକ ବିଶ୍ୱ ଏବେ ଚୀନଠାରୁ ନିଜକୁ ଦୂରେଇ ନେଉଛି ବୋଲି ଆବୋଟ୍ କହିଛନ୍ତି। ସେ ଚୀନ୍, ପାକିସ୍ତାନ ଏବଂ ଆମେରିକା ସହ ଭାରତର ସମ୍ପର୍କ ବିଷୟରେ ଆଲୋଚନା କରି କହିଛନ୍ତି ଯେ ଦିଲ୍ଲୀ ବେଜିଂର 'ବିଶ୍ୱ ଆଧିପତ୍ୟ'ର ମହତ୍ତ୍ୱାକାଂକ୍ଷାକୁ ମୁକାବିଲା କରିବାର ଚାବିକାଠି ରଖିଛି। ଚୀନ୍‌ର ପ୍ରାଧାନ୍ୟ ବିସ୍ତାର କରିବା ଇଚ୍ଛା ଏହାର ସମସ୍ତ ପଡ଼ୋଶୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଆଜି ଏକ ଜାତୀୟ ଗଣମାଧ୍ୟମର ବାର୍ଷିକ ସମ୍ମିଳନୀରେ ଆବୋଟ୍ କହିଛନ୍ତି ଯେ ଭାରତ ଚୀନ୍ ପାଇଁ ଏକ ଦୃଢ଼ ସନ୍ତୁଳନ ଭାବରେ ଉଭା ହେଉଛି। ଭାରତ ଏବେ ବିଶ୍ୱର ସବୁଠାରୁ ଜନସଂଖ୍ୟା ବିଶିଷ୍ଟ ଦେଶ ଏବଂ ସାରା ଦେଶରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଚାଲିଛି। ନୂତନ ବିମାନବନ୍ଦର, ରାସ୍ତା ଏବଂ ବିକାଶ ପ୍ରକଳ୍ପ ଗୁଡ଼ିକ ଦ୍ରୁତ ଗତିରେ ଆଗକୁ ବଢୁଛି। ଭାରତରେ ତିନୋଟି ପ୍ରମୁଖ ଶକ୍ତି ଅଛି: ଗଣତନ୍ତ୍ର, ଆଇନର ଶାସନ ଏବଂ ଇଂରାଜୀ ଭାଷାର ଜ୍ଞାନ। ଏହି ଶକ୍ତି ଦ୍ୱାରା ଭାରତ ସେହି ଆର୍ଥିକ ଏବଂ ସାମରିକ ସଫଳତା ହାସଲ କରିବାକୁ ପ୍ରସ୍ତୁତ, ଯାହା କିଛି ଦଶନ୍ଧି ପୂର୍ବରୁ ଚୀନ୍ ହାସଲ କରିଥିଲା।

## ମେହୁଲ ଚୋକ୍ସି ପ୍ରତ୍ୟର୍ପଣକୁ ବେଲଜିଅମ କୋର୍ଟଙ୍କ ଅନୁମତି



**ବ୍ରୁସେଲ୍ସ,୧୭।୧୦:** ବେଲଜିଅମର ଆଣ୍ଟୱେର୍ପ କୋର୍ଟ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍ସିଙ୍କୁ ଭାରତକୁ ପ୍ରତ୍ୟର୍ପଣ ପାଇଁ ଅନୁମୋଦନ ଦେଇଛନ୍ତି ଏବଂ ଚଳିତ ବର୍ଷ ବେଲଜିଅମ ପୁଲିସ ଦ୍ୱାରା ତାଙ୍କୁ ଗିରଫ ବୈଧ ବୋଲି ରାୟ ଦେଇଛନ୍ତି। ତେବେ ଚୋକ୍ସି ଏହି ନିଷ୍ପତ୍ତି ବିରୋଧରେ ଉଚ୍ଚ ଅଦାଲତରେ ଆପିଲ କରିପାରିବେ। ଭାରତୀୟ ଅଧିକାରୀଙ୍କ ଅନୁରୋଧ ପରେ ଗତ ୧୧ ଏପ୍ରିଲରେ ୨୦୨୫ରେ ଆଣ୍ଟୱେର୍ପ ପୁଲିସ ଚୋକ୍ସିଙ୍କୁ ଗିରଫ କରିଥିଲା। ସେବେଠାରୁ ସେ ବେଲଜିଅମ ଜେଲରେ ଅଛନ୍ତି ଓ ପଳାୟନର ଆଶଙ୍କା ଥିବାରୁ ତାଙ୍କ ବେଲ ଆବେଦନ ବାରମ୍ବାର ଖାରଜ ହୋଇଆସିଛି। କୋର୍ଟରେ ଭାରତର ପ୍ରତିନିଧିତ୍ୱ କରୁଥିବା ବେଲଜିଅମ ପ୍ରୋସିକ୍ୟୁସନ ଓ ଚୋକ୍ସିଙ୍କ ଆଇନଜୀବୀଙ୍କ ମଧ୍ୟରେ ଯୁକ୍ତି ପରେ ରାୟ ଦିଆଯାଇଛି। ଚୋକ୍ସିଙ୍କ ବିରୁଦ୍ଧରେ ଭାରତରେ ଅପରାଧିକ ଷଡ଼ଯନ୍ତ୍ର, ଠକେଇ, ବିଶ୍ୱାସଭଙ୍ଗ, ପ୍ରମାଣ ନଷ୍ଟ ଓ ଦୁର୍ନୀତି ଅଭିଯୋଗ ରହିଛି, ଯାହା ବେଲଜିଅମ ଆଇନ ଅନୁଯାୟୀ ମଧ୍ୟ ଦଣ୍ଡନୀୟ। ଏହା ଆନ୍ତର୍ଜାତୀୟ ଚୁକ୍ତି ଅନୁଯାୟୀ 'ଦୁଇମୁଖୀ ଅପରାଧ' ସର୍ତ୍ତ ପୂରଣ କରୁଛି। ଭାରତ ଚୋକ୍ସିଙ୍କୁ ଭାରତୀୟ ଦଣ୍ଡବିଧିର ଧାରା ୧୨୦ବି, ୨୦୧, ୪୦୯, ୪୨୦, ୪୭୭ଏ ଏବଂ ଦୁର୍ନୀତି ନିବାରଣ ଆଇନର ଧାରା ୭ ଓ ୧୩ ଅଧୀନରେ ଅଭିଯୁକ୍ତ କରିଛି। ସିବିଆଇ ତିନିଥର ବେଲଜିଅମ ଗସ୍ତ କରି ପ୍ରମାଣ ଦାଖଲ କରିଛି ଏବଂ ଏକ ଇଉରୋପୀୟ ଲ ଫାର୍ମକୁ ନିୟୋଜିତ କରିଛି।

### ପୁସ୍ତକ ଉନ୍ମୋଚନ ଉତ୍ସବରେ ବର୍ଷିଲେ ରାଜ୍ୟପାଳ

## ଝିଅମାନଙ୍କ ପାଇଁ ସୁରକ୍ଷିତ ନୁହେଁ ପଶ୍ଚିମବଙ୍ଗ



**କୋଲକାତା, ୧୭।୧୦ (ସଂଚାର ବ୍ୟୁରୋ):** ବଙ୍ଗଳାର ସମାଜ ଏବେ ଏପରି ଏକ ସ୍ଥିତିରେ ପହଞ୍ଚିଛି ଯେଉଁଠାରେ ଝିଅମାନେ ସୁରକ୍ଷିତ ନୁହଁନ୍ତି। ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଦୁର୍ଗାପୁର ଦୁଷ୍କର୍ମ ମାମଲାକୁ ଉଲ୍ଲେଖ କରି ଏପରି ମନ୍ତବ୍ୟ ଦେଇଛନ୍ତି। ଆଜି ରାଜଭବନଠାରେ ଅନୁଷ୍ଠିତ ଏକ ପୁସ୍ତକ ପ୍ରକାଶନ ସମାରୋହରେ ଯୋଗଦେବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ଦୁର୍ଗାପୁରର ବେସରକାରୀ ମେଡିକାଲ କଲେଜ ଛାତ୍ରୀଙ୍କୁ ହୋଇଥିବା ଦୁଷ୍କର୍ମ ମାମଲା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଘଟଣା ଜଣାପଡ଼ିବା ମାତ୍ରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ପ୍ରଥମେ ଜଣାଇଥିଲା ଯେ ଏହି ଘଟଣାରେ କାହାକୁ ଛଡାଯିବ ନାହିଁ। ଘଟଣାରେ ସମ୍ପୃକ୍ତି ପାଇଁ ଛଅ ଜଣଙ୍କୁ ଗିରଫ କରାଯାଇସାରିଛି। ରାଜ୍ୟପାଳ ଶ୍ରୀ ବୋଷ ନିଜେ ଦୁର୍ଗାପୁରରେ ପହଞ୍ଚିଥିଲେ। ସେ କହିଛନ୍ତି ଯେ ସବୁକିଛି ଯାଞ୍ଚ କରିବା ପରେ ତାଙ୍କ (ରାଜ୍ୟପାଳ) ରିପୋର୍ଟ ଦିଲ୍ଲୀ ପଠାଯାଇଛି। ସେ ନିଜେ ପୀଡିତା ଓ ତାଙ୍କ ପରିବାର ସହ କଥା ହୋଇଛି। ସେ ଡାକ୍ତରମାନଙ୍କ ସହ ମଧ ଆଲୋଚନା କରିଛନ୍ତି। ସେ ସମଗ୍ର ଘଟଣାର

### ପୁଲିସ ନିଷ୍କ୍ରିୟତାର ଅଭିଯୋଗ ବି ଆଣିଲେ

ନିଜସ୍ୱ ମୂଲ୍ୟାଙ୍କନ କରିଛନ୍ତି, କେଉଁ ପ୍ରତିକାର ନିଆଯିବା ଉଚିତ, କେଉଁ ପଦକ୍ଷେପ ନେବା ଆବଶ୍ୟକ, କେଉଁ ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ। ଏହାପରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିଛି।

ସେ ଆହୁରି କହିଛନ୍ତି ଯେ ମୋର ନିଜସ୍ୱ ପର୍ଯ୍ୟବେକ୍ଷଣ ଓ ନିର୍ଯାତିତାଙ୍କ ପରିବାର ସହ ଆଲୋଚନା ଆଧାରରେ ବଙ୍ଗାଳୀ ସମାଜ ଏବେ ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ଝିଅମାନେ ସୁରକ୍ଷିତ ନୁହଁନ୍ତି ବୋଲି ରାଜ୍ୟପାଳ କହିଛନ୍ତି।

## ବାହାରିଲା ୟୁନିଭର୍ସାଲ କିଡନୀ



**ଟରଣ୍ଟୋ,୧୭।୧୦:** ବାହାରିଲା ୟୁନିଭର୍ସାଲ କିଡ଼ନୀ । ଆଉ ଦରକାର ପଡ଼ିବେନି ବ୍ଲଡ଼ ଗ୍ରୁପ ମେଳ ଖାଉଥିବା ଡୋନର । ହଁ ଦର୍ଶକବନ୍ଧୁ, ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ବ୍ଲଡ଼ଗ୍ରୁପ ପାଇଁ ରୋଗୀଙ୍କର କିଡନୀ ପ୍ରତିରୋପଣ ବନ୍ଦ ହେବ ନାହିଁ । ବୈଜ୍ଞାନିକମାନେ ତିଆରି କଲେ ୟୁନିଭର୍ସାଲ କିଡନୀ । କିଡ଼ନୀ ପ୍ରତିରୋପଣରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ବ୍ଲଡ଼ ଗ୍ରୁପ ମେଳ ଖାଇବା । ଯଦି ରକ୍ତ ଦାତା ଏବଂ ରୋଗୀଙ୍କ ରକ୍ତ ପ୍ରକାର ସମାନ ନହୁଏ, ତେବେ ଶରୀର କିଡ଼ନୀ ଗ୍ରହଣ କରିବ ନାହିଁ। କିଡ଼ନୀ ରୋଗରେ ପୀଡିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଖୁସି ଖବର । କାନାଡା ଏବଂ ଚୀନର ବୈଜ୍ଞାନିକମାନେ ମିଳିତ ଭାବରେ ଏକ "ୟୁନିଭର୍ସାଲ୍ କିଡ଼ନୀ" ବିକଶିତ କରିଛନ୍ତି ଯାହା ସମସ୍ତ ବ୍ଲଡ଼ ଗ୍ରୁପର ରୋଗୀଙ୍କ ପାଇଁ କାମ କରିପାରିବ। ଏହାର ଅର୍ଥ ହେଉଛି କିଡ଼ନୀ ପ୍ରତିରୋପଣ ପାଇଁ ଡୋନର ଖୋଜିବାର କଷ୍ଟ ଏବେ ଶେଷ ହୋଇପାରେ । ଏହି ଆବିଷ୍କାର କେବଳ ଅପେକ୍ଷା ତାଲିକାକୁ ସଂକ୍ଷିପ୍ତ କରିବ ନାହିଁ ବରଂ ଲକ୍ଷ ଲକ୍ଷ ଜୀବନ ବଞ୍ଚାଇବ । ୧୦ ବର୍ଷର କଠିନ ପରିଶ୍ରମ ପରେ, କାନାଡାର ବ୍ରିଟିଶ କଲମ୍ବିଆ ବିଶ୍ୱବିଦ୍ୟାଳୟର ଜୈବ ରସାୟନବିଦ୍ ଷ୍ଟିଫେନ୍ ୱିଥର୍ସ ଏବଂ ତାଙ୍କ ଦଳ ଏକ କିଡ଼ନୀ ତିଆରି କରିଛନ୍ତି ଯାହା ଯେକୌଣସି ବ୍ଲଡ଼ ଗ୍ରୁପ୍ ଥିବା ରୋଗୀଙ୍କ ପାଇଁ ଉପଯୁକ୍ତ ହୋଇପାରିବ । ଏହାକୁ "ୟୁନିଭର୍ସାଲ୍ କିଡ଼ନୀ" ନାମ ଦିଆଯାଇଛି । ଏହି କିଡନି ଯେକୌଣସି ବ୍ଲଡ଼ ଗ୍ରୁପ୍ ଥିବା ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇପାରିବ ।

### ଚାଇଲ୍ଡଲାଇଟ୍ ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ

# ୫ ବର୍ଷରେ ୯୪% ବଢ଼ିଛି ଶିଶୁ ଯୌନ ଅପରାଧ

**ନୂଆଦିଲ୍ଲୀ,୧୭।୧୦:** ଭାରତରେ ଶିଶୁଙ୍କ ବିରୋଧରେ ଯୌନ ଅପରାଧ ୯୪ ପ୍ରତିଶତ ବଢ଼ିଛି। ୨୦୧୭ରୁ ୨୦୨୨ ମଧ୍ୟରେ ଏହି ଅପରାଧ ବୃଦ୍ଧି ପାଇଥିବା ଚାଇଲ୍ଡଲାଇଟ୍ ଗ୍ଲୋବାଲ ଚାଇଲ୍ଡ ସେଫ୍ଟି ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରକାଶିତ ରିପୋର୍ଟ 'ଇନ୍‌ଟୁ ଦି ଲାଇଟ ରିପୋର୍ଟ ୨୦୨୫'ରୁ ଏପରି ଏକ ତଥ୍ୟ ସାମ୍ନାକୁ ଆସିଛି।

ଉକ୍ତ ରିପୋର୍ଟରେ କୁହାଯାଇଛି ଯେ ୨୦୧୭ରେ ପକ୍ସୋ (ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ) ଆଇନ ଅନୁସାରେ ୩୩,୨୧୦ଟି ମାମଲା ରୁଜୁ ହୋଇଥିଲା। କିନ୍ତୁ ୨୦୨୨ରେ ଏହି ସଂଖ୍ୟା ବଢ଼ି ୬୪,୪୬୯ରେ ପହଞ୍ଚିଥିଲା। ରିପୋର୍ଟରେ ଏକଥା ମଧ୍ୟ କୁହାଯାଇଛି କି ମାମଲା ସଂଖ୍ୟା ବଢ଼ିଥିଲେ ମଧ୍ୟ ଦଣ୍ଡବିଧାନର ହାର ୯୦ ପ୍ରତିଶତ ଉପରେ ରହିଛି। ଯାହାକି ଭାରତରେ ମଜଭୁତ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ରିପୋର୍ଟିଂ ବ୍ୟବସ୍ଥାକୁ ଦର୍ଶାଉଛି। ଚାଇଲ୍ଡଲାଇନ୍ ସିଇଓ ପଲ୍ ଷ୍ଟାନଫିଲ୍ଡଙ୍କ କହିବାନୁଯାୟୀ ପ୍ରତିଟି ତଥ୍ୟ ପଛରେ ଜଣେ ଶିଶୁ ରହିଛି ଯାହାର ସୁରକ୍ଷା, ସମ୍ମାନ ଓ ଭବିଷ୍ୟତକୁ ଛଡାଇ ନିଆଯାଇଛି। ଅନୁମତି ମିଳିଥିବାରୁ ଶିଶୁମାନଙ୍କୁ ଶୋଷଣ କରାଯାଉଛି। ପର୍ଯ୍ୟାପ୍ତ ଇଚ୍ଛାଶକ୍ତି ଫଳରେ ଏହାକୁ ରୋକାଯାଇପାରିବ। ଶିଶୁମାନେ ଅପେକ୍ଷା



କରିପାରିବେ ନାହିଁ। ତେଣୁ ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ନେବାର ସମୟ ବୋଲି ସେ କହିଛନ୍ତି। ଶିଶୁମାନଙ୍କୁ ଯୌନଶୋଷଣରୁ ସୁରକ୍ଷା ଦେବା ଲାଗି ଗତ ୨୦୧୨ରେ ଭାରତରେ ପକ୍ସୋ ଆଇନ ଅଣାଯାଇଥିଲା। ସମଗ୍ର ଦେଶରେ ଏହାକୁ କଡାକଡି ଭାବେ ଲାଗୁ କରାଗଲା। ୧୮ ବର୍ଷରୁ କମ୍ ବୟସର ନାବାଳିକା ଏହି ଆଇନ ପରିସରଭୁକ୍ତ ହେଲେ। ରିପୋର୍ଟରେ କୁହାଯାଇଛି କି ଭାରତ, ଶ୍ରୀଲଙ୍କା ଓ ନେପାଳରେ କରାଯାଇଥିବା ସର୍ଭେରୁ ଜଣାପଡିଛି କି ପ୍ରତି ୮ ଜଣରେ ଜଣେ ଶିଶୁ ୧୮ ବର୍ଷରେ ପହଞ୍ଚିବା ପୂର୍ବରୁ ଯୌନ ଶୋଷଣ କିମ୍ବା ବଳାତ୍କାରର ଶିକାର ହେଉଛି। ଏହି ୩ ଦେଶରେ ୫ କୋଟି ୪୦ ଲକ୍ଷ ଶିଶୁ ପ୍ରଭାବିତ ହୋଇଛନ୍ତି। ଅର୍ଥାତ ମୋଟ ପିଲାଙ୍କର ୧୨.୫ ପ୍ରତିଶତ ଯୌନ ଶୋଷଣ କିମ୍ବା ବଳାତ୍କାରର ଶିକାର ହୋଇଥାନ୍ତି।

୨୦୨୪ରେ ଦକ୍ଷିଣ ଏସିଆରେ ଭାରତ, ବାଂଲାଦେଶ ଓ ପାକିସ୍ତାନରେ ଶିଶୁ ଯୌନ ଅପରାଧ ମାମଲା ସବୁଠାରୁ ଅଧିକ ପଞ୍ଜିକୃତ ହୋଇଥିଲା। ରିପୋର୍ଟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଅପବ୍ୟବହାରକୁ ନେଇ ଚେତାବନୀ ଜାରି କରାଯାଇଛି। ୨୦୨୩ ଅପେକ୍ଷା ୨୦୨୪ରେ ଶିଶୁ ଯୌନ ଅପରାଧ ମାମଲା ୧୩୧୫ ପ୍ରତିଶତ ବଢ଼ିଛି। ରିପୋର୍ଟରେ ସବୁ ଦେଶ ଶିଶୁଙ୍କ ବିରୋଧରେ ହେଉଥିବା ଯୌନ ଶୋଷଣକୁ ସାର୍ବଜନିକ ସ୍ୱାସ୍ଥ୍ୟ ସତର୍କତା ଭାବେ ଗ୍ରହଣ କରିବାକୁ ନିବେଦନ କରାଯାଇଛି।

● ବାଇକ୍‌କୁ ପିଟିଲା ଟ୍ରକ୍

## ୨ ଶିଶୁଙ୍କ ସମେତ ୩ ମୃତ

**କାମାକ୍ଷାନଗର,୧୭।୧୦(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ମାଳପୁରା ଓଭରବ୍ରିଜ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ ବାଇକ୍‌କୁ ଧକ୍କା ଦେଇଛି। ଦୁର୍ଘଟଣାରେ ୨ ଶିଶୁଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମହିଳାଙ୍କ କାମାକ୍ଷାନଗର ମେଡିକାଲରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଓ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏପରି କି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଡିଏଭି ପୋଖରୀପୁଟରେ ଟେକ୍ ଏକ୍ସଲେନ୍ସ ୩.୦ ଅନୁଷ୍ଠିତ



**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ଡିଏଭି ପବ୍ଲିକ୍ ସ୍କୁଲ ପୋଖରୀପୁଟରେ ଟେକ୍ ଏକ୍ସଲେନ୍ସ-୩.୦ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ କାର୍ଯ୍ୟକ୍ରମକୁ ଡିଏଭି ପୋଖରୀପୁଟ ଏବଂ ବିଏମ୍.ୟୁ ମୁଜଲ ୟୁନିଭରସିଟି ଗୁରୁଗାଓଁ ନୂଆଦିଲ୍ଲୀ ମିଳିତ ଭାବେ ଆୟୋଜନ କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମକୁ ଡିଏଭି ଜୋନ୍ ଏଫ୍.ର ସହ ଆଞ୍ଚଳିକ ଅଧିକାରୀ ତଥା ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ଉଦ୍‌ଘାଟନ କରି ଆଧୁନିକ ଯୁଗରେ ଏଆଇର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ଓ ବିଏମ୍‌ୟୁ ୟୁନିଭରସିଟିର ପ୍ରଫେସର ଡକ୍ଟର ଅତୁଲ ମିଶ୍ର ଓ ଡକ୍ଟର ଯୋଗେଶ କୁମାର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଡିଏଭି ଶିକ୍ଷାନୁଷ୍ଠାନ ଭୁବନେଶ୍ୱର, କଟକ, ଭଦ୍ରକ, ପୁରୀ ସମେତ ବିଜେଇଏମ୍, କିଟ୍, ସାଇ ଓ ଜାଭିୟର ଭଳି ୨୦ରୁ ଅଧିକ ବିଦ୍ୟାଳୟର ଛାତ୍ରାଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ଓ ଉକ୍ତ ପ୍ରତିଯୋଗିତାରେ ଡିଏଭି ଚନ୍ଦ୍ରଶେଖରପୁର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେଭି- ୬, ଡିଏଭି ସିଡିଏ କଟକ, ସାଇ ଇଣ୍ଟରନାସନାଲ୍ ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ବିଏମ୍‌ୟୁ ୟୁନିଭରସିଟିର ଉପଦେଷ୍ଟା ଅଭିଜିତ ଭଟ୍ଟାଚାର୍ଯ୍ୟଙ୍କ ସମେତ ଡିଏଭି ପୋଖରୀପୁଟର କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ଗୀତାଞ୍ଜଳି ହୋତା ପରିଚାଳନା କରିଥିଲେ। ଏଥିରେ କମ୍ପ୍ୟୁଟର ସାଇନ୍ସ ଶିକ୍ଷକ ପିଏସ୍ ରାଓ, ଶିକ୍ଷୟିତ୍ରୀ ସସ୍ମିତା ରାଉତ, ସୁସ୍ମିତା ସିଂ, ଓଡ଼ିଆ ବିଭାଗର ବରିଷ୍ଠ ଶିକ୍ଷକ ନରୋତ୍ତମ ଷଡ଼ଙ୍ଗୀ, ଆଇଟି ବିଭାଗର ପ୍ରଭଞ୍ଜନ ମହାପାତ୍ର, ବିକାଶ ଗୌଡ଼, ଅଶୋକ କୁମାର ସାହୁ, ଅଶୋକ କୁମାର ଗୁଇଁ, କ୍ୟାମ୍ପସ ମ୍ୟାନେଜର ବିଜୟ ରଥ ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ନିରୀକ୍ଷକ ଶୀତିକଣ୍ଠ ପତି ପୁରସ୍କାର ବିତରଣ କରିଥିଲେ।

## ଘାଗରି ଜଳପ୍ରପାତରେ ବୁଡ଼ି ୨ ଛାତ୍ର ମୃତ



**ବେଦବ୍ୟାସ,୧୭।୧୦(ସଂଚାର ବ୍ୟୁରୋ):** ୬ ଜଣ ସାଙ୍ଗ ହୋଇ ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ହେଲେ ଗାଧୋଇବାବେଳେ ବୁଡ଼ି ଯାଇ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ରାଉରକେଲା ସେକ୍ଟର -୨୦ ସ୍ଥିତ ଆଇଏମଏସ ସ୍କୁଲର ଓମ ସୁନା ଓ ଅନୁରାଗ ଦାସ। ଏହି ଘଟଣା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିର୍କେରା ଗ୍ରାମର ଘାଗରି ଜଳପ୍ରପାତରେ ଶୁକ୍ରବାର ଘଟିଛି। ମିଳିଥିବା ସୂଚନାନୁସାରେ, ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଓମ୍, ଅନୁରାଗ, ଅଭିଜିତ ହେବୋ, ଅଭିଷେକ ସାହୁ, ସୁମିତ୍ ସେଟ ଓ ପ୍ରୀତମ୍ ହାଁସଦା ମିଶି ଆଜି ଅପରାହ୍ନ ପ୍ରାୟ ୧ଟା ବେଳେ ଘାଗରି ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ୬ଜଣ ସାଙ୍ଗ ଗାଧୋଇବାକୁ ଯାଇଥିଲେ। ପରେ ୪ ଜଣ ଫେରିଆସିଥିବା ବେଳେ ଓମ୍ ଓ ଅନୁରାଗ ବୁଡ଼ି ଯାଇଥିଲେ। ଅନ୍ୟ ସାଙ୍ଗମାନେ ସ୍ଥାନୀୟ ଲୋକଙ୍କୁ ଡାକିବା ସହ ବିରକେରା ସରପଞ୍ଚ ରବି ତିର୍କି, ସମିତି ସଭ୍ୟ ସନ୍ତୋଷ ତିର୍କି ପୁଲିସ ଓ ଦମକଳ ବିଭାଗକୁ ସୂଚନା ଦେଇଥିଲେ। ପୁଲିସ ଓ ଦମକଳ କର୍ମଚାରୀ ପହଞ୍ଚି ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର କରି ରାଉରକେଲା ସରକାରୀ ହସ୍ପିଟାଲକୁ ପଠାଇଛନ୍ତି।

## ଫେବୃଆରୀ ୧୫ରୁ +୨ ପରୀକ୍ଷା!

● ଡିସେମ୍ବର ୧୫ ସୁଦ୍ଧା ମିଳିବ ଆଡମିଟ୍ କାର୍ଡ

**କଟକ,୧୭।୧୦(ସଂଚାର ବ୍ୟୁରୋ):** ଆସନ୍ତା ଫେବୃଆରୀ ମାସରେ ହେବ ଯୁକ୍ତ ଦୁଇ ପରୀକ୍ଷା। ଫେବୃଆରି ମାସ ୧୫ ତାରିଖରୁ ୨୫ ତାରିଖ ଭିତରେ ଯୁକ୍ତ ଦୁଇ ପରୀକ୍ଷା ହେବ। ଏଥିପାଇଁ ଡିସେମ୍ବର ୧୫ ସୁଦ୍ଧା ମିଳିବ ଆଡମିଟ୍ କାର୍ଡ। ମିଳିଥିବା ସୂଚନା ମୁତାବକ, ଇଣ୍ଟରନାଲ ପରୀକ୍ଷା ଡିସେମ୍ବର ୨୨ରୁ ୩୧ ଭିତରେ ହେବ। ପେରେଣ୍ଟମାନେ ଏହି ସମୟରେ ଇଣ୍ଟରନାଲ ଦେଇପାରିବେ ନାହିଁ, ସେମାନେ ଜାନୁଆରୀ ୧୦ରୁ ୧୫ ଭିତରେ ଇଣ୍ଟରନାଲ ପରୀକ୍ଷା ଦେବା ପାଇଁ ଆଉ ଏକ ସୁଯୋଗ ପାଇବେ। ଜାନୁଆରୀ ୨ ରୁ ୧୫ ଯାଏଁ ହେବ ପ୍ରାକ୍ଟିକାଲ ପରୀକ୍ଷା। ଏକ୍ସ ରେଗୁଲାର ଫର୍ମ ଫିଲ ଅପ ଅକ୍ଟୋବର ୧୩ ରୁ ନଭେମ୍ବର ୨୨ ଯାଏଁ ଚାଲିବ। ସେହିପରି ଆସନ୍ତା ଅକ୍ଟୋବର ୨୦ ରୁ ନଭେମ୍ବର ୨୨ ଯାଏଁ ରେଗୁଲାର ପିଲାଙ୍କ ଫର୍ମ ଫିଲଅପ ଚାଲିବ। ନଭେମ୍ବର ୨୯ ସୁଦ୍ଧା ପରୀକ୍ଷା ସେଣ୍ଟରରେ ଲାଗିବ ସିସିଟିଭି କ୍ୟାମେରା। ଏଥର ନୂଆ ୮୯ ପରୀକ୍ଷା ସେଣ୍ଟର ଅପଗ୍ରେଡ଼ ସ୍କୁଲରେ ହେବ। ସମୁଦାୟ ୧୩୪୯ ସେଣ୍ଟରରେ ହେବ ଯୁକ୍ତ ଦୁଇ ପରୀକ୍ଷା। ଏଥର ନୂଆ କରି ପ୍ରୋଭିଜନାଲ ସାର୍ଟିଫିକେଟକୁ ଡିଜିଟାଲ କରାଯିବ।

# ବାଜପେୟୀ ଥିଲେ ଭାରତୀୟ ରାଜନୀତିର ଉଜ୍ଜ୍ୱଳ ନକ୍ଷତ୍ର



**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ଭାରତରତ୍ନ ଅଟଳ ବିହାରୀଙ୍କ ଭଳି ରାଜନେତା ଭାରତୀୟ ରାଜନୀତିରେ ବିରଳ। ତାଙ୍କଭଳି ରାଷ୍ଟ୍ରନାୟକ ଯୁଗେ ଯୁଗେ ଦେଶବାସୀଙ୍କ ନିମନ୍ତେ ପ୍ରେରଣାଦାୟୀ ହୋଇ ରହିବେ। ଏଭଳି ଜଣେ ଉଜ୍ଜ୍ୱଳ ନକ୍ଷତ୍ରଙ୍କ ତ୍ୟାଗ, ନିଷ୍ଠା ଓ ଦେଶଭକ୍ତି ତଥା ରାଷ୍ଟ୍ର ନିର୍ମାଣରେ ଅବଦାନ ପ୍ରତି ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ସ୍ଥାନୀୟ ରବିନ୍ଦ୍ର ମଣ୍ଡପରେ ନୃତ୍ୟଧାମ ଦ୍ୱାରା ଆୟୋଜିତ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପାତ୍ର ଏହା କହିଛନ୍ତି । ଏହି ଦୁଇଦିନିଆ ଉତ୍ସବର ପ୍ରଥମ ଦିନରେ କାର୍ଯ୍ୟକ୍ରମ 'ଅଟଳନାମା' ଆୟୋଜିତ ହେବା ସହ ତାଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳିତ ହୋଇଛି। ଏହି ଅବସରରେ ବିଶ୍ୱନାଥ ପାଟିଙ୍କ ରଚିତ ଓ ଧାର ମଲ୍ଲିକଙ୍କ ନିର୍ଦ୍ଦେଶିତ ନାଟକ 'ରାଷ୍ଟ୍ର ପୁରୁଷ ଅଟଳ' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ଜଗନ୍ନାଥ ପ୍ରଧାନ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡକ୍ଟର ସ୍ନେହପ୍ରଭା ସାମନ୍ତରାୟ ଓ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର ଏବଂ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀଜୀ ପୁରସ୍କାର' ପ୍ରଦାନ କରାଯାଇଥିଲା।

## ବିଡିଏ ଉପାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ ଚଞ୍ଚଳ ରାଣା



**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ) :** ଚଞ୍ଚଳ ରାଣା (ଆଇଏଏସ୍) ଶୁକ୍ରବାର ଦିନ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ର ୨୭ତମ ଉପାଧ୍ୟକ୍ଷ ଭାବରେ ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କର କାର୍ଯ୍ୟକାଳର ପ୍ରଥମ ଦିନରେ, ସେ ପ୍ରମୁଖ ବିକାଶମୂଳକ ପ୍ରାଥମିକତା ଉପରେ ଆଲୋଚନା କରିବା ଏବଂ ସହରର ଭବିଷ୍ୟତ ଅଭିବୃଦ୍ଧି ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ବରିଷ୍ଠ ବିଡିଏ ଅଧିକାରୀଙ୍କ ସହିତ ଏକ ବୈଠକ ଡାକିଥିଲେ। ବୈଠକ ସମୟରେ, ରାଣା ଭୁବନେଶ୍ୱରକୁ ଏକ ଆଧୁନିକ, ସ୍ମାର୍ଟ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା ପାଇଁ ସାମୂହିକ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଚାଲୁଥିବା ସହରାଞ୍ଚଳ ବିକାଶ ଯୋଜନାଗୁଡ଼ିକର ସେ ସମୀକ୍ଷା କରିବା ସହ ଆଗାମୀ ଦିନରେ ସହରର ବିକାଶରେ ନୂତନ ପରିମାଣ ଯୋଡିବା ପାଇଁ ବିଶେଷ ଧ୍ୟାନ ଦେବା ଆବଶ୍ୟକ ଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଉପସ୍ଥିତ ଅଧିକାରୀମାନେ, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ, ରାଜ୍ୟ ସରକାରଙ୍କ ନୀତି ଏବଂ ଦୃଷ୍ଟିକୋଣ ସହିତ କାର୍ଯ୍ୟ କରିବାକୁ ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଆଲୋଚନାରେ ଭିତ୍ତିଭୂମି ଏବଂ ସହରାଞ୍ଚଳ ଶାସନକୁ ସୁଦୃଢ଼ କରିବା ପାଇଁ ଆଗାମୀ କାର୍ଯ୍ୟ ଯୋଜନା ଏବଂ ରଣନୀତି ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଉଲ୍ଲେଖନୀୟ ଯେ, ତାଙ୍କୁ ବିଏମ୍‌ସି କମିଶନର ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଭାବରେ ମଧ୍ୟ ଦାୟିତ୍ୱ ଦିଆଯାଇଛି ।

## ମୃତ ବ୍ୟକ୍ତିଙ୍କ ନାଁରେ ୬୬ ହଜାର ଋଣ

● ଋଣ ନୋଟିସ ଧରି ଥାନାରେ ଏତଲା ଦେଲେ ପୁଅ

**ଆଳି,୧୭।୧୦(ସଂଚାର ବ୍ୟୁରୋ):** ମୃତ ବ୍ୟକ୍ତିଙ୍କ ନାଁରେ ଋଣକରି ୬୬ହଜାର ଟଙ୍କା ହଡ଼ପ କରାଯାଇଥିବାର ଅଭିଯୋଗ। କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ସିକୋ ପ୍ରାଥମିକ କୃଷି ସମବାୟ ସମିତିରେ ଜଣେ ମୃତବ୍ୟକ୍ତିଙ୍କ ନାଁରେ ଋଣ ଜାଲିଆତି କରି ୬୬ହଜାର ଟଙ୍କା ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଛି । ସିକୋ ଗ୍ରାମର ଅଧିବାସୀ ନାରାୟଣ ସ୍ୱାଇଁଙ୍କର ଗତ ୨୦୦୭ ମସିହା ସେପ୍ଟେମ୍ବର ୨୦ତାରିଖରେ ମୃତ୍ୟୁ ଘଟିଥିବା ବେଳେ ୨୦୧୩ ମସିହାରେ ସିକୋ ପ୍ରାଥମିକ କୃଷି ସମବାୟ ସମିତିରୁ ୬୬ହଜାର ଟଙ୍କା ଋଣ କରିଥିବା ନେଇ ନୋଟିସ ଆସିଛି । ଏବେ ଋଣ ପରିଶୋଧ କରିବା ପାଇଁ ସମବାୟ ସମିତିରୁ ମୃତକଙ୍କ ପରିବାର ନିକଟକୁ ନୋଟିସ ଆସିବା ପରେ ସମସ୍ତ କଥା ପଦାକୁ ଆସିଛି।

## ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେଲେ ପୀଡ଼ିତା

**କୋଲ୍‌କାତା,୧୭।୧୦(ସଂଚାର ବ୍ୟୁରୋ):** ଦୁର୍ଗାପୁରର ଏକ ଘରୋଇ ମେଡିକାଲ୍ କଲେଜରେ ପାଠ ପଢୁଥିବା ଜଳେଶ୍ୱରର ଜନୈକା ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିବା ବେଳେ ଆଜି ତାଙ୍କୁ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଉକ୍ତ ଘରୋଇ ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ତାଙ୍କ ଶାରୀରିକ ଓ ମାନସିକ ସ୍ଥିତି ଠିକ୍ ରହିଥିବା ନେଇ ଡାକ୍ତରଖାନା ପକ୍ଷରୁ ରିପୋର୍ଟ ଦିଆଯିବା ପରେ ଡାକ୍ତରମାନେ ତାଙ୍କୁ ଡିସ୍‌ଚାର୍ଜ କରିଛନ୍ତି। ତେବେ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହୋଇଥିଲେ ମଧ୍ୟ ଉକ୍ତ ଡାକ୍ତରୀ ଛାତ୍ରୀ ଜଣଙ୍କ ପୁଲିସ୍ ଚଳାଇଥିବା ତଦନ୍ତରେ ସହଯୋଗ କରିବା ସକାଶେ ବର୍ତ୍ତମାନ କିଛିଦିନ ଦୁର୍ଗାପୁରରେ ରହିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଘଟଣାର ସପ୍ତାହେ ପରେ ଆଜି ଫୋରେନ୍‌ସିକ୍ ଟିମ୍ ପରାନ୍‌ଗଞ୍ଜ ଜଙ୍ଗଲସ୍ଥିତ ଘଟଣାସ୍ଥଳରେ ପହଞ୍ଚି କିଛି ଅତିରିକ୍ତ ପ୍ରମାଣ ସଂଗ୍ରହ କରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଆସନସୋଲ୍-ଦୁର୍ଗାପୁର ପୁଲିସ୍ କମିଶନର୍ (ପୂର୍ବ) ଅଭିଷେକ ଗୁପ୍ତା କହିଛନ୍ତି ଯେ ଏହି ମାମଲାରେ ୬ ଜଣଙ୍କୁ ଗିରଫ କରାଯିବା ସହ ପଚରାଉଚରା ଚାଲିଥିବାରୁ ଅଧିକ ତଥ୍ୟ ସଂଗ୍ରହ ପାଇଁ ଫୋରେନ୍‌ସିକ୍ ଟିମ୍ ପୁନର୍ବାର ଘଟଣାସ୍ଥଳରେ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ପୀଡ଼ିତା ଜଣଙ୍କ ଖୁବ୍‌ଶୀଘ୍ର ଓଡ଼ିଶା ଫେରିବାର ସଙ୍କେତ ଦେଇଛନ୍ତି ତାଙ୍କ ପିତା। ସେ କହିଛନ୍ତି ଯେ ଝିଅକୁ ଡାକ୍ତର କରିବା ପାଇଁ ସେ ପଶ୍ଚିମବଙ୍ଗ ପଠାଇଥିଲେ। କିନ୍ତୁ ସେ ଏବେ ଆଉ ଏଠାରେ ରହିବାର ସମ୍ଭାବନା କମ୍। କିନ୍ତୁ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ସହ ତାଙ୍କ ଝିଅକୁ ନ୍ୟାୟ ଦେବା ସକାଶେ ସେ ଦାବି କରିଛନ୍ତି।

# ଅଡିସନରେ ସୁଯୋଗ ଦେବାକୁ ଜିଲ୍ଲାପାଳଙ୍କୁ ନିବେଦନ



**ବରଗଡ, ୧୭।୧୦ (ସଂଚାର ବ୍ୟୁରୋ) :** ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା କଳାକାର ଅଡିସନରେ ସୁଯୋଗ ମିଳୁ ବୋଲି ଜିଲ୍ଲାପାଳଙ୍କୁ ଅନୁରୋଧ କଲେ ହୃଷୀକେଶ ଭୋଇ । ତିନି ବର୍ଷରେ ଥରେ କଳାକାର ଚୟନ ପାଇଁ ବିଧି ରହିଥିବା ବେଳେ ତୃତୀୟ ଥର କଂସ ଭୂମିକାରେ ଅଭିନୟ କରିବା ପୂର୍ବରୁ ହୃଷିକେଶ ଭୋଇ ବିବାଦୀୟ ହୋଇଥଲେ । ହୃଷିକେଶ ଭୋଇ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମହାପରାୟଣ ଗାଡିର ଡ୍ରାଇଭର ଭାବେ କାର୍ଯ୍ୟ ନିର୍ବାହ କରୁଥିଲେ । ଗାଇସିଲେଟ ବ୍ଲକ ଅଞ୍ଚଳକୁ ଜଣେ ବ୍ୟକ୍ତିଙ୍କ ମୃତଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କଲା ସମୟରେ ୩ ହଜାର ଟଙ୍କା ନେବା ମହଙ୍ଗା ପଡିଥିଲା। ଚାକିରିରୁ ନିଲମ୍ବିତ ହେବା ସହ ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ମହୋତ୍ସବର କଂସ ଭୂମିକାରୁ ବାଦ ପଡିଥିଲେ । ଗତ ୧୫ ତାରିଖ ଦିନ ସିଡିଏମଓ ବରଗଡ଼ ହୃଷିକେଶ ଭୋଇଙ୍କ ଉପରେ ଲାଗିଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିବା ସହ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ଠାରେ ଯୋଗଦାନ କରିବା ନିର୍ଦ୍ଦେଶ ଜାରି କରିଛନ୍ତି ।

ନିଲମ୍ବନ ପ୍ରତ୍ୟାହାର ପରେ ହୃଷିକେଶ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ବରଗଡ଼ ଜିଲ୍ଲାପାଳଙ୍କୁ ଧନୁଯାତ୍ରା ମହୋତ୍ସବ ପାଇଁ ହେବାକୁ ଥିବା କଳାକାର ଚୟନ ବା ଅଡିସନରେ ସୁଯୋଗ ଦେବା ପାଇଁ ଅନୁରୋଧ କରିଛନ୍ତି । ଆସନ୍ତା ଡ଼ିସେମ୍ବର ୨୪ ତାରିଖ ଆରମ୍ଭ ହେବ ବିଶ୍ୱର ସର୍ବବୃହତ ଖୋଲା ମୁକ୍ତାକାଶ ରଙ୍ଗମଞ୍ଚରେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ।

ଜାତୀୟ ସବଜୁନିଅର ଟେନିସ ବଲ କ୍ରିକେଟ ଉଦ୍‌ଯାପିତ

## ଓଡ଼ିଶା ଦଳକୁ ବ୍ରୋଞ୍ଜ ପଦକ



**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ରାଜସ୍ଥାନର ଦୌସାରେ ଚାଲିଥିବା ୩୦ତମ ଜାତୀୟ ସବଜୁନିଅର ଟେନିସ ବଲ କ୍ରିକେଟ ଚାମ୍ପିଅନସିପ ଉଦ୍‌ଯାପିତ ହୋଇଥିବା ବେଳେ ଏଥିରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ପାଇଛି। ଦଳ ସେମିଫାଇନାଲରେ ପୂର୍ବାଞ୍ଚଳଠାରୁ ୨୦ ରନରେ ପରାସ୍ତ ହୋଇ ଏହି ପଦକଟି ହାସଲ କରିଛି। ଉକ୍ତ ମ୍ୟାଚ୍‌ରେ ପୂର୍ବାଞ୍ଚଳ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍ ବିନିମୟରେ ୫୬ ରନ କରିଥିଲା। ଏହାର ଜବାବରେ ଓଡ଼ିଶାଶ ମାତ୍ର ୩୬ ରନ କରି ଅଲଆଉଟ ହୋଇଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏକକାଳୀନ...

ଅସ୍ତ୍ର ଛାଡ଼ି ସରେଣ୍ଡର କରିଛନ୍ତି। ସେମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଛି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ସିପିଆଇ ମାଓବାଦୀ ସଂଗଠନର ଜଣେ ସେଣ୍ଟ୍ରାଲ କମିଟି ମେମ୍ବର, ୪ଜଣ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନ କମିଟି ମେମ୍ବର,ଜଣେ ରିଜିଅନାଲ କମିଟି ସଦସ୍ୟ, ୨୧ ଡିଭିଜନାଲ କମିଟି ସଦସ୍ୟ ଓ ୬୧ ଜଣ ଏରିଆ କମିଟି ସଦସ୍ୟ ସାମିଲ ଅଛନ୍ତି।

ସେମାନଙ୍କ ମଧ୍ୟରୁ ଅଧିକାଂଶ ଅବୁଝମାଡ଼ରେ ମାଓ କାର୍ଯ୍ୟକଳାପରେ ସଂପୃକ୍ତ ଥିଲେ। ସେହିପରି୧୫୩ଟି ଅସ୍ତ୍ରଶସ୍ତ୍ର ମଧ୍ୟରେ ରାଇଫଲ, ଏଲଏମଜି, କାର୍ବାଇନ, ପିସ୍ତଲ ଓ ବିଜିଏଲ ଲଞ୍ଚର ରହିଛି। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦୀଙ୍କୁ ମୂଳପୋଛ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଡେଡଲାଇନ ରଖିଛନ୍ତି। ଏଥିପାଇଁ ସୁରକ୍ଷା ବାହିନୀ ଜୋରଦାର ଅପରେସନ ଚଳାଇଛି। ବଡ଼ କାର୍ଯ୍ୟାନୁଷ୍ଠାନରେ ଦୁର୍ବଳ ହେଉଛି ଲାଲ ବାହିନୀ। ଆଜି ଛତିଶଗଡ଼ରେ ୨୦୮ ଜଣ ମାଓବାଦୀ ଆତ୍ମମର୍ପଣ କରିଛନ୍ତି। ଏହାସହ ଉତ୍ତର ବସ୍ତରରେ ଲାଲ ବାହିନୀ ଆଡ୍ଡା ଧ୍ୱଂସ ପାଇଛି।

## ନିଦ...

ଲ୍ୟାବ (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଯାଇଛି। ପୁଲିସ ଆଶାୟୀଙ୍କୁ ଧରିବା ପୂର୍ବରୁ ସବୁ ଚାଟ୍ ଡିଲିଟ୍ କରି ଦେଇଥିଲେ ଆଶାୟୀ। ଦଲାଲଙ୍କ ନିର୍ଦ୍ଦେଶରେ ଚାଟ୍ ଡିଲିଟ୍ କରିଥିଲେ। ଏହି ଚାଟକୁ ପୁନରୁଦ୍ଧାର କରିବାକୁ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ଉଦ୍ୟମ ହେଉଛି।

ଚାଟରେ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ବହୁ ଗୁମର ଲୁଚିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ଚାଟ୍ ରିଟ୍ରିଭ୍ ହେଲେ ପରଦା ହଟିବ। ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ନେଇ କାମ କରୁଥିଲା ବଡ଼ କ୍ରାଇମ ସିଣ୍ଡିକେଟ୍। ମିଳିଥିବା ସୂଚନାନୁସାରେ, ଦୁଇଟି ମଡ୍ୟୁଲରେ ହୋଇଥିଲା ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ସ୍କାମ। ଗୋଟିଏ ବିଜୟନଗରମ ମଡ୍ୟୁଲ ଓ ଅନ୍ୟଟି ଦୀଘା ମଡ୍ୟୁଲ। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ଫୋକସରେ ରହିଛି ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି। ଏସଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାରେ ଏପର୍ଯ୍ୟନ୍ତ ୧୨୩ ଜଣଙ୍କୁ ଗିରଫ କରାଯାଇସାରିଛି। ଦୀଘା ମଡ୍ୟୁଲର ନେତୃତ୍ୱ ନେଉଥିବା ଅରବିନ୍ଦ ଦାସ ପୂର୍ବରୁ ଗିରଫ ହୋଇସାରିଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ମିଳିଥିବା ସୂଚନାନୁସାରେ, ବିଜୟନଗରମକୁ ୧୧୪ ଓ ଦୀଘାକୁ ୧୧୦ ଆଶାୟୀ ଛାତ୍ରଛାତ୍ରୀଙ୍କୁ ନିଆଯିବାକୁ ଯୋଜନା ହୋଇଥିଲା। ଆସନ୍ତା ୩୦ରେ ଦୀଘା ଯାଇଥାନ୍ତେ ୧୧୦ ପରୀକ୍ଷାର୍ଥୀ। ଗତ ୨୯ ତାରିଖରେ ବିଜୟନଗର ଯିବା ସମୟରେ ୧୧୪ ଜଣ ଧରାପଡ଼ିବା ପରେ ଆଉ କେହି ଦୀଘା ଗଲେନାହିଁ। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ଫୋକସରେ ରହିଥିବା ଶଙ୍କର ଦିଲ୍ଲୀ ଛାଡିଦେଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। କିନ୍ତୁ ସେ ଖୁବଶୀଘ୍ର ଧରାପଡିବେ ବୋଲି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏସଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାରେ ଅଦ୍ୟାବଧି ୧୨୧ ଜଣ ଗିରଫ ହୋଇଛନ୍ତି। ସେହିପରି ପ୍ରଶ୍ନପତ୍ର ଲିକ୍ କ୍ରାଇମ ସିଣ୍ଡିକେଟ୍‌ରେ ବାହାର ରାଜ୍ୟର କୌଣସି ଗ୍ୟାଙ୍ଗର ସମ୍ପୃକ୍ତି ଅଛି କି ନାହିଁ, ସେ ନେଇ ମଧ୍ୟ ତଦନ୍ତ ଜାରି ରହିଛି।

ଆଜି କ୍ରାଇମ୍ ବ୍ରାଞ୍ଚ୍ ଡିଆଇଜି ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନାନୁସାରେ, ମୋଷ୍ଟ୍ ୱାଣ୍ଟେଡ୍ ମୁନା ମହାନ୍ତି ଗତ ୨୭ ତାରିଖରେ ୨ ଲକ୍ଷ ୩୦ ହଜାର ଟଙ୍କା ଦେଇ ତିନିଟି ବସ୍ ବୁକ୍ କରିଥିଲା। ଏହି ଟଙ୍କା ତା'ର ଆକାଉଣ୍ଟ୍ ଓ ତା'ର ମା'ଙ୍କ ଆକାଉଣ୍ଟ୍‌ରୁ କଟିଥିଲା। ଗତ ୨୯ ତାରିଖରେ ଏହି ବସ୍‌ଗୁଡ଼ିକ ତା'ର ତତ୍ତ୍ୱାବଧାନରେ ଓ ତିନି ଜଣ ସହଯୋଗୀ ସହଯୋଗରେ ଖଣ୍ଡଗିରିରୁ ବାହାରିଥିଲା। ସେ ନିଜେ ବିଜୟନଗରମ୍‌ରେ ଉକ୍ତ ପ୍ରାର୍ଥୀଙ୍କ ରହଣି ବ୍ୟବସ୍ଥା ପାଇଁ ପହଞ୍ଚିଥିଲା। ଏଥିସହ ସେ ତା' ଭଉଣୀର ସାଙ୍ଗ ପ୍ରିୟଦର୍ଶିନୀଙ୍କୁ ମଧ୍ୟ ଏହି କାମରେ ଲଗାଇଥିଲା।

## ସୁନା...

ଅଫରକୁ ତନ୍ନ ତନ୍ନ କରି ତର୍ଜମା କରୁଛନ୍ତି।

ବର୍ଷସାରା ସୁନା ବ୍ୟବସାୟ ହେଉଥିଲେ ମଧ୍ୟ ଧନତରାସ ସମୟରେ ଏହା ଢେର ବଢ଼ିଥାଏ। ଧନୀଙ୍କ ଠାରୁ ଆରମ୍ଭ କରି ଗରିବଙ୍କ ପର୍ଯ୍ୟନ୍ତ ସମସ୍ତେ ସୁନା କିଣିଥାନ୍ତି। ଏଥିପାଇଁ ଅନେକ ଲୋକ ବର୍ଷସାରା ଅର୍ଥ ସଞ୍ଚୟ କରିବାରେ ଲାଗିଛନ୍ତି। ତେବେ ଏଥର ଧନତରାସ ପୂର୍ବରୁ ସୁନାର ଦର ଯେଭଳି ବୃଦ୍ଧି ପାଇଛି ସେଥିରେ ସାଧାରଣ ଲୋକେ ତ ଦୂରରକଥା ପଇସାବାଲା ବି ପଛଘୁଞ୍ଚା ଦେଉଛନ୍ତି। ତେବେ ଧନତରାସରେ ସୁନା କିଣିବାରେ ସଉକ ରଖୁଥିବା ଲୋକେ ଅଳ୍ପ ସୁନା କିଣିବାପାଇଁ ଆଗ୍ରହ ଦେଖାଉଥିବାରୁ ବ୍ୟବସାୟୀମାନେ ଏବେ ହାଲୁକା ଗହଣା ଉପରେ ଜୋର ଦେଉଛନ୍ତି।

ଗତ କିଛିଦିନ ହେଲା ଅଧିକାଂଶ ସୁନା ଦୋକାନରେ ଗ୍ରାହକଙ୍କ ଖାଁ ଖାଁ ଅବସ୍ଥା ଥିବାବେଳେ ଧନତରାସରେ ବ୍ୟବସାୟ କରି ତାହାକୁ ଭରଣ କରିବାକୁ ଦୋକାନୀମାନେ ଲକ୍ଷ୍ୟ ରଖିଛନ୍ତି। ତେଣୁ ରାଜଧାନୀର ବଡରୁ ଛୋଟ ସୁନା ଦୋକାନୀଙ୍କ ପର୍ଯ୍ୟନ୍ତ ଗ୍ରାହକଙ୍କ ପାଇଁ ବିଭିନ୍ନ ଅଫର ଦେଉଛନ୍ତି। କିଏ ଗଢ଼ାମଜୁରୀ ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି ତ ଆଉ କିଏ ଗ୍ରାହକମାନେ ନେବାକୁ ଥିବା ସୁନାର ଓଜନ ଉପରେ ୩ ପ୍ରତିଶତ ପର୍ଯ୍ୟନ୍ତ ଛାଡ ପାଇଁ ସର୍ତ୍ତ ରଖିଛନ୍ତି। ବହୁସଂଖ୍ୟକ ସୁନା ଦୋକାନୀ ବିଭିନ୍ନ ବ୍ୟାଙ୍କ୍‌ର କ୍ରେଡିଟ୍ କାର୍ଡ ସହ ଅନୁବନ୍ଧିତ ହୋଇ ରିହାତି ଦେଉଛନ୍ତି।

ଏତେ ସବୁ ସତ୍ତ୍ୱେ ବି ଚଳିତ ବର୍ଷ ସୁନା ଦର ବୃଦ୍ଧି ଯୋଗୁଁ ପୂର୍ବଭଳି ଧନତେରାସରେ ବ୍ୟବସାୟ ହେବା ନେଇ ଦୋକାନୀମାନେ ସନ୍ଦେହରେ ରହିଛନ୍ତି। କେବଳ ଆଗକୁ ବିବାହ ଋତୁ ଦେଖି କିଛି ଲୋକେ ବାଧ୍ୟ ବାଧ୍ୟକତାରେ ସୁନା କିଣିବାକୁ ଆସୁଥିବାରୁ ସେମାନଙ୍କୁ ନିଜ ପଟକୁ ଆକୃଷ୍ଟ ଲାଗି ଦୋକାନୀମାନେ ଲାଗି ପଡିଛନ୍ତି। ପ୍ରତିଦିନ ନିଜର ପୁରୁଣା ଗ୍ରାହକମାନଙ୍କ ନିକଟକୁ ଫୋନ୍ କରି ବିଭିନ୍ନ ଅଫର ସଂକ୍ରାନ୍ତରେ ବୁଝାଇବା ସହିତ ଘରକୁ ଘର ବୁଲି ରିହାତି ଅଫରର କାଗଜ ବାଣ୍ଟୁଛନ୍ତି। ପ୍ରଚାର ପ୍ରସାର ପାଇଁ ପୂର୍ବାପେକ୍ଷା ଅଧିକ ଅର୍ଥ ଖର୍ଚ୍ଚ କରିବାରେ ଲାଗିଛନ୍ତି। ଏତେ ସବୁ ସତ୍ତ୍ୱେ ବି ଚଳିତବର୍ଷ ଧନତରାସରେ କିଭଳି ବ୍ୟବସାୟ ହେବ ତାହାକୁ ନେଇ ଅନେକ ସନ୍ଦେହରେ ଅଛନ୍ତି। ରୂପାର ଦର ରେଟ୍ ବେଗରେ ବଢୁଥିବାରୁ ରୁପା ଗହଣା ବ୍ୟବସାୟୀମାନେ ମଧ୍ୟ ଧନତେରାସରେ ବ୍ୟବସାୟ ନେଇ ଚିନ୍ତାରେ ଥିବା ଲକ୍ଷ୍ୟ କରାଯାଉଛି।

## ପାର୍ବଣରେ...

ସରକାର ସ୍ପଷ୍ଟ କରିଛନ୍ତି। ଏହାଦ୍ୱାରା ରାଜ୍ୟ ରାଜକୋଷ ଉପରେ ଅଯଥା ଆର୍ଥିକ ବୋଝ ହ୍ରାସ କରିବା ସହ ସାଧାରଣ ଲୋକଙ୍କ ଟିକସ ଅର୍ଥର ଅପବ୍ୟୟକୁ ରୋକାଯାଇପାରିବ ବୋଲି ସରକାର ଆଶା ବ୍ୟକ୍ତ କରିଛନ୍ତି। ଏହି ନୀତି ରାଜ୍ୟ ସରକାରଙ୍କ ସବୁ ବିଭାଗ, ଉଦ୍ୟୋଗ ଓ ଅନ୍ୟ ଅନୁଷ୍ଠାନ ପାଇଁ ଲାଗୁ ହୋଇଛି।

## ଦୁର୍ନୀତିରେ...

ସାମଲ ବିଇଓଙ୍କ ବିଭିନ୍ନ ଦୁର୍ନୀତିର ପର୍ଦ୍ଦାଫାସ ପାଇଁ ଉଦ୍ୟମ କରିବାରୁ ତାଙ୍କୁ ବିଇଓ ମ୍ୟାଡାମ୍ ବାଙ୍କୀ ଡମପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରିଦେଇଥିଲେ। ଏହାକୁ ବିରୋଧ କରି ଶ୍ରୀ ସାମଲ ପରିବାର ସହ ନିଶ୍ଚିନ୍ତକୋଇଲି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଅବଶ୍ୟ ଶେଷରେ ତାଙ୍କୁ ପୁଣି ଥରେ ବାପୁଜୀ ବିଦ୍ୟାଳୟକୁ ଫେରାଇ ଅଣାଯାଇଥିଲା। ସେହିପରି ଶିକ୍ଷୟିତ୍ରୀ ଚନ୍ଦ୍ରପ୍ରିୟା ପୃଷ୍ଟିଙ୍କୁ ମଧ୍ୟ ବିଇଓଙ୍କ ଚକ୍ରାନ୍ତରେ ଜେଲ ଯିବାକୁ ପଡ଼ିଥିଲା। ସେହିଭଳି କେନ୍ଦୁପାଟଣା ଘେଓ୍ୱାରଚାନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ ଜଣ ବିଜ୍ଞାନ ଶିକ୍ଷକ ଥିବା ବେଳେ ଅନ୍ୟ ଅଞ୍ଚଳର ବହୁ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ପଦବୀ ଫାଙ୍କା ପଡ଼ିଛି। ଫଳରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଅଭିଯୋଗ ହେଉଛି ବିଇଓ ମ୍ୟାଡ଼ମ ଜିଲ୍ଲା ଶିକ୍ଷା କମିଟିକୁ ବେଖାତିର କରି ନିଜ ଇଚ୍ଛାନୁଯାୟୀ ନିୟମ ଲାଗୁ କରୁଛନ୍ତି। ଏପରିକି ମଧ୍ୟାହ୍ନଭୋଜନ, ବିଦ୍ୟାଳୟ ଭିତ୍ତିଭୂମି ନିର୍ମାଣ, ଛାତ୍ରଛାତ୍ରୀଙ୍କ ପୋଷାକ ବଣ୍ଟନ ଆଦିରେ ମଧ୍ୟ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି ବୋଲି କଟକ ଜିଲ୍ଲା କଂଗ୍ରେସ ସଭାପତି ଅଭିଯୋଗ କରିଛନ୍ତି। ନିଶ୍ଚିନ୍ତକୋଇଲିରେ ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ତୁରନ୍ତ ମ୍ୟାଡାମ୍‌ଙ୍କୁ ବଦଳି କରିବାକୁ ଶ୍ରୀ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷାବିତ ଦାବି କରିଛନ୍ତି।

## ଗୃହ...

୨୪ରେ ୧୦୯୦ କୋଟି ଟଙ୍କା ଓ ଆର୍ଥିକ ବର୍ଷ ୨୦୨୪-୨୫ରେ ୧୩୬୬ କୋଟି ଟଙ୍କା କାରବାର ରେକର୍ଡ କରିଛି ଯାହାକି ୨୫ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି। ନିଗମର କାରବାର ଗତ ୨୦୧୪-୧୫ ଆର୍ଥିକ ବର୍ଷରେ ୩୩୨ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକ ବର୍ଷରେ ୧୩୬୬ କୋଟି ଟଙ୍କାରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ନିଗମର ଲାଭ ୨୦ କୋଟିରୁ ବୃଦ୍ଧି ପାଇ ୯୫ କୋଟି ଟଙ୍କାରେ ପହଞ୍ଚିଛି। ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାବେ ନିଗମ ନିଜସ୍ୱ ସମ୍ବଳରୁ ସମସ୍ତ ଆର୍ଥିକ ଦାୟିତ୍ୱ ନିର୍ବାହ କରିଆସିଛି ଓ ୨୦୧୪-୧୫ ଆର୍ଥିକ ବର୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ (ଡିଭିଡେଣ୍ଟ) ମଧ୍ୟ ପ୍ରଦାନ କରିଆସୁଛି। ଅଦ୍ୟାବଧି ନିଗମ ପକ୍ଷରୁ ସରକାରଙ୍କୁ ଲାଭାଂଶ ବାବଦରେ ୬୪.୭୭ କୋଟି ଟଙ୍କା ପ୍ରଦାନ କରାଯାଇସାରିଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ରାଜକୋଷକୁ ଲାଭାଂଶ ବାବଦରେ ଆନୁମାନିକ ୨୧.୨୮ କୋଟି ଟଙ୍କା ପ୍ରଦାନ କରାଯିବାର ପ୍ରସ୍ତାବ ମଧ୍ୟ ରହିଛି।

ସେହିପରି ନିଗମ ପୁଲିସ, ଅଗ୍ନିଶମ, କାରାଗାର, ନ୍ୟାୟପାଳିକା, ଉଚ୍ଚ ଶିକ୍ଷା, ପରିବହନ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ, ଡିଟିଇଟି, ଅବକାରୀ, କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଏବଂ ଯୁବ ବ୍ୟାପାର ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ବିଭିନ୍ନ ଜିଲ୍ଲା ପାଇଁ ବ୍ୟାପକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରିଆସୁଛି। ନିଗମ ଦ୍ୱାରା ଜାରି ରହିଥିବା ପ୍ରମୁଖ ପ୍ରକଳ୍ପ ମଧ୍ୟରେ ୧୭୩୫.୫୪ କୋଟି ଟଙ୍କା ବ୍ୟୟରେ ୧୨୬ଟି 'ଆମ ବସ୍‌ଷ୍ଟାଣ୍ଡ' ପ୍ରକଳ୍ପ (ଦ୍ୱିତୀୟ ପର୍ଯ୍ୟାୟ), ୩୩୧.୨୩ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରଠାରେ ଜାମୁଝରୀଠାରେ ଆଦର୍ଶ କାରାଗାର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିସହ ଉଚ୍ଚମୂଲ୍ୟର ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱରର ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେସନ୍‌ଠାରେ ହଷ୍ଟେଲ ବିଲ୍ଡିଂ ଓ ସୁବିଧା କେନ୍ଦ୍ର, ଭୁବନେଶ୍ୱରର ଅବକାରୀ ଭବନ (ଏକ ବହୁତଳବିଶିଷ୍ଟ ଏକ୍ସାଇଜ୍ ଅଫିସ୍ କୋଠା), କଟକର ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ ଏକାଡେମିକ୍ ବିଲ୍ଡିଂ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଏବଂ ପ୍ରଶାସନିକ କୋଠା ବଲାଙ୍ଗିର ଏବଂ କଟକର ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ର ଆଦି ରହିଛି। ଏଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ମଧ୍ୟ ପହଞ୍ଚିଛି।

## ଲକ୍ଷ୍ମଣ ନାଏକ, ରମାଦେବୀଙ୍କ ଜନ୍ମବାର୍ଷିକୀ ପାଳନ କେବେ ?

**ଭୁବନେଶ୍ୱର,୧୭।୧୦:** ଇନ୍ଦୋରର ମହାରାଣୀ ଅହଲ୍ୟା ବାଈ ହୋଲକରଙ୍କଠାରୁ ଆରମ୍ଭ କରି ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପର୍ଯ୍ୟନ୍ତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ସ୍ମୃତିଚାରଣ ଲାଗି ଓଡିଶାରେ ବର୍ଷବ୍ୟାପି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଥିବାବେଳେ ଦେଶପାଇଁ ବଳିଦାନ ଦେଇଥିବା ଅମର ଶହୀଦ ଲକ୍ଷ୍ମଣ ନାଏକ ଏବଂ ସେବା, ସଂଗ୍ରାମ ଓ ତ୍ୟାଗର ପ୍ରତୀକ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ କିନ୍ତୁ ସେମାନଙ୍କ ଜନ୍ମମାଟି ଓଡିଶାରେ ପାଳିତ ହୋଇପାରୁ ନାହିଁ। ଅବଶ୍ୟ କେତେକ ସ୍ଥାନରେ ବେସରକାରୀ ଭାବେ ଏହି ଦୁଇ ମହାମନିଷୀଙ୍କ ସ୍ମୃତିଚାରଣ ଉତ୍ସବ ଅନୁଷ୍ଠିତ ହୋଇଛି।

ଚଳିତ ବର୍ଷ ଇନ୍ଦୋରର ତତ୍କାଳୀନ ମହାରାଣୀ ଅହଲ୍ୟା ବାଈ ହୋଲକରଙ୍କର ୩୦୦ତମ ଜନ୍ମବାର୍ଷିକୀ ଓଡିଶା ସମେତ ସାରା ଦେଶରେ ପାଳନ କରାଯାଇଛି। ଏଥିଲାଗି ରାଜ୍ୟର ବିଭିନ୍ନ ସ୍ଥାନରେ ଉତ୍ସବ ଅନୁଷ୍ଠାନମାନ ସରକାରୀ ସ୍ତରରେ ଆୟୋଜନ କରାଯିବା ସହ ବ୍ୟାପକ ବିଜ୍ଞାପନ ମଧ୍ୟ ଛପାଯାଇଛି। ସେହିପରି ଜନସଂଘର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପାଇଁ ବର୍ଷବ୍ୟାପି ୧୨୫ତମ ଜନ୍ମବାର୍ଷିକୀ ପାଳିତ ହେଉଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ ଓଡିଶାରେ ପାଳନ କରାଯାଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କର ୧୨୫ତମ ଜନ୍ମବାର୍ଷିକୀ ବି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାଳନ କରୁଥିବାବେଳେ ଏବେ ଦେଶର ସର୍ବକନିଷ୍ଠ ଶହୀଦ ବାଜିରାଉତଙ୍କ ଜନ୍ମଶତବାର୍ଷିକୀ ଏବଂ ଲୌହମାନବ ପୂର୍ବତନ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଓଡିଶାରେ ସରକାରୀ ଓ ବେସରକାରୀ ସ୍ତରରେ ପାଳନ କରାଯାଇଛି।

ଅବଶ୍ୟ ରାଜ୍ୟ ସରକାର ପ୍ରତିବର୍ଷ ଲକ୍ଷ୍ମଣ ନାଏକଙ୍କ ସ୍ମୃତି ଦିବସ ପାଳନ କରିଥାନ୍ତି। ମା' ରମାଦେବୀଙ୍କର ୧୨୫ତମ ଜନ୍ମବାର୍ଷିକୀ ପାଳନ କରିବାପାଇଁ ଗତ ଜାନୁୟାରୀ ୨ତାରିଖରେ ରାଜଧାନୀର ସ୍ୱାଧୀନତା ସଂଗ୍ରାମୀ ପଡିଆରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋଲା ମଞ୍ଚରେ ଘୋଷଣା କରିଥିଲେ ମଧ୍ୟ ଏଯାବତ୍ ସଂସ୍କୃତି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟକ୍ରମ ହୋଇନାହିଁ।

ଖୁବ୍‌ଶୀଘ୍ର ଶହୀଦ ଲକ୍ଷ୍ମଣ ନାଏକ ଓ ମା' ରମାଦେବୀଙ୍କର ୧୨୫ତମ ଜନ୍ମବାର୍ଷିକୀ ବେସରକାରୀ ସ୍ତରରେ ସମାପନ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମବାର୍ଷିକୀ କାର୍ଯ୍ୟକ୍ରମ ଉପଲକ୍ଷେ ଓଡିଶାରେ ସେବା ପକ୍ଷ ମଧ୍ୟ ପାଳିତ ହୋଇଛି। ଇତି ମଧ୍ୟରେ ସରକାରୀ ଉତ୍ସବ ପାଳନ କ୍ୟାଲେଣ୍ଡରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ନାମ ଯୋଡି ହୋଇଛି। ଏଥିପାଇଁ ମଧ୍ୟ ଜୟଦେବଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତେବେ ଆଶା କରାଯାଉଛି ଖୁବଶୀଘ୍ର ରାଜ୍ୟ ସରକାର ଶହୀଦ ଲକ୍ଷ୍ମଣ ନାଏକ ଓ ମା'ରମାଦେବୀଙ୍କ ୧୨୫ତମ ଜନ୍ମ ବାର୍ଷିକୀ ବର୍ଷବ୍ୟାପି ପାଳନ କରିପାରିନଥିଲେ ମଧ୍ୟ ଅନ୍ୟୁନ ଏହି ମହାମନିଷୀମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟରେ ମାସେବ୍ୟାପି କାର୍ଯ୍ୟକ୍ରମ ରଖିବେ। (ତଥ୍ୟ)

● ସବୁଜ ବାଣ ବିକ୍ରିକୁ ଅନୁମତି, ଜାରି ହେଲା ଗାଇଡ୍ ଲାଇନ୍

# ୧୯ରୁ ୨୧ ପର୍ଯ୍ୟନ୍ତ ଦୋକାନ ଖୋଲିବ



ଅସ୍ତରଙ୍ଗ/କାକଟପୁର,୧୭।୧୦ (ସଂଚାର ବ୍ୟୁରୋ): ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳୀ। ଦୁଇ ଦିନ ପୂର୍ବରୁ ଅର୍ଥାତ ୧୯ତାରିଖରୁ ବାଣ ବିକ୍ରି ଆରମ୍ଭ ହେବ ୨୧ତାରିଖ ପର୍ଯ୍ୟନ୍ତ। ଏଥିପାଇଁ ବାଣ ବ୍ୟବସାୟୀମାନେ ଲାଇସେନ୍ସ ଲାଗି ଆବେଦନ ପ୍ରକ୍ରିୟା ଜାରି ରଖିଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ କଲେଜ ଛକ ରାସ୍ତାରେ ଅସ୍ତରଙ୍ଗ ବାଣ ଦୋକାନ ପାଇଁ ଗାଇଡ୍ ଲାଇନ୍ ଜାରି କରାଯାଇଛି। ଅସ୍ତରଙ୍ଗରେ ୪ଟି ଓ କାକଟପୁରରେ ଶୁକ୍ରବାର ସନ୍ଧ୍ୟା ସୁଧା ତହସିଲଦାରଙ୍କ ଠାରୁ ଅସ୍ଥାୟୀ ଦୋକାନ ଖୋଲିବାକୁ ଅନୁମତି ମିଳିନାହିଁ ବୋଲି ସୂଚନା। ଏଥିସହ ବିଭାଗୀୟ ଅଧିକାରୀ ସହ ପୁଲିସ ଯାଞ୍ଚ ଆରମ୍ଭ କରିବା ସହ ବ୍ୟବସାୟୀଙ୍କୁ ସଚେତନ କରୁଛନ୍ତି।

ବାଣ ବିକ୍ରି ବେଳେ କିମ୍ବା ବାଣ ପାଇଁ ଯେପରି ଆଲୋକପର୍ବରେ କୌଣସି ଅପ୍ରିତିକର ସ୍ଥିତି ନ ଉପୁଜିବ, ତାହାକୁ ଦୃଷ୍ଟିରେ ରଖି କେବଳ ସବୁଜ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ବାଣ ଦୋକାନ ଗୁଡିକ ସୁରକ୍ଷିତ କାର୍ଯ୍ୟସ୍ଥଳଠାରୁ ଅତିକମ୍‌ରେ ୧୫୦ଫୁଟ ଦୂରତା ରହିବ। ଦୋକାନ ଗୁଡିକ ସାମ୍ନା ସାମ୍ନୀ ହୋଇ ରହିବେ ନାହିଁ ଓ ଦୋକାନ ମଧରେ ଅତି କମ୍‌ରେ ୫ଫୁଟ ଦୂରତା ରହିବ। ଦୋକାନରେ କିମ୍ବା ନିରାପତ୍ତା ଦୂରତା ମଧରେ କୌଣସି ତେଲ ଦୀପ, ଗ୍ୟାସ ଦୀପ କିମ୍ବା ଖୋଲା ଲାଇଟ୍ ବ୍ୟବହାର କରାଯିବ ନାହିଁ। କୌଣସି ଦୋକାନର ୫୦ମିଟର ଦୂରତା ମଧରେ ବାଣ ପ୍ରଦର୍ଶନକୁ ନିଷିଦ୍ଧ କରାଯାଇଥିବା ବେଳେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଦୋକାନ ରହିବା, କେବଳ ସ୍ୱୀକୃତି ପ୍ରାପ୍ତ ଆବେଦନକାରୀଙ୍କୁ ଦୋକାନରେ ବାଣ ବିକ୍ରି ଏବଂ ବାଣ ସଂରକ୍ଷିତ ରଖିବା ନିମନ୍ତେ ଅନୁମତି ଦିଆଯିବ। ବାଣ ବ୍ୟତୀତ ଅନ୍ୟ କୌଣସି ବିସ୍ଫୋରଣ ଓ ଅନ୍ୟାନ୍ୟ ସାମଗ୍ରୀ ରଖିବା କିମ୍ବା ବିକ୍ରି କରିବାକୁ ଅନୁମତି ଦିଆଯିବ ନାହିଁ। ବାଣ ଦୋକାନ ସମ୍ମୁଖରେ ଗାଡି ପାର୍କିଂ ଓ ଧୂମପାନକୁ କଡାକଡି ଭାବେ ନିଷେଧ କରାଯାଇଛି। ଏସବୁ ନିୟମକୁ ଉଲଘଂନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅବଧି ପରେ ବି ସରୁନି ରାସ୍ତାକାମ

## ଖାଲଖମା ଯୋଗୁଁ ଘଟୁଛି ଦୁର୍ଘଟଣା, ଆନ୍ଦୋଳନ ପାଇଁ ଅଞ୍ଚଳବାସୀଙ୍କ ଚେତାବନୀ

ଫୁଲବାଣୀ,୧୭।୧୦ (ସଂଚାର ବ୍ୟୁରୋ): ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜନସାଧାରଣଙ୍କ ଯାତାୟତ ସୁବିଧା ପାଇଁ ରାସ୍ତା ନିର୍ମାଣ କରାଯାଉଛି କିନ୍ତୁ ବିଭାଗୀୟ ଅଧିକାରୀ ହେଉ କି ଠିକାଦାରଙ୍କ ଅବହେଳାରୁ କାର୍ଯ୍ୟ ଶେଷ ଅବଧି ସରିଗଲେ ମଧ ରାସ୍ତା ନିର୍ମାଣ ନ ହୋଇ ଅଧା ନିର୍ମାଣ ହୋଇ ଖାଲ ଖମାରେ ଭର୍ତି ହୋଇ ଦୁର୍ଘଟଣା ଘଟି ଜୀବନ ହାନି ଘଟୁଥିବା ଭଳି ସମସ୍ୟା ଉପୁଜୁଛି। ଏଭଳି ଏକ ରାସ୍ତା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳ କୁଏରମାଣ୍ଡୁ ପଞ୍ଚାୟତ କୁଏର ମାଣ୍ଡୁ ଠାରୁ ବାରାହାଲା ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ।

ଏହି ରାସ୍ତା ଗତ ତିନି ବର୍ଷ ତଳେ ଆରମ୍ଭ ହୋଇଥିବା ବେଳେ ଫୁଲବାଣୀ



ରାସ୍ତା ଓ କୋଠାବାଡି ବିଭାଜନ ତରଫରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଉଛି। ବର୍ତ୍ତମାନ ଅବଧି ସରିଥିଲେ ମଧ ରାସ୍ତା ନ ସରି ଅଧାପନ୍ତରୀୟ ଭାବରେ ପଡ଼ି ଖାଲଖମା ହୋଇ ରହିଛି। ରାସ୍ତାରେ ପଡ଼ିଥିବା ପଥର ଗୁଣ୍ଡ, ବାଲି, ମେଟାଲ ଧୋଇ ହୋଇ ଯାତାୟତରେ ସମସ୍ୟା ହେଉଥିବା ବେଳେ ବାରମ୍ବାର ଦୁର୍ଘଟଣା ମଧ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଏହି ଅଞ୍ଚଳର ୨୦ରୁ ଅଧିକ ଗାଁର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ଯିବା ଆସିବାରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି।

ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଭଳି ସମସ୍ୟା ହେଉଥିବା ବେଳେ ଏହି ରାସ୍ତା ନିର୍ମାଣ ନେଇ ବାରମ୍ବାର ଅଭିଯୋଗ କଲେ ମଧ ନା ଠିକାଦାର କି ବିଭାଗୀୟ ଅଧିକାରୀ ମଧ ଶୁଣୁ ନଥିବାରୁ ଜନସାଧାରଣ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଏହି କୁଏର ମାଣ୍ଡୁ ଠାରୁ ବାରାହାଲା ଯାଇଥିବା ରାସ୍ତା ନିର୍ମାଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## କାକଟପୁରରେ ବିଜେଡି ଜନସମ୍ପର୍କ ଶୋଭାଯାତ୍ରା



କାକଟପୁର/ଅସ୍ତରଙ୍ଗ,୧୭।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର ସ୍ଥିତ ମା ମଙ୍ଗଳା ମନ୍ଦିର ନିକଟରୁ ବିଜେଡି ପକ୍ଷରୁ ପଦଯାତ୍ରା, ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ଦଳକୁ ମଜବୁତ କରିବା ସହ ସମସ୍ତଙ୍କ ସାଙ୍ଗରେ ସୁସମ୍ପର୍କ ରଖି ଜନସାଧାରଣଙ୍କ ପ୍ରିୟଭାଜନ ହେବାକୁ କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ନାୟକ,କାକଟପୁର ସରପଞ୍ଚ ଅଭୟ କୁମାର ପ୍ରମୁଖ ଯୋଗଦେଇ ଦଳର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ଏହା ସହ ଅନ୍ୟ ନେତୃତ୍ୱ ମାନେ ଯୋଗଦେଇ ନବୀନ ସରକାର ସମୟରେ ହୋଇଥିବା ବିକାଶର କଥାକୁ କହିବା ସହ ଜନସମ୍ପର୍କ ଯାତ୍ରା ଓଡିଶାର ସ୍ୱାର୍ଥ, ସ୍ୱାଭିମାନ ଓ ପ୍ରଗତିର ଯାତ୍ରା ବୋଲି କହିଥିଲେ। ଏହି ପଦଯାତ୍ରାରେ ଶତାଧିକ ବିଜୁ ଜନତା ଦଳର କର୍ମୀ ସାମିଲ ହୋଇଥିଲେ।

## କୂଅରୁ ଯୁବକର ଗଳିତ ଶବ ଉଦ୍ଧାର

ସାଲେପୁର,୧୭।୧୦ (ସଂଚାର ବ୍ୟୁରୋ): ଆଜି ସାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଥିବା କୂଅ ମଧ୍ୟରୁ ସାଲେପୁର ପୁଲିସ ଏକ ଗଳିତ ମୃତ ଦେହକୁ ଉଦ୍ଧାର କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଆଜି ସକାଳେ ଜଗନ୍ନାଥ ଓ ସାହେଶ୍ୱରୀ ମନ୍ଦିରର ପୂଜକ କୂଅ ନିକଟରୁ ଦୁର୍ଗନ୍ଧ ବାହାରୁଥିବା ସନ୍ଦେହ କରି କୂଅ ପାଖରେ ପହଞ୍ଚି ଏହି ମୃତଦେହକୁ ପ୍ରଥମେ ଦେଖିବାପରେ ସାଲେପୁର ପୁଲିସକୁ ଖବର ଦେଇଥିଲେ। ସାଲେପୁର ପୁଲିସ



ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ କୂଅ ମଧ୍ୟରୁ ଏହି ମୃତଦେହକୁ ଉଦ୍ଧାର କରିଥିଲେ। ଅତିରିକ୍ତ ତହସିଲଦାର ଶିଶିର କୁମାର ରାଉତଙ୍କ ଉପସ୍ଥିତିରେ ମୃତଦେହ ପୁଲିସ ଜବତ କରିଥିଲା। ମୃତ ବ୍ୟକ୍ତି ଜଣକ ପଶ୍ଚିମବଙ୍ଗ ରାଜ୍ୟର ପ୍ରତାପପୁର ଗ୍ରାମର ମଙ୍ଗଲ ମାଂଝୀଙ୍କ ପୁତ୍ର ରମେଶ ମାଂଝୀ (୨୬) ବୋଲି ଜଣାପଡ଼ିଥିଲା।

## ଓଡ଼ିଆ ଭାଷା ଆନ୍ଦୋଳନର ନୂତନ କର୍ମକର୍ତ୍ତା ଚୟନ

● ସୀମାଞ୍ଚଳ ସଭାପତି, ହରେକୃଷ୍ଣ ସମ୍ପାଦକ



ବ୍ରହ୍ମପୁର,୧୭।୧୦ (ସଂଚାର ବ୍ୟୁରୋ): ସ୍ଥାନୀୟ ଓଡ଼ିଆ ଭାଷା ଆନ୍ଦୋଳନର ଦୀର୍ଘ ବର୍ଷ ପରେ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଙ୍ଗଠନର ପ୍ରତିଷ୍ଠାତା ସଭାପତି ଭାଷା ତପସ୍ୱୀ ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ବଡବଜାରସ୍ଥିତ ଭଣ୍ଡାରୀ ସାହି କାର୍ଯ୍ୟାଳୟରେ ଏକ ସାଧାରଣ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ପ୍ରାରମ୍ଭରେ ସମ୍ପାଦକ ହରେକୃଷ୍ଣ ପଣ୍ଡା ଦୀର୍ଘ ବର୍ଷଧରି ପ୍ରତିଷ୍ଠାତା ଶ୍ରୀ ମହାରଣାଙ୍କ ଉଦ୍ୟମରେ ଓଡ଼ିଆ ଭାଷାର ବିକାଶ ପାଇଁ ପ୍ରୟାସ ଓ ବହୁବାର ଦାବୀ ଫଳରେ ଆଜି ଓଡିଶା ସରକାର ଭାଷା ଆଇନ କଡାକଡି ଲାଗୁ ପାଇଁ ଉଦ୍ୟମ କରିବା ପଦକ୍ଷେପକୁ ବୈଠକରେ ସାଧୁବାଦ କୃତଜ୍ଞତା ଜଣାଇଛନ୍ତି।

ଏହି ଅବସରରେ ଶ୍ରୀ ମହାରଣା ସରକାରଙ୍କୁ ନିବେଦନ କରିଛନ୍ତି ଯେ, ନିର୍ଦ୍ଦେଶ ଓ ବିଜ୍ଞାପନରେ ଭାଷା ଆଇନକୁ ସୀମିତ ନରଖି ନଥି ଜାନ ମଧ ଓଡ଼ିଆ ମାଧ୍ୟମରେ କରାଯାଉ। ଭାଷା ତପସ୍ୱୀ ତ୍ରିନାଥ ମହାରଣାଙ୍କ ପୁରଣ ହୋଇ ପାରିନଥିବା ସ୍ୱପ୍ନକୁ ସାକାର କରିବାକୁ ସଦସ୍ୟମାନେ ଶପଥ ନେଇଥିଲେ। ଆସନ୍ତା ଦୁଇବର୍ଷ ସକାଶେ ସଭାପତି ରୂପେ ସୀମାଞ୍ଚଳ ପତି, ସମ୍ପାଦକ ରୂପେ ଶିକ୍ଷାବିତ୍ ହରେକୃଷ୍ଣ ପଣ୍ଡା, ସଂଯୋଜକ ଭିକାରୀ ଚରଣ ଗୌଡ଼ ଓ କାର୍ଯ୍ୟକରି ସଦସ୍ୟ ଭାବେ ସର୍ବଶ୍ରୀ ଡ଼ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଶତପଥି, ଦୀପ୍ତି ଶଙ୍କର ପଟ୍ଟନାୟକ ଓ ଅଶୋକ ଦଳାଇ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି।



## ବିନିକା ଅଭିମୁଖେ ଘଡିଆଳ କୁମ୍ଭୀର

ସୁବର୍ଣ୍ଣପୁର,୧୭।୧୦ (ସଂଚାର ବ୍ୟୁରୋ): ସୋନପୁର ମହାନଦୀ ବ୍ରିଜ ଘାଟରେ ଗତକାଲି ଦେଖାଦେଇଥିବା ଏକ ଘଡିଆଳ କୁମ୍ଭୀର ପାଇଁ ସହରବାସୀ ଆତଙ୍କିତ ହୋଇ ପଡ଼ିଥିଲେ। ଏ ସୂଚନା ପାଇ ସୋନପୁର ବନ ଖଣ୍ଡ ବିଭାଗ ମାଇକ ଯୋଗେ ପ୍ରଚାର ପ୍ରସାର କରି ସାଧାରଣ ଲୋକଙ୍କୁ ସତର୍କ ସୂଚନା ଦେଇଥିବା ଜଣାପଡ଼ିଛି। ଏ ପ୍ରଜାତିର କୁମ୍ଭୀରର ଥୁଣ୍ଡ ଲମ୍ବ ଓ ଏହାର ମୁଖ୍ୟ ଖାଦ୍ୟ ମାଛ ବୋଲି ସୂଚନା ମିଳିଛି। ମଣିଷର କିଛି କ୍ଷତି ପହଞ୍ଚାଇ ନ ଥାଏ, ଦେଖିଲେ ଭୟରେ ପଳାଏ ବୋଲି ସୋନପୁର ଫରେଷ୍ଟର ଭକ୍ତ ବନ୍ଧୁ ମିଶ୍ର ସୂଚନା ଦେଇଛନ୍ତି। ଆଜି ଉକ୍ତ କୁମ୍ଭୀରଟି ସୋନପୁର ମହାନଦୀର ଉପରମୁଣ୍ଡ ବିନିକା ଅଞ୍ଚଳକୁ ଯାଉଥିବା ଦୃଶ୍ୟ ଦାୟିତ୍ୱରେ ଥିବା ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ ଠାରୁ ରିପୋର୍ଟ ମିଳିଥିବା ବିଷୟ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି

## ଶିବା ପ୍ରକଳ୍ପ ଅଞ୍ଚଳରେ ପ୍ରବେଶ ନିଷେଧ



ଯାଜପୁର,୧୭।୧୦ (ସଂଚାର ବ୍ୟୁରୋ): ଯାଜପୁର ସହରର ବରାହ ମନ୍ଦିର ନିକଟରେ ଚାଲୁଥିବା "ଶିବା ପ୍ରକଳ୍ପ" ଅଞ୍ଚଳରେ ପ୍ରଶାସନିକ ନିୟନ୍ତ୍ରଣ ଲାଗିଛି। ପ୍ରକଳ୍ପ ଶେଷ ହୋଇନଥିବା ସତ୍ତ୍ୱେ ମୂର୍ତ୍ତିର ଆକର୍ଷଣରେ ଦୈନିକ ଦର୍ଶକ ଓ ଭ୍ଲଗ ପ୍ରେମୀମାନେ ଭିଡ଼ ଜମାଉଥିବାରୁ ପ୍ରଶାସନ ଅଞ୍ଚଳକୁ ବ୍ୟାରିକେଡ୍ ଦେଇ ବନ୍ଦ କରିଦେଇଛି। ସୂଚନା ଅନୁଯାୟୀ, ୧୩୦ ଫୁଟ ଉଚ୍ଚ ଧାନମଗ୍ନ ଶିବମୂର୍ତ୍ତି ନିର୍ମାଣ କାମ ଦିଲ୍ଲୀର ଏକ ସଂସ୍ଥା ଦ୍ୱାରା ଚାଲିଛି। ମୂର୍ତ୍ତି ପ୍ରାୟ ସମାପ୍ତ ହୋଇଥିବା ସତ୍ତ୍ୱେ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କାମ ଅସମ୍ପୂର୍ଣ୍ଣ ରହିଛି। ଏହି ମଧରେ ଅନେକ ଯୁବକ ଯୁବତୀ ମୂର୍ତ୍ତି ଉପରକୁ ଚଢ଼ି ସେଲ୍ଫି ଓ ରିଲ୍ସ କରୁଥିବା ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହେବା ପରେ ମୂର୍ତ୍ତିର ସୁରକ୍ଷା ଓ ସନ୍ଧ୍ୟା ପରେ ମଦ୍ୟପ ଓ ଅସାମାଜିକ ଲୋକଙ୍କ ଆଡ଼ା ଲାଗୁଥିବାରୁ ଏହାକୁ ନିୟନ୍ତ୍ରଣ ପାଇଁ ପ୍ରଶାସନ କଟକଣା ଜାରି କରିଛି।

## ଜେଏସଡବ୍ଲୁ କମ୍ପାନୀ ପାଇଁ ସପକ୍ଷ ଓ ବିପକ୍ଷଙ୍କ ପ୍ରେସ୍‌ମିଟ୍‌କୁ ନେଇ ଚର୍ଚ୍ଚା

ପାରାଦ୍ୱୀପ,୧୭।୧୦ (ସଂଚାର ବ୍ୟୁରୋ): ଗତ କିଛିଦିନର ନୀରବତା ପରେ ପୁଣି ଢ଼ିଙ୍କିଆ ଚାରିଦେଶରେ ଆରମ୍ଭ ହୋଇଛି ସାମ୍ବାଦିକ ସମ୍ମିଳନୀ। ସ୍ଥାନୀୟ ପାଟଣାହାଟ ଠାରେ ଢ଼ିଙ୍କିଆ ଚାରିଦେଶ ଅଧିବାସୀବୃନ୍ଦ ବ୍ୟାନରରେ ଅନେକ ଲୋକ ଆଜି କମ୍ପାନୀ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି।

ଶିଳ୍ପ ହିଁ ପ୍ରଗତିର ମୂଳ ପିଣ୍ଡ। ପାନ ଅର୍ଥନୀତିରୁ ଶିଳ୍ପ ଅର୍ଥନୀତି ଆଡକୁ ଢ଼ିଙ୍କିଆ ଚାରିଦେଶ ଅଗ୍ରସର ହେଉଥିବା ବେଳେ ଅନେକ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ନିଯୁକ୍ତି, କ୍ରୀଡା, ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ, ଜଳ ପରିମଳ ଓ ସାଂସ୍କୃତିକ ଅନୁଷ୍ଠାନ କ୍ଷେତ୍ରରେ ଜେଏସଡବ୍ଲୁ ତାର ସହଭାଗିତା ଜାରି ରଖିଛି। ପାନ ବରଜ ଭଙ୍ଗା ସାରିଛି ଓ ଗଛ କଟା ସରିଛି। କମ୍ପାନୀ ତାର ପ୍ରକଳ୍ପକୁ ନେଇ ଆଗେଇ ସାରିଥିବା ବେଳେ ଅନେକ ଲୋକ ଏବେ କମ୍ପାନୀ ସପକ୍ଷରେ ଓ ରୋଜଗାର ଅନ୍ୱେଷଣରେ। କିନ୍ତୁ କିଛି ନେସ୍ତସ୍ୱାର୍ଥ ଗୋଷ୍ଠୀ କମ୍ପାନୀକୁ ବିରୋଧ କରିବାକୁ ଏବେ ପୁଣି ଷଡଯନ୍ତ୍ର ଆରମ୍ଭ କରୁଥିବା ବେଳେ ଆଜି ଏହାକୁ ତୀବ୍ର ବିରୋଧ କରିଛନ୍ତି ଅନେକ ଲୋକ।

ଆମେ ସବୁ କମ୍ପାନୀକୁ ସମର୍ଥନ କରୁଚୁ ଓ କମ୍ପାନୀ ସହ ଆଲୋଚନା କରାଯାଇ ବାକିଥିବା ସମସ୍ୟାର ସମାଧାନ କରାଯିବ ବୋଲି ଆଜି ଢ଼ିଙ୍କିଆ ଚାରିଦେଶରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ରଞ୍ଜନ ବର୍ଦ୍ଧନ, ଅକ୍ଷୟ କୁମାର ବେହେରା, ପ୍ରଭାତ କୁମାର ରାଉତ ପ୍ରମୁଖ ପ୍ରକାଶ କରିଛନ୍ତି।

## ହୁମ୍ମା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଗଞ୍ଜାମ,୧୭।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ଅଧୀନ ହୁମ୍ମା ଗ୍ରାମ ପଞ୍ଚାୟତରେ ଆଜି ରାଜନୈତିକ ତିବ୍ରତା ଦେଖିବାକୁ ମିଳିଛି। ବିଜେପି ସମର୍ଥିତ ସରପଞ୍ଚ ଜାନକୀ ଦାସଙ୍କ ବିରୋଧରେ ୧୬ ଜଣ ୱାର୍ଡ ସଦସ୍ୟ ମଧ୍ୟରୁ ୧୫ ଜଣ ସଦସ୍ୟ ଅନାସ୍ଥା ପ୍ରସ୍ତାବ ଆଣି ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କୁ ଅଧିକାରିକ ଅଭିଯୋଗ ପତ୍ର ଦେଇଛନ୍ତି।



ସଦସ୍ୟମାନଙ୍କ ଅଭିଯୋଗ ଅନୁସାରେ, ସରପଞ୍ଚ ବେଆଇନ ଓ ମନମୁଖୀ ଭାବରେ କାର୍ଯ୍ୟ କରି ପଞ୍ଚାୟତର ବିଭିନ୍ନ ବିକାଶ ଓ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ସେହିପରି, କେନ୍ଦ୍ର ଓ ରାଜ୍ୟ ସରକାର ତରଫରୁ ଆସୁଥିବା ଅନୁଦାନରେ ବ୍ୟାପକ ଅନିୟମିତତା, ମନରେଗା ଯୋଜନାରେ ଅସ୍ପଷ୍ଟ ବ୍ୟୟ ଓ ଲକ୍ଷାଧିକ ଟଙ୍କାର ଦୁର୍ନୀତି, ହୁମ୍ମା ହାଟ ଟିକସ ଦୀର୍ଘ ଛଅ ମାସ ବିତିଲେ ମଧ ପଞ୍ଚାୟତ ଖାତାରେ ଜମା ନହେବା ଏବଂ ପଞ୍ଚାୟତ ସଭା ଡାକିବା ବିନା ଏକପକ୍ଷୀୟ ନିଷ୍ପତ୍ତି ନେବା ପରି ଗୁରୁତର ଅଭିଯୋଗ ଥିବା କଥା ଉପସ୍ଥାପିତ କରାଯାଇଅଛି। ସଦସ୍ୟମାନଙ୍କ ମତାନୁସାରେ, ସରପଞ୍ଚଙ୍କ ଏହି ଅଭିଚାରୀ ଓ ଅସଂଗଠିତ ପ୍ରଶାସନିକ ଆଚରଣ ପଞ୍ଚାୟତର ସମଗ୍ର ଉନ୍ନତିକୁ ବାଧା ଦେଇଛି ଏବଂ ସାଧାରଣ ଲୋକଙ୍କ ମଧରେ ଅସନ୍ତୋଷ ସୃଷ୍ଟି କରିଛି।

ଅଭିଯୋଗ ସମ୍ପର୍କରେ ସରପଞ୍ଚ ଜାନକୀ ଦାସ ସଂପୂର୍ଣ୍ଣ ଖଣ୍ଡନ କରି କହିଛନ୍ତି "ଏହି ସମସ୍ତ ଅଭିଯୋଗ ଏକ ରାଜନୈତିକ ଷଡଯନ୍ତ୍ର। କିଛି ସଦସ୍ୟଙ୍କୁ ଡରାଇ ଓ ଧମକାଇ ଏହି ଅନାସ୍ଥା ଆଣାଯାଇଛି।"

ଘଟଣା ବିଷୟରେ ଉପଜିଲ୍ଲାପାଳ ଶିବାଶିଷ ବରାଳ କହିଛନ୍ତି "ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ଆଇନ ଅନୁସାରେ ଯଥାପ୍ରକାରୀ ପ୍ରକ୍ରିୟା ଆରମ୍ଭ ହେବ।

## ଦକ୍ଷିଣପୁର କ୍ଲଷ୍ଟର ସ୍ତରୀୟ ସୁରଭି ଶିଶୁ ମହୋତ୍ସବ

ବ୍ରହ୍ମପୁର,୧୭।୧୦ (ସଂଚାର ବ୍ୟୁରୋ): ଦକ୍ଷିଣପୁର କ୍ଲଷ୍ଟରସ୍ଥ ଏନ୍‌ୟୁପିଏସ୍ ଦକ୍ଷିଣପୁର ଠାରେ କ୍ଲଷ୍ଟର ସ୍ଥରୀୟ ଶିଶୁ ମୋହତ୍ସବ ସୁରଭି କାର୍ଯ୍ୟକ୍ରମ ମହାଆଡମ୍ବର ସହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦକ୍ଷିଣପୁର ଅଧୀନରେ ଥିବା ୧୩ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ମୁଖ୍ୟ ଅତିଥି ରୂପେ ଏବିଇଓ ସିମାଞ୍ଚଳ କାର୍ଜି ଓ ଲାଞ୍ଜିଆ ପଞ୍ଚାୟତର ସମିତିସଭ୍ୟ ତଥା ଆମ୍ବଗଡ଼ ସେବା ସମବାୟ ସମିତିର ସଭାପତି କାହ୍ନୁ ଚରଣ ପାତ୍ର ମୁଖ୍ୟ ବକ୍ତା ଓ ଦକ୍ଷିଣପୁର ପଞ୍ଚାୟତର ସମିତିସଭ୍ୟାଙ୍କ ପ୍ରତିନିଧି କାଳୁ ଚରଣ ବେହେରା ସମ୍ମାନିତ ଅଥିତି ଭାବରେ ଯୋଗ



ଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କ୍ଲଷ୍ଟର ସର୍ବମୋଟ ନଅ ଗୋଟି ବିଦ୍ୟାଳୟ ନଅଟି ଦଳ ସେମାନଙ୍କ ନୃତ୍ୟ ଅତି ନିପୁଣ ଭାରେ ପରିବେଷଣ କରିଥିଲେ। ଉପସ୍ଥିତ ଅତିଥିଗଣ ଓ ଲାଞ୍ଜିଆ ସମିତି ସଭ୍ୟ କାହ୍ନୁ ପାତ୍ରଙ୍କ କର କମଳରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ୬୯ତମ ଗଞ୍ଜାମ ଜିଲ୍ଲାସ୍ତରୀୟ ଖୋ-ଖୋ ପ୍ରତିଯୋଗିତା



ଛତ୍ରପୁର,୧୭।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ପରିସରରେ ଆୟୋଜିତ ୬୯ତମ ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହ ଖୋ-ଖୋ ପ୍ରତିଯୋଗିତା-୨୦୨୫ର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମିନି ଷ୍ଟାଡିୟମରେ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଏହି ଜିଲ୍ଲାସ୍ତରୀୟ ଖୋ-ଖୋ ଚାମ୍ପିଅନସିପ୍ ପ୍ରତିଯୋଗିତା ତିନି ଦିନ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ଅତିଥି ଭାବେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ମୁଖ୍ୟ ବକ୍ତା ଭାବେ ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଅଂଶଗ୍ରହଣକାରୀ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ଜିଲ୍ଲାର ୨୨ଟି ବ୍ଲକ୍‌ରୁ ବିଭିନ୍ନ ସ୍କୁଲ୍‌ର ୧୪ରୁ ୧୭ ବର୍ଷ ବୟସର ବାଳକ ଓ ବାଳିକାଙ୍କୁ ନେଇ ମୋଟ୍ ୯୫ଟି ଦଳର ୪୮୪ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ୪୨ଟି ଲେଖାଏଁ ମ୍ୟାଚ୍ ଆୟୋଜନ ହେବ। ଏହି କ୍ରୀଡାରେ ମନୋନୀତ କ୍ରୀଡ଼ାବିତ ମାନେ ଆନ୍ତର୍ଜାତୀୟ ସ୍କୁଲ କ୍ରୀଡାରେ ଅଂଶଗ୍ରହଣ କରିବା ନିମନ୍ତେ ମନୋନୀତ ହେବେ ।

## ଏନ୍‌ଆରଜିଏସ କାର୍ଯ୍ୟରେ ଘୋଟାଲା ଅଭିଯୋଗ

ଆନନ୍ଦପୁର,୧୭।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଇଲୋ ପଞ୍ଚାୟତ ଖଡ଼ିବିଲି ଗ୍ରାମରେ ଏନଆରଜିଏସ କାର୍ଯ୍ୟରେ ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ଖଡ଼ିବିଲି ଠାରୁ ଚଉମୁହିଁ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ପାଇଁ ଗ୍ରାମର ଗ୍ରାମସାଥୀ କୁମୁଦିନୀ ମଲ୍ଲିକଙ୍କ ନାମରେ ଗତ ୧୭.୫.୨୨ ରିଖରେ ଏନଆରଜିଏସ ଦ୍ୱାରା ରାସ୍ତା କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଉକ୍ତ କାର୍ଯ୍ୟକୁ ଗ୍ରାମର କିଛି ଯୁବକଙ୍କୁ ନେଇ କୁମୁଦିନୀ କରୁଥିଲେ। ତେବେ କାମ ଅସମ୍ପୂର୍ଣ୍ଣ ଥିବାରୁ ରାସ୍ତା କାମକୁ ଆଉ



ଥରେ କରିବା ପାଇଁ ଫାଇଲରେ କେତେ ଟଙ୍କା ଅଛି ସରପଞ୍ଚଙ୍କୁ ପଚାରିଲା ପରେ ଫାଇଲ ବିଷୟରେ ଜାଣି ନାହିଁ କହିବାରୁ ଗ୍ରାମସାଥୀ କୁମୁଦିନୀଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା। ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ ଯାଇ ପଚାରିବା ପରେ ଜାଣିବାକୁ ପାଇଥିଲେ ଯେ ତାଙ୍କ କାମକୁ ଗାଁର ଆଉ ଜଣେ ଗ୍ରାମସାଥି ସୁଜିତ୍ କୁମାର ଜେନା, ୱାଡ଼ ମେମ୍ବର ଚନ୍ଦନ କୁମାର ଜେନା ମିଶି ଅସମ୍ପୂର୍ଣ୍ଣ ରାସ୍ତାକୁ ଜାଲିଆତି କରି ଫଟୋ ଉଠାଇ ଟଙ୍କା ହଡ଼ପ କରିବାକୁ ଚେଷ୍ଟା ଚଳାଇଛନ୍ତି। ତେବେ ଏହି ବିଷୟରେ ଜେଇ ଲାକାଇ ମୁର୍ମୁଙ୍କୁ ପଚରିବାରୁ ସେ କିଛି ଜାଣି ନାହିଁ ବୋଲି କହିଥିଲେ। ଘଟଣାକୁ ନେଇ ଆଜି ଗ୍ରାମସାଥୀ କୁମୁଦିନୀ ମଲ୍ଲିକଙ୍କ ସହିତ ଗ୍ରାମବାସୀ ଆନନ୍ଦପୁର ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ କୁମାର୍ ମହାନ୍ତଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ଏଭଳି ଜାଲିଆତି କରିଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଲୁଟେରାଙ୍କ ଟାର୍ଗେଟରେ ଅଳଙ୍କାର ଦୋକାନ

**ବିନା ସୁରକ୍ଷାରେ ଅନେକ ଜୁଏଲାରୀ**

**ଦିନକୁ ଦିନ ବଢ଼ିଚାଲିଛି ଲୁଟେରାଙ୍କ ଦୌରାତ୍ମ୍ୟ**

**ଗୁଳିକାଣ୍ଡ ଘଟଣାର କେବେ ହେବ ପର୍ଦ୍ଦାଫାସ ?**



କାକଟପୁର/ଅସ୍ତରଙ୍ଗ,୧୭।୧୦ (ସଂଚାର ବ୍ୟୁରୋ): ବଢୁଛି ସୁନା ବ୍ୟବସାୟର ବଜାର। ବ୍ୟାପକ ହେଉଛି କାରବାର। ହେଲେ ଏହାର ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀ ଜିଲ୍ଲା କାକଟପୁର ବ୍ଲକରେ ୨୦ରୁ ଉର୍ଦ୍ଧ ଏବଂ ଅସ୍ତରଙ୍ଗବ୍ଲକରେ ୧୨ରୁ ଉର୍ଦ୍ଧ କ୍ଷୁଦ୍ର, ମଧମ ଓ ବୃହତ୍ତ ସୁନା ଦୋକାନ ଖୋଲିଛି। ପାଖପାଖି ୧୦ରୁ ଉର୍ଦ୍ଧ୍ୱ ଘରୋଇ ଓ ରାଷ୍ଟ୍ରୟତ ବ୍ୟାଙ୍କ ସୁନା ବନ୍ଧକ ରଖୁଛନ୍ତି। ଅନେକ ଜୁଏଲାରୀ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଛନ୍ତି। ଏହି ସବୁ ଅଳଙ୍କାର ଦୋକାନ ଗୁଡିକୁ ଲୁଟେରା ଟାର୍ଗେଟ କରୁଛନ୍ତି। ଏମାନଙ୍କ ସୁରକ୍ଷାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ଜୁଏଲାରୀରେ ବି ନିଜସ୍ୱ ସୁରକ୍ଷା କର୍ମଚାରୀ ନଥିବା ଜଣାପଡିଛି।

ପୁରୀ ଜିଲ୍ଲା କାକଟପୁର ବ୍ଲକ କୁଣ୍ଢେଇ ତିନି ମୁହାଣୀ ନିକଟରେ ଥିବା ସାହୁ ଜୁଏଲାରୀ ମାଲିକ ନିରଞ୍ଜନ ସାହୁଙ୍କୁ ୧୬ ସେପ୍ଟେମ୍ବର ୨୦୨୪ ତାରିଖ ସନ୍ଧ୍ୟା ୬.୩୦ମିନିଟ ସମୟରେ ୨ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ଏକ ନମ୍ବର ବିହୀନ ବାଇକିରେ ଆସି ୨ରାଉଣ୍ଡ ଗୁଳି ଚଳାଇଥିଲେ। କିନ୍ତୁ ଘଟଣାକୁ ବର୍ଷେରୁ ଉର୍ଦ୍ଧ୍ୱ ହେଲେ ମଧ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ। କିଛି ଦିନ ହେଲା କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ ଥାନା ଅଞ୍ଚଳରେ ଲୁଟ ବୃଦ୍ଧି ପାଇବାରେ ଲାଗିଛି। ବାରମ୍ବାର ଅଭିଯୋଗ ହେଲେ ମଧ ମାମଲାର ଫର୍ଦ ବଢ଼ିଚାଲିଥିବା ବେଳେ ଲୁଟେରା ଗ୍ୟାଙ୍ଗର ପତ୍ତା ପାଇନି ପୁଲିସ।

ଅନ୍ୟ ପଟେ ଅସ୍ତରଙ୍ଗ ବଜାରରେ ପ୍ରଶାସନ ତରଫରୁ କ୍ୟାମେରା ଲାଗୁନାହିଁ, ପୁଲିସ ନିୟନ୍ତ୍ରଣରେ ବଜାର ରହୁନାହିଁ। ଏବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବ୍ୟବସାୟୀମାନେ ଚିନ୍ତାରେ। ଏଭଳି ଘଟଣା ପରେ ପୁଲିସର କଡା ପାଟ୍ରୋଲିଂ ପାଇଁ ବିଭିନ୍ନ ମହଲରେ ଦାବୀ କରାଯାଉଥିଲେ ହେଁ ଏହା ଲୋକ ଦେଖାଣିଆ ଥରେ ଥରେ କରାଯାଉଥିବାରୁ ଦୁର୍ବୃତ୍ତଙ୍କ ଦୋରାତ୍ମ୍ୟ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଯାହାକୁ ନେଇ ବୁଦ୍ଧିଜୀବି ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ କରିଛନ୍ତି।

## ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ

ଖୋର୍ଦ୍ଧା,୧୭।୧୦ (ସଂଚାର ବ୍ୟୁରୋ): ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଯାଇଛି । ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ବ୍ଲକ୍, ତହସିଲ, ଅତ୍ୟାବଶ୍ୟକ ସେବା ଯୋଗାଉଥିବା ବିଭାଗ କାର୍ଯ୍ୟାଳୟ





ଗୁଡିକର ଅବସର ଗ୍ରହଣ କରିଥିବା ଅଧିକାରୀ, କର୍ମଚାରୀ, ଯନ୍ତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କ ସ୍ଥଗିତ ଥିବା ସାମୟିକ ଓ ପରିବାର ପେନସନ କେଶ ଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଉରା ଅଧିକାରୀ ମାନଙ୍କୁ ପଚାରି ବୁଝିବା ସହିତ ସମୀକ୍ଷା କରିଥିଲେ। ଯେଉଁ କର୍ମଚାରୀ ମାନଙ୍କର ଉଚ୍ଚ ନ୍ୟାୟାଳୟରେ କେଶ ବିଚାରଧିନ ଅଛି ସେଗୁଡିକୁ ଛାଡି ସମସ୍ତ ଅବସର କର୍ମଚାରୀ ମାନଙ୍କ ସାମୟିକ ପେନସନ ତୁରନ୍ତ ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଯେଉଁ କର୍ମଚାରୀ ମାନଙ୍କ ଭିଜିଲାନ୍ସ କେଶ ରହିଛି ସେ ଦିଗରେ ଭିଜିଲାନ୍ସ ବିଭାଗ ସମ୍ମତି ପ୍ରଦାନ କଲେ ଓ ସରକାରୀ ମୁଖ୍ୟାଳୟ ଅନୁମତି ଦେଲେ ସାମୟିକ ପେନସନ ପ୍ରଦାନ କରିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଥିଲେ କେବଳ ସାମୟିକ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି କୌଣସି କର୍ମଚାରୀଙ୍କ କିଛି ଅର୍ଥ ସରକାରଙ୍କୁ ପୈଠ କରିବାକୁ ଅଛି ତାହା ଉକ୍ତ କର୍ମଚାରୀଙ୍କ ଗ୍ରାଚ୍ୟୁଇଟିରୁ କାଟିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଯେଉଁମାନେ ଅବସର ଗ୍ରହଣର ତିନି ମାସ ପରେ ସରକାରୀ ବାସଭବନ ଛାଡୁ ନାହାନ୍ତି ସେମାନଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଚିଠି ଲେଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପେନସନ ଅଦାଲତରେ ୧୯୩ ବିଭିନ୍ନ ବିଭାଗର ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କ ପେନସନ ଅଭିଯୋଗର ବିଚାର କରି ବିଭାଗୀୟ ଅଧିକାରୀ ମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

### ନୂଆପଡ଼ାରେ ଓଡ଼ିଶା ସିଇଓ ଓ ରାଜ୍ୟ ପୁଲିସ ନୋଡାଲ ଅଫିସର

# ପ୍ରଶାସନିକ ପ୍ରସ୍ତୁତି ଓ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା

**ନୂଆପଡ଼ା, ୧୭।୧୦ (ସଂଚାର ବ୍ୟୁରୋ) :** ନୂଆପଡା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସ୍ଥାନୀୟ ପ୍ରଶାସନିକ ପ୍ରସ୍ତୁତି, ଆଇନଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ସମସ୍ତ ବିଷୟରେ

### ସି-ଭିଜିଲ ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ

ସମୀକ୍ଷା କରିବା ପାଇଁ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍.ଏସ୍ ଗୋପାଳନ, ଅତିରିକ୍ତ ଡିଜିପି ତଥା ରାଜ୍ୟ ପୁଲିସ ନୋଡାଲ ଅଫିସର ସଞ୍ଜୟ କୁମାରଙ୍କ ସହ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀମାନେ ନୂଆପଡ଼ାରେ ପହଞ୍ଚିଛନ୍ତି। ପୂର୍ବାହ୍ଣରେ




ସିଇଓଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସିଇଓ ଓ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀମାନେ ଅବାଧ, ନିରପେକ୍ଷ ଓ ଭୟମୁକ୍ତ ନିର୍ବାଚନ ପାଇଁ ପ୍ରଶାସନ ଓ ପୁଲିସ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ସହ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଅଭିଯୋଗ ଓ ସି-ଭିଜିଲରେ ପ୍ରାପ୍ତ ଅଭିଯୋଗଗୁଡିକର ତତ୍କାଳ ସମାଧାନ ଉପରେ ଜୋର୍ ଦେଇଛନ୍ତି।

ନିର୍ବାଚନ ସମୟରେ ମତଦାତାଙ୍କୁ ଅର୍ଥ, ନିଶାଦ୍ରବ୍ୟ, ଶାଢ଼ି ଓ ଅନ୍ୟାନ୍ୟ ଲୋଭନୀୟ ସାମଗ୍ରୀ ବଣ୍ଟନ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ଜିଲ୍ଲା ଏସ୍‌ପି ଅମୃତ ପାଲ୍ ସିଂ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଆଯାଇଥିବା ସମସ୍ତ ପଦକ୍ଷେପ ନେଇ ସୂଚନା ଦେଇଛନ୍ତି। ଏହି ଅବଧିରେ ଜିଲ୍ଲାର କୌଣସି ଅଧିକାରୀଙ୍କ ବଦଳି ହୋଇପାରିବ ନାହିଁ। ସମୀକ୍ଷା ବୈଠକରେ ପ୍ରମୁଖ ଶାସନ ସଚିବ (ଇସିଆଇ) ଏସବି ଯୋଶୀ, ଡିଆଇଜି କୁଅଁର ବିଶାଲ ସିଂ, ଶାସନ ସଚିବ (ଇସିଆଇ) ସୁଜିତ୍ କୁମାର ମିଶ୍ର, ଅତିରିକ୍ତ ସିଇଓ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଜିଲ୍ଲାପାଳଙ୍କ ସହ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସର୍‌ମାନଙ୍କ ତାଲିମ୍ କେନ୍ଦ୍ର ପରିଦର୍ଶନ କରି ସେମାନଙ୍କ ସହ ଆଲୋଚନା କରିଛନ୍ତି। ଅପରାହ୍ଣରେ ଶ୍ରୀ ଗୋପାଳନ ଉପନିର୍ବାଚନ ପରିଚାଳନା ସହିତ ସଂଯୁକ୍ତ ବିଭିନ୍ନ କମିଟିର ମୁଖ୍ୟଙ୍କ ସହ ବୈଠକ କରି ବିଭିନ୍ନ ପ୍ରସ୍ତୁତି ସମ୍ବନ୍ଧରେ ଅବଗତ ହୋଇଛନ୍ତି। ସମସ୍ତ ବୁଥରେ ନିରବିଚ୍ଛିନ୍ନ ବିଦ୍ୟୁତ ସଂଯୋଗ, ଶୌଚାଳୟ, ପାନୀୟ ଜଳ, ରାମ୍ପ୍ ଓ ଅନ୍ୟାନ୍ୟ ସମସ୍ତ ମୌଳିକ ସୁବିଧାଗୁଡିକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

### ଧରତୀ ଆବା ଜନଭାଗିଦାରୀ ଅଭିଯାନ

# କେନ୍ଦୁଝରର ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା

**କେନ୍ଦୁଝର,୧୭।୧୦(ସଂଚାର ବ୍ୟୁରୋ):** ଧରତୀ ଆବା ଜନଭାଗିଦାରୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଓ ଅନୁକରଣୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଜି ନୂଆଦିଲ୍ଲୀରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ବିଭୁ ନାୟାର ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ୱିଶାଲ ସିଂହ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦ ସହକାରେ ଏହି ସମ୍ମାନ ସମଗ୍ର କେନ୍ଦୁଝରବାସୀଙ୍କର ବୋଲି କହିଛନ୍ତି। ଶ୍ରୀ ସିଂହ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି ସେମାନଙ୍କୁ କିପରି ଲାଭ ମିଳିବ ତାହା ଆମର ଲକ୍ଷ୍ୟ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଅନ୍ତର୍ଭୁକ୍ତିକରଣ ଶାସନର ଦୃଷ୍ଟିକୋଣ ସହିତ ସଂଯୁକ୍ତ ହୋଇ ଆଦିବାସୀ ଅଞ୍ଚଳରେ ସକ୍ରିୟ



ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି। ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିବା ଧରତୀ ଆବା ଜନଭାଗୀଦାରୀ ଅଭିଯାନ, ଶାସନରେ ଜନଜାତି ସମ୍ପ୍ରଦାୟର ଲୋକଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଏବଂ ଆଦିବାସୀ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଛି।

## ଭୀମସେନ ବିଶ୍ୱାଳ ହତ୍ୟା ମାମଲାରେ ୩ ଗିରଫ



**ବରଗଡ଼,୧୭।୧୦(ସଂଚାର ବ୍ୟୁରୋ):** ବରଗଡ଼ ଗ୍ରାମାଞ୍ଚଳ ଥାନା ଜମୁର୍ଡା ଓଭର ବ୍ରିଜ୍ ତଳେ ଟାଙ୍ଗରପଡାର ଭୀମସେନ ବିଶ୍ୱାଳ ହତ୍ୟା ଘଟଣାର ପର୍ଦ୍ଦାଫାସ କଲା ବରଗଡ଼ ପୁଲିସ। ହତ୍ୟାକାଣ୍ଡ ଘଟାଇଥିବା ୩ ଜଣଙ୍କୁ ବାନ୍ଧିଲା ପୁଲିସ। ୩ ଜଣଙ୍କ ମଧ୍ୟରେ ୨ ଜଣ ନାବାଳକ ରହିଛନ୍ତି। ବରଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ। ଘଟଣା ଦିନ ରାତି ପ୍ରାୟ ୧୨ଟା ସମୟରେ ସାମାନ୍ୟ ବଚସା ଓ କଥା କଟାକଟିକୁ ନେଇ ଏଭଳି ଜଘନ୍ୟ କାଣ୍ଡ ଘଟିଥିଲା। ଡୋଲାମଣି ନାଗ ନାମକ ଯୁବକ ଓ ସାଙ୍ଗରେ ଥିବା ଦୁଇ ନାବାଳକ ରାତିରେ ବୁଲୁଥିବା ସମୟରେ ଭୀମ ବିଶ୍ୱାଳଙ୍କ ସହ କଥା କଟାକଟି ଓ ବଚସା ହୋଇଥିଲା। ଡୋଲାମଣି ଏକ ଛୁରୀ ସାହାଯ୍ୟରେ ଭୀମର ଛାତିରେ ଗଭୀର ଆଘାତ ଦେଇଥିଲା। ସାଙ୍ଗରେ ଥିବା ନାବାଳକ ଜଣକ ଏକ ବାଡିରେ ସାହାଯ୍ୟରେ ମୁଣ୍ଡକୁ ଆଘାତ କରିବାରୁ ଘଟଣାସ୍ଥଳରେ ଭୀମଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ବ୍ରିଜ୍ ତଳେ ଫିଙ୍ଗି ଫେରାର୍ ହୋଇ ଯାଇଥିଲେ ଅଭିଯୁକ୍ତ। ପୁଲିସ ତଦନ୍ତ ପରେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବରଗଡ଼ ଅତିରିକ୍ତ ଏସପି ଇନ୍ଦୁରେଖା ପଶ୍ଚିମକବାଟ ସୂଚନା ଦେଇଛନ୍ତି।

## ୬୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

● ମହିଳାଙ୍କ ସମେତ ୩ ଗିରଫ



**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ଦାମୀ କାର୍‌ରେ ଚାଲାଣ ହେଉଥିଲା ବ୍ରାଉନସୁଗାର। ଖବର ପାଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଖୋର୍ଦ୍ଧାରୁ ୫୫୬ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି। ତେବେ ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୬୦ ଲକ୍ଷ ଟଙ୍କା ହେବ। ଉକ୍ତ ଘଟଣାରେ ଖୋର୍ଦ୍ଧାର ଜଣେ ମହିଳା ଓ ନିମାପଡ଼ାର ୨ ଯୁବକ ଗିରଫ ହୋଇଛନ୍ତି। ଏମାନଙ୍କ ନିକଟରୁ ନଗଦ ୫ ଲକ୍ଷ ୧୦ ହଜାର ନଗଦ ଟଙ୍କା ସହ ସୁନା ଓ ରୁପା ଅଳଙ୍କାର ମଧ୍ୟ ଜବତ ହୋଇଛି।

## ଓଲଟିଲା ଚାଉଳ ବୋଝେଇ ଟ୍ରକ

● ବୋହିନେଲେ ଗାଁ ଲୋକେ



**ବଲାଙ୍ଗୀର,୧୭।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ସଦର ବ୍ଲକ ଭୁଡିଆରବାହାଲ ବାରପୁରିଆ ଗାଁ ରାସ୍ତା ରଜା ମୁଣ୍ଡା ଟ୍ରନିଂ ଛକଠାରେ ଶୁକ୍ରବାର ଏକ ଚାଉଳ ବୋଝେଇ ଟ୍ରକ ଓଲଟିଯାଇଛି। ଭୋର ୪ଟାରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଆଖ ପାଖ ଅଞ୍ଚଳର ଗାଁ ଲୋକେ ଚାଉଳ ବୋଝେଇ ଟ୍ରକ ଓଲଟି ପଡ଼ିଥିବା ଜାଣିବା ପରେ ସ୍ଥାନୀୟ ଗାଁର ଲୋକେ ଆସି ଟ୍ରକରୁ ବସ୍ତା ବସ୍ତା ଚାଉଳ ଘରକୁ ବୋହି ନେଇଛନ୍ତି। ଚାଉଳ ବୋହିନେବା ପାଇଁ ଲୋକେ ଟଣାଓଟରା ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ଚାଉଳ ବୋଝେଇ ଟ୍ରକଟି ଛତିଶଗଡ଼ ରାୟପୁରରୁ ବଲାଙ୍ଗୀର ଆସୁଥିଲା। ଚାଉଳ ଚାଲାଣର କାଗଜପତ୍ର ଅଛି ନା ନାହିଁ, ଜଣାପଡିନାହିଁ। ଚାଉଳ ବୋଝେଇ ଟ୍ରକ ଓଲଟି ପଡ଼ିଥିବା ଦେଓଗାଁ ପୁଲିସ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲା। ଚାଉଳ ବୋଝେଇ ଟ୍ରକରେ ଆଉ ଚାଉଳ ବସ୍ତା ନ ଥିବା ଦେଖିବାକୁ ପାଇଥିଲା। ଚାଉଳ ବୋଝେଇ ଟ୍ରକ ଗାଡିକୁ ନେଇ ଦେଓଗାଁ ପୁଲିସ ତଦନ୍ତ କରୁଥିବା ଥାନା ଅଧିକାରୀ ବୁଲୁ ମୁଣ୍ଡା କହିଛନ୍ତି।

### ଜିଲ୍ଲାପାଳମାନଙ୍କ ସହ ଡିସିଙ୍କ ବୈଠକ

# ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ଅଗ୍ରଗତିର ତର୍ଜମା

**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ରାଜ୍ୟ ଉନ୍ନୟନ କମିଶନର (ଡିସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରର ବିଭିନ୍ନ ସମସ୍ୟା ଓ ସମାଧାନ ନେଇ ସମସ୍ତ ଜିଲ୍ଲାପାଳଙ୍କ ସହ ଆଭାସୀ ବୈଠକ ମାଧ୍ୟମରେ ସମୀକ୍ଷା କରିଥିଲେ। ଗତକାଲି ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମି ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ରାଜ୍ୟରେ ଅଙ୍ଗନବାଡି କେନ୍ଦ୍ରଗୁଡିକର ସ୍ଥିତି ନେଇ ସୂଚନା ଦେଇଥିଲେ। ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଥିବା ମୋଟ ୭୪,୨୨୪ଟି ଅଙ୍ଗନବାଡି କେନ୍ଦ୍ରର ସ୍ଥିତିର ସମୀକ୍ଷା କରାଯାଇଥିଲା। ସମସ୍ତ ଅଙ୍ଗନବାଡି କେନ୍ଦ୍ରର ଉନ୍ନତିକରଣ



ପରିପ୍ରେକ୍ଷୀରେ ସେଥିରେ ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳର ଉପଲବ୍ଧତା, ଶୌଚାଳୟ ଏବଂ ରୋଷେଇଘର ଆଦି ସୁବିଧା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଥିପାଇଁ ବିଭାଗ ପକ୍ଷରୁ ଅର୍ଥ ଯୋଗାଇ ଦିଆଯାଇଛି ଓ ସବୁ ଅଙ୍ଗନବାଡିରେ ସୁବିଧାକୁ ଶତପ୍ରତିଶତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସମସ୍ତ କେନ୍ଦ୍ରଗୁଡ଼ିକ କ୍ଷେତ୍ର ପରିଦର୍ଶନ ସହ ଆସନ୍ତା ନଭେମ୍ବର ଶେଷ ସୁଦ୍ଧା ଆବଶ୍ୟକ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ବିଧାୟକ ସ୍ଥାନୀୟ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନା (ଏମଏଲଏ ଲାଡ ସ୍କିମ) କାର୍ଯ୍ୟକାରିତାର ସମୀକ୍ଷା କରାଯାଇଛି। ୨୦୨୫-୨୬ ବର୍ଷରେ ଏହି ଯୋଜନାରେ ୭୩୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ପୂର୍ବରୁ ଏହି ପରିମାଣ ୩ କୋଟି ଥିବା ବେଳେ ଏବେ ଏହାକୁ ୫ କୋଟିକୁ ବୃଦ୍ଧି କରାଯାଇଛି। ଏଥିପାଇଁ ସଂଶୋଧିତ ମାର୍ଗଦର୍ଶିକା ଏବଂ ଏକ ପୋର୍ଟାଲ ଗତ ଅଗଷ୍ଟ ୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା, ଯାହା ମାଧ୍ୟମରେ ପ୍ରକଳ୍ପ ପ୍ରସ୍ତାବ, ମଞ୍ଜୁରୀ, କାର୍ଯ୍ୟକାରୀ ସଂସ୍ଥାକୁ ଅର୍ଥ ପ୍ରଦାନ ଓ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାର ବ୍ୟବସ୍ଥା ରହିଛି। ଜିଲ୍ଲା ପରିଷଦ ଓ ଜିଲ୍ଲା ପ୍ରକଳ୍ପ ତଦାରଖ ୟୁନିଟ୍‌ମାନଙ୍କୁ ଉପଯୁକ୍ତ ସମନ୍ୱୟ କରି ନିର୍ଦ୍ଧାରିତ ସମୟ ଅନୁସାରେ ଅର୍ଥ ମଞ୍ଜୁର ଓ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା (ସିଏମ-ଏସ୍‌ଏ) କାର୍ଯ୍ୟକାରିତାର ଅଗ୍ରଗତି ନେଇ ସମୀକ୍ଷା କରାଯାଇଛି।

ବୈଠକରେ ଆହୁରି ମଧ୍ୟ ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ' (ଓଆଇଆଇପିସିଆରଏ)ର କାର୍ଯ୍ୟକରିତା ନେଇ ଆଲୋଚନା କରାଯାଇଥିଲା। ୧୫ଟି ଜିଲ୍ଲାରେ ଏହି ପ୍ରକଳ୍ପ ବିଶ୍ୱ ବ୍ୟାଙ୍କ ସହାୟତାରେ ରାଜ୍ୟ ଜଳସମ୍ପଦ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଛି। ଏହାଦ୍ୱାରା ରାଜ୍ୟରେ ୫୩୮ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମଆଇପି) ଟ୍ୟାଙ୍କର ଉନ୍ନତିକରଣ, ରକ୍ଷଣାବେକ୍ଷଣ କରାଯାଇ ମତ୍ସ୍ୟ ଓ ପ୍ରାଣୀ ପାଳନ, କୃଷି, ଉଦ୍ୟାନ କୃଷି, ଜଳସେଚନ ଆଦିକୁ ସମନ୍ୱିତ କରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ପ୍ରକଳ୍ପଗୁଡ଼ିକର ପ୍ରଭାବୀ ଉପଯୋଗିତା ଏବଂ କୃଷି ଉତ୍ପାଦନ ବୃଦ୍ଧି ସଂପର୍କରେ ଜିଲ୍ଲାପାଳମାନେ ଜିଲ୍ଲାସ୍ତରରେ ନିୟମିତ ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

## ଜରିମୂଳ ଛେନା ମୁଡକି ପାଇଁ ଜିଆଇ ଟ୍ୟାଗ ଦାବି

**ରାଜନଗର,୧୭।୧୦(ସଂଚାର ବ୍ୟୁରୋ):** ରାଜନଗର ବ୍ଲକସ୍ଥିତ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଜରିମୂଳ ବଜାରରେ ଦୀର୍ଘ ୭୦ ବର୍ଷ ଧରି ଚାଲିଆସୁଥିବା ଛେନା ତିଆରି ମୁଡକିକୁ ଭାରତୀୟ ଭୌଗୋଳିକ ସୂଚକ ବା ଜିଆଇ ଟ୍ୟାଗରେ ସାମିଲ କରିବା ସକାଶେ ଦାବି ହେଉଛି। ଐତିହ୍ୟ ଓ ଉତ୍କୃଷ୍ଟ ଦୃଷ୍ଟିକୋଣରୁ ଏଠାରେ ତିଆରି ହୋଇ ରାଜ୍ୟ, ଦେଶ



ଏପରିକି ବିଦେଶରେ ପରିଚିତି ଓ ଆଦୃତି ଲାଭ କରିଥିବା ଏହି ମିଠା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଭିତରକନିକାକୁ ପ୍ରତିଦିନ ଆସୁଥିବା ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ପାଇଁ ଏହି ଛେନା ମୁଡକି ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହାର ସ୍ୱତନ୍ତ୍ର ସ୍ୱାଦର କାରଣ ନେଇ ଅନୁସନ୍ଧାନ ଜାରି ରଖିଥିବା ଗାଳ୍ପିକ ପ୍ରଦୀପ ନାୟକ ସ୍ଥାନୀୟ ନେତୃବୃନ୍ଦ, ଗଣମାଧ୍ୟମର ପ୍ରତିନିଧି ଓ ଜନସାଧାରଣଙ୍କ ଜରିଆରେ କହିଛନ୍ତି ଯେ ଓଡ଼ିଶାରେ ବିଭିନ୍ନ ଜାଗାରେ ଛେନା ମୁଡକି ତିଆରି ହେଉଥିଲେ ମଧ୍ୟ ବନସମ୍ପଦ ଘେରା, ପର୍ଯ୍ୟାପ୍ତ ଚାରଣ ଭୂମିସମ୍ପନ୍ନ ରାଜନଗର ଗୋପାଳନ ପାଇଁ ଅନୁକୂଳ ହୋଇଥିବାରୁ ଏଠାକାର ଗୋ ଦୁଗ୍ଧ ବହଳ, ସ୍ୱାଦିଷ୍ଟ ଏବଂ ପୁଷ୍ଟିକର। ଏହି କାରଣରୁ ଏଠାକାର ଛେନା ମଧ୍ୟ ବେଶ୍ ଉନ୍ନତ। ଜରିମୂଳ ବଜାରରେ ତିଆରି ହେଉଥିବା ଛେନା ମୁଡକି ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଅଧିକ ଉତ୍କୃଷ୍ଟ, ସ୍ୱାଦିଷ୍ଟ ଆଉ ଭେଜାଲ୍‌ହୀନ। କୌଣସି ରଙ୍ଗ, କୃତ୍ରିମ ବାସ୍ନାର ମଧ୍ୟ ଏଥିରେ ପ୍ରୟୋଗ ହୁଏନାହିଁ। ଆହୁରି ମଧ୍ୟ ମୁଡକି ପ୍ରସ୍ତୁତି କରିଆସୁଥିବା କାରିଗରମାନେ ବେଶ୍ ସିଦ୍ଧହସ୍ତ। ତେଣୁ ଜରିମୂଳ ଛେନା ମୁଡ଼କିକୁ ଜିଆଇ ଟ୍ୟାଗ୍ ଦିଆଯିବା ସକାଶେ ସବୁ ସ୍ତରରେ ଦାବି ହେଉଛି।

● ଦୀପାବଳି ପାଇଁ ବିଏମ୍‌ସି ତତ୍ପର

## ମିଠା ଦୋକାନରେ ଚଢ଼ାଉ

● ଅପମିଶ୍ରଣରେ କାର୍ଯ୍ୟାନୁଷ୍ଠାନ ଚେତାବନୀ

**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ଆଉ ଦୁଇ ଦିନ ପରେ ଦୀପାବଳି। ବନ୍ଧୁ ପରିଜନଙ୍କୁ ଶୁଭେଚ୍ଛା ଜଣେଇବାକୁ ମିଠା ଦୋକାନ ସାମ୍ନାରେ ଲାଗିଲାଣି ଲୋକଙ୍କ ଗହଳି। ଏହାର ଫାଇଦା ନେଇ କିଛି ଅସାଧୁ ବେପାରୀ ବାସି ଓ ଅପମିଶ୍ରିତ ମିଠା ବିକିବାରେ ଲାଗିଛନ୍ତି। ଆଜି ବିଏମସି ପକ୍ଷରୁ ସହରର ୨୦ରୁ ଅଧିକ ମିଠା ଦୋକାନରେ ଚଢ଼ାଉ ହୋଇଛି। ବିଏମସିର ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜିତ ପଟେଲଙ୍କ କହିବାନୁଯାୟୀ, ଆଜି ଚନ୍ଦ୍ରଶେଖରପୁରର ଶୈଳଶ୍ରୀବିହାର, ନୀଳାଦ୍ରିବିହାର ସହ ଜୟଦେବ ବିହାର ଓ ସିଆରପି ଛକରେ ବିଭିନ୍ନ ଗାଙ୍ଗୁରାମ ଓ ବଡ଼ ମିଠା ଦୋକାନରେ ଚଢ଼ାଉ ଚାଲିଛି। ବର୍ତ୍ତମାନ ସୁଦ୍ଧା ୩୧ଟି ମିଠା ନମୁନା ସଂଗ୍ରହ କରାଯାଇଛି। ବାସି ମିଠା ବିକୁଥିବା ଦୋକାନୀ ୭ ହଜାର ୫୦୦ ଟଙ୍କାର ଜରିମାନା ଭରିଛନ୍ତି।

## ପୋଲ ବାଡ଼କୁ ଧକ୍କା ଦେଲା ବାଇକ୍: ଜଣେ ମୃତ

**ସୋର,୧୭।୧୦(ସଂଚାର ବ୍ୟୁରୋ):** ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ଉପରେ ଆଜି ଅପରାହ୍ଣରେ ଏକ ବାଇକ ପୋଲ ବାଡ଼ାକୁ



ଧକ୍କା ଦେଇଛି। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ଭଦ୍ରକ ଅଂଚଳର ଲଡ଼ର ମୁର୍ମୁ ଓ ମକରନ୍ଦ ସରେନ ଆଜି ଅପରାହ୍ଣରେ ଭଦ୍ରକରୁ ବାଇକ ଯୋଗେ ବାରିକପୁର ହାଟକୁ ଦ୍ରୁତଗତିରେ ଆସୁଥିଲେ। ଏହି ସମୟରେ ତଳନଗର ରେଳ ଓଭରବ୍ରିଜ ଉପରେ ଭାରସାମ୍ୟ ହରାଇ ପୋଲବାଡ଼ାକୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଲଡରର ମୃତ୍ୟୁ ହୋଇଯାଇଥିବାବେଳେ ମକରନ୍ଦ ଗୁରୁତର ହୋଇଥିଲେ। ଖବରପାଇ ଜାତୀୟ ରାଜପଥ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସୋର ତହସିଲଦାର ଦୈତାରୀ ମଲ୍ଲିକ, ସୋର ଥାନା ଏସଆଇ ପ୍ରଭାକର ସାହୁ ଏବଂ ଏଏସଆଇ କେଶବ ବେଶ୍ରା ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶବକୁ ଅଗ୍ନିଶମ ବିଭାଗ ଆମ୍ବୁଲାନ୍ସରେ ସୋର ମେଡ଼ିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରି ସୋର ଥାନାରେ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ହାତୀ ଦାନ୍ତ ଡିଲ୍ ବେଳେ ମାଡ଼ି ବସିଲା ଏସ୍‌ଟିଏଫ୍

### ୪ କେଜି ୭୦୦ ଗ୍ରାମ ଓଜନର ଦାନ୍ତ ଜବତ

**ଆଠମଲ୍ଲିକ,୧୭।୧୦(ସଂଚାର ବ୍ୟୁରୋ):** ହାତୀ ଦାନ୍ତ ଡିଲ୍ ହେଉଥିବା ସମୟରେ ମାଡ଼ି ବସିଲା ଏସ୍‌ଟିଏଫ୍। ୨ଟି ହାତୀ ଦାନ୍ତ ଜବତ, ୨ ଗିରଫ। ଆଠମଲ୍ଲିକ ବ୍ଲକର ଜଙ୍ଗଲ ସଂଲଗ୍ନ ଯଦୁପୁର ଗ୍ରାମରେ ବିକ୍ରି ପାଇଁ ଡିଲ୍ ବେଳେ ୨ଟି ହାତୀ ଦାନ୍ତ ଜବତ ହୋଇଛି। ଗାଁରେ ଜଣେ ବ୍ୟକ୍ତି ହାତୀ ଦାନ୍ତ ରଖିଥିବା ନେଇ ଖବର ପାଇ ଏସ୍‌ଟିଏଫ୍ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଥିଲା। ଏସ୍‌ଟିଏଫ୍‌ର ଜଣେ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ଛଦ୍ମ ବେଶରେ ଉକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚି ହାତୀଦାନ୍ତର ଦରଦାମ ନେଇ ମୂଲଚାଲ କରିଥିଲେ। ହାତୀ ଦାନ୍ତ ଥିବା ନିଶ୍ଚିତ ହେବା ପରେ ସେମାନେ ଅଭିଯୁକ୍ତକୁ କାବୁ କରିବା ସହ ୨ଟି ହାତୀଦାନ୍ତ ଜବତ କରିଥିଲେ। ଜବତ ୨ଟି ହାତୀ ଦାନ୍ତର ଓଜନ ପ୍ରାୟ



୪ କେଜି ୭୦୦ ଗ୍ରାମ ହେବ। ଏହି ମାମଲାରେ ୨ ଜଣଙ୍କୁ ଗିରଫ କରାଯାଇ ଆଠମଲ୍ଲିକ ଥାନାରେ ଅଟକ ରଖି ପଚରାଉଚରା କରାଯିବା ପରେ କୋର୍ଟଚାଲାଣ କରାଯାଇଛି।

## ହାଇଦ୍ରାବାଦରେ ଓଡ଼ିଆ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା!

**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ହାଇଦ୍ରାବାଦର କୋମପାଲିରେ ଓଡ଼ିଆ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ ହୋଇଛି। ପୀଡିତା ଜଣଙ୍କ ଭୁବନେଶ୍ୱରର ଭରତପୁରର ବାସିନ୍ଦା



ଅନିନ୍ଦିତା ମହନ୍ତ ଭାବରେ ଚିହ୍ନଟ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ପେଟବଶିରାବାଦରେ ଶିକ୍ଷୟିତ୍ରୀ ଭାବେ କାମ କରୁଥିଲେ ମୃତ ମହିଳା। ଖୋର୍ଦ୍ଧା ବାଣପୁର ଅଞ୍ଚଳରେ ମହିଳା ଜଣଙ୍କ ବିବାହ କରିଥିଲେ। ଗତ ୬ ମାସ ତଳେ ହାଇଦ୍ରାବାଦ ଯାଇ ସ୍ୱାମୀ ପାଖରେ ରହୁଥିଲେ। ସ୍ୱାମୀ ଓଡ଼ିଶା ଆସିଥିବା ବେଳେ ତାଙ୍କୁ ବଳାତ୍କାର କରାଯାଇ ହତ୍ୟା କରାଯାଇଥିବା କୁହାଯାଉଛି। ଅନିନ୍ଦିତା ଏବଂ ତାଙ୍କ ସ୍ୱାମୀ ଗୌତମ ଘଡେଇ ଗତ ଛଅ ମାସ ଧରି ହାଇଦ୍ରାବାଦରେ ରହୁଥିଲେ ଏବଂ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗୌତମ ବୈଦ୍ୟୁତିକ ବିଭାଗରେ ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଥିବା ବେଳେ, ଅନିନ୍ଦିତା ଜଣେ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। ଏହି ଦମ୍ପତିଙ୍କର ଏକ ଚାରି ବର୍ଷର ପୁଅ ମଧ୍ୟ ଅଛି। ଭରତପୁର ଥାନାରେ ଦାୟର ଅଭିଯୋଗ ଅନୁଯାୟୀ, ଅକ୍ଟୋବର ୧୧ ତାରିଖରେ ଗୌତମ ପାସପୋର୍ଟ ସମ୍ବନ୍ଧୀୟ କାମ ପାଇଁ ତାଙ୍କ ପୁଅ ସହିତ ଭୁବନେଶ୍ୱର ଯାତ୍ରା କରିଥିଲେ, ଅନିନ୍ଦିତାଙ୍କୁ ସେମାନଙ୍କ ହାଇଦ୍ରାବାଦ ବାସଭବନରେ ଏକା ଛାଡି ଦେଇଥିଲେ। ଏହି ସମୟରେ, ତାଙ୍କ କମ୍ପାନୀର ଜଣେ ସହକର୍ମୀ ସୁଯୋଗ ନେଇ ଘରେ ପ୍ରବେଶ କରି ତାଙ୍କୁ ଯୌନ ନିର୍ଯାତନାଦେଇଥିଲେ ଏବଂ ତା'ପରେ ତାଙ୍କୁ ଗଳାକାଟି ହତ୍ୟା କରିଥିଲେ।

### ଏସ୍‌ଟିଏର କଠୋର ଆଭିମୁଖ୍ୟ

# ରଦ୍ଦ ହେବ ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ଆରସି

● ତାଲିକା ପ୍ରସ୍ତୁତ କରି ଗାଡ଼ି ମାଲିକଙ୍କୁ ପଠାଯିବ ନୋଟିସ୍

● କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବାକୁ ବକେୟା ଚାଲାଣ ପୈଠ କର

**କଟକ, ୧୭।୧୦ (ସଂଚାର ବ୍ୟୁରୋ):** ଅଭ୍ୟାସଗତ ଭାବେ ମୋଟର ଯାନ ଆଇନ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ। ରାଜ୍ୟବ୍ୟାପୀ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଏନେଇ ପ୍ରସ୍ତୁତ କରିବେ ତାଲିକା। ସଡ଼କରେ ଅନ୍ୟ ବ୍ୟବହାରକାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ଗାଡ଼ିଗୁଡ଼ିକର ପଞ୍ଜିକରଣ ସାର୍ଟିଫିକେଟ (ଆରସି) ରଦ୍ଦ ପାଇଁ ପଦକ୍ଷେପ ନେବାକୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ଙ୍କୁ ପରିବହନ କମିଶନର୍ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) କାର୍ଯ୍ୟାଳୟରେ ପରିବହନ କମିଶନର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିବା ବେଳେ ଏଥିରେ ପ୍ରାଧିକରଣର ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଉପପରିବହନ କମିଶନର୍, ଆରଟିଓ, ଅତିରିକ୍ତ ଆରଟିଓ ଆଭାସୀରେ ଭାଗନେଇଥିଲେ। ମୁଖ୍ୟତଃ ସଡ଼କ ଦୁର୍ଘଟଣାହ୍ରାସ ପାଇଁ ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀତଥା ବେପରୁଆ ଚାଳକଙ୍କ ଉପରେ ନିୟନ୍ତ୍ରଣଓ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ବକେୟା ଇ-ଚାଲାଣର ଏକାକାଳୀନ ପୈଠରେ ରିହାତି ଯୋଜନାର ଜନସାଧାରଣ କିଭଳି ଲାଭ ପାଇବେ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା।



ନିଷ୍ପତ୍ତି ଅନୁଯାୟୀ, ଅଧିକ ସଂଖ୍ୟାରେ ଚାଲାଣ ବକେୟା ଥିବା ଗାଡ଼ିର ତାଲିକା ପ୍ରସ୍ତୁତ କରାଯିବ। ସେମାନଙ୍କୁ ଚାଲାଣ ପୈଠ କରିବାକୁ ପଞ୍ଜିକୃତ ନମ୍ବରରେ ସୂଚନା ପ୍ରଦାନ କରାଯିବ। ଏହା ସତ୍ତ୍ୱେ ବି ନିୟମ ଉଲ୍ଲଙ୍ଘନକାରୀ ବକେୟା ଚାଲାଣ ପୈଠ ନ କଲେ, ମୋଟର ଯାନ ଆଇନ ଅନୁଯାୟୀ ଆରଟିଓମାନେ ସେମାନଙ୍କୁ ନୋଟିସ୍ ପଠାଇବେ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏପରିକି ସେହି ଗାଡ଼ିଗୁଡ଼ିକର ପଞ୍ଜିକରଣ ରଦ୍ଦ ପାଇଁ ମଧ୍ୟ ପଦକ୍ଷେପ ନେବେ।ଏହାଛଡ଼ା ବେପରୁଆ ଗାଡ଼ି ଚାଳନା କରି ନିଜ ସହ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ବିପଦ ସାଜୁଥିବା ଗାଡ଼ିଗୁଡ଼ିକ ଉପରେ ନଜର ରଖାଯିବ। ସେଭଳି ଗାଡ଼ିଗୁଡ଼ିକର ମଧ୍ୟ ପଞ୍ଜିକରଣ ପ୍ରମାଣପତ୍ର ନିଲମ୍ବନ ଓ ରଦ୍ଦ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରିବହନ କମିଶନର୍ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏବେ ଚାଲିଥିବା ବକେୟା ଇ-ଚାଲାଣ ପୈଠରେ ରିହାତି ଯୋଜନା (ଓଟିଏସ୍)ର ମଧ୍ୟ ବ୍ୟାପକ ପ୍ରଚାର କରାଯିବ। ପ୍ରତି ଆରଟିଓରେ ଏଥିପାଇଁ ସ୍ୱତନ୍ତ୍ର କାଉଣ୍ଟର ରହିବ। ସେଭଳି ଅନଲାଇନରେ ଇ-ଚାଲାଣ ପୈଠ ପାଇଁ ଜନସାଧାରଣଙ୍କୁ ଉତ୍ସାହିତ କରାଯିବ।

ଏହାଛଡ଼ା ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସରକାର ସଚେତନତା କାର୍ଯ୍ୟକ୍ରମ ସହ ନିୟମ ମାନୁନଥିବା ଗାଡ଼ି ବ୍ୟବହାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ଷ ବର୍ଷ ଧରି ଇ-ଚାଲାଣ ବକେୟା ଥିଲେ ମଧ୍ୟ ତାହା ପୈଠ କରୁ ନ ଥିବା ଗାଡ଼ି ମାଲିକଙ୍କୁ ଚିହ୍ନଟ କରି ମୋଟର ଯାନ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ଏଥିରୁ ବର୍ତ୍ତିବାକୁ ଇ-ଚାଲାଣ ପୈଠ କରିବାକୁ ଏସଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ରାଜ୍ୟ ଖଣି ପ୍ରସ୍ତୁତି ସୂଚୀ ଓ ର୍ୟାଙ୍କିଂ ୨୦୨୫

# ଶ୍ରେଷ୍ଠ ୩ ବର୍ଗରେ ନାହିଁ ଓଡ଼ିଶା

ଭୁବନେଶ୍ୱର, ୧୭।୧୦: ଓଡ଼ିଶା ଏକ ଖଣିଜ ସମ୍ପଦ ବହୁଳ ରାଜ୍ୟ। ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ରାଜ୍ୟ ମାଟିତଳେ ରହିଛି। କିନ୍ତୁ ଖଣି ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶା ଯେତିକି ତତ୍ପର ରହିବା କଥା ତାହା ଦେଖିବାକୁ ମିଳୁନାହିଁ। କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ରାଜ୍ୟ ଖଣି ପ୍ରସ୍ତୁତି ସୂଚୀ ଓ ରାଜ୍ୟ ର୍‍ୟାଙ୍କିଂ ୨୦୨୫ ରିପୋର୍ଟରୁ ଏଭଳି ସଙ୍କେତ ମିଳିଛି। ରାଜ୍ୟଗୁଡ଼ିକୁ କ, ଖ ଓ ଗ ଭଳି ତିନିଟି ବର୍ଗରେ ଭାଗ କରି ଶ୍ରେଷ୍ଠ ତିନି ରାଜ୍ୟଗୁଡ଼ିକର ନାମ ଘୋଷଣା କରାଯାଇଛି। କୌଣସି ବର୍ଗରେ ଓଡ଼ିଶା ଶ୍ରେଷ୍ଠ ତିନି ରାଜ୍ୟ ଭିତରେ ସ୍ଥାନ ପାଇନାହିଁ। ଖଣି ମନ୍ତ୍ରଣାଳୟର ସଦ୍ୟତମ ରିପୋର୍ଟ ଅନୁସାରେ 'କ' ବର୍ଗରେ ଶ୍ରେଷ୍ଠ



ତିନିଟି ସ୍ଥାନରେ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଗୁଜରାଟ ରହିଛନ୍ତି। 'ଖ' ବର୍ଗରେ ଗୋଆ, ଉତ୍ତରପ୍ରଦେଶ ଓ ଆସାମ ପ୍ରଥମ ତିନିଟି ସ୍ଥାନରେ ରହିଛନ୍ତି। 'ଗ' ବର୍ଗରେ ଶ୍ରେଷ୍ଠ ତିନିଟି ରାଜ୍ୟ ହେଉଛନ୍ତି ପଞ୍ଜାବ, ଉତ୍ତରାଖଣ୍ଡ ଓ ତ୍ରିପୁରା। ଅଣ କୋଇଲା କ୍ଷେତ୍ରରେ ଖଣି ନିଲାମ, ଖଣିକୁ ଆଗୁଆ କାର୍ଯ୍ୟକ୍ଷମ କରିବା, ଅନୁସନ୍ଧାନ ଉପରେ ବିଶ୍ୱାସ ଏବଂ ସ୍ଥାୟୀ ଖଣି ଅଭ୍ୟାସ ଭଳି ମାନଦଣ୍ଡ ଆଧାରରେ ରାଜ୍ୟଗୁଡ଼ିକୁ ଅନୁଶୀଳନ କରାଯାଇଥିଲା।

ରାଜ୍ୟ ଖଣି ପ୍ରସ୍ତୁତି ସୂଚୀ ସମ୍ପର୍କରେ ଚଳିତ ଆର୍ଥିକ ବର୍ଷର ବଜେଟ୍‌ରେ ଘୋଷଣା କରାଯାଇଥିଲା। ଖଣି କ୍ଷେତ୍ରରେ ସଂସ୍କାର ଆଣିବା ଲାଗି ରାଜ୍ୟଗୁଡ଼ିକୁ ଉତ୍ସାହିତ କରିବାକୁ ଏହି ସୂଚୀ ଜାରି କରାଯାଇଛି। ଏହା ରାଜ୍ୟଗୁଡ଼ିକର ପ୍ରଦର୍ଶନରେ ମାନଦଣ୍ଡ ନିର୍ଦ୍ଧାରଣ କରିବା ସହ ସ୍ୱାସ୍ଥ୍ୟକର ପ୍ରତିଯୋଗିତାକୁ ଉତ୍ସାହିତ କରିବ। ଫଳରେ ଖଣି ସଂସ୍କାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ସାରା ଦେଶରେ ସମ୍ବଳର ଉଚିତ ପରିଚାଳନା ହୋଇପାରିବ ବୋଲି ଆଶା କରାଯାଉଛି। ଖଣି ପ୍ରସ୍ତୁତି ସୂଚୀର ପ୍ରଦର୍ଶନ ଅନୁସାରେ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ଦେବା ଲାଗି ୫୦୦୦ କୋଟି ଟଙ୍କାର ଏକ ଯୋଜନା ଘୋଷଣା କରାଯାଇଛି। ଲଘୁ ଖଣିଜରେ ସଂସ୍କାର ପାଇଁ ୨୦୦୦ କୋଟି ଟଙ୍କା, ପ୍ରମୁଖ ଖଣିଜ ସଂସ୍କାର ପାଇଁ ୨୧୦୦ କୋଟି ଟଙ୍କା ଓ ରାଜ୍ୟ ଖଣି ପ୍ରଯୁକ୍ତି ସୂଚୀ ଆଧାରିତ ସଂସ୍କାର ପାଇଁ ୯୦୦ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଛି। ଯେହେତୁ ଓଡ଼ିଶାର ପ୍ରଦର୍ଶନ ଶ୍ରେଷ୍ଠ ତିନି ରାଜ୍ୟ ମଧ୍ୟରେ ନାହିଁ, ତେଣୁ ଏହି ଯୋଜନାର ଲାଭ ଓଡ଼ିଶାକୁ ମିଳିବା ନାହିଁ। କାରଣ ଶ୍ରେଷ୍ଠ ତିନି ରାଜ୍ୟଗୁଡ଼ିକୁ ଏହି ସ୍ୱତନ୍ତ୍ର ସହାୟତା ଦେବାର ବ୍ୟବସ୍ଥା ରହିଛି।

## ସାମସଙ୍ଗ ଗାଲାକ୍ସି ଏସ୨୬ ଏଜ ଲଞ୍ଚ୍ ବାତିଲ



ନୂଆଦିଲ୍ଲୀ, ୧୭।୧୦: ସାମସଙ୍ଗ ଗାଲାକ୍ସି ଏସ୨୫ ଏଜ ସହିତ ସ୍ମାର୍ଟଫୋନ୍ ସେଗମେଣ୍ଟରେ ଏକ ଭିନ୍ନ ଭୂମିକା ଗ୍ରହଣ କରିଥିଲା। ଏହାପରେ, ଟେକ୍ନୋ ଏବଂ ଆପଲ ଭଳି କମ୍ପାନୀଗୁଡ଼ିକ ମଧ୍ୟ ସେମାନଙ୍କର ନିଜସ୍ୱ ସ୍ଲିମ୍ ଫୋନ୍ ଲଞ୍ଚ କରିଛନ୍ତି। ତଥାପି, ସାମସଙ୍ଗ ଏହି ଫୋନର ସେତେଟା ବିକ୍ରି ହେଉନାହିଁ। ଫଳସ୍ୱରୂପ, ସାମସଙ୍ଗ ପରବର୍ତ୍ତୀ ପିଢ଼ିର ମଡେଲ୍, ଏସ୨୬ ଏଜକୁ ଲଞ୍ଚ କରିବାର ଯୋଜନାକୁ ବାତିଲ କରିଛି।

ସାମସଙ୍ଗ ଆସନ୍ତା ବର୍ଷ ଏସ୨୬ ଏଜ ଲଞ୍ଚ କରିବ ନାହିଁ। ଏସ୨୫ର ମାନ୍ଦା ବିକ୍ରୟ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି। କମ୍ପାନୀ ଏହାର କର୍ମଚାରୀମାନଙ୍କୁ ମଧ୍ୟ ଜଣାଇଛି ଯେ ଏହି ଫୋନର ନିର୍ମାଣ ବନ୍ଦ କରାଯାଉଛି। ବର୍ତ୍ତମାନ ଥିବା ଷ୍ଟକ୍ ବିକ୍ରି ହେବା ପରେ ଉତ୍ପାଦନ ବନ୍ଦ ହୋଇଯିବ। ଏହି ଅଭିଜ୍ଞତାକୁ ଦୃଷ୍ଟିରେ ରଖି, ସାମସଙ୍ଗ ନିକଟ ଭବିଷ୍ୟତରେ ଏକ ଅଲ୍ଟ୍ରା-ସ୍ଲିମ୍ ଫୋନ୍ ଲଞ୍ଚ କରିବାର ସମ୍ଭାବନା କମ୍ ବୋଲି କୁହାଯାଉଛି। ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ଏସ୨୫ ଏଜର କେବଳ ୧.୩୧ ନିୟୁତ ୟୁନିଟ୍ ବିକ୍ରି ହୋଇଛି। ଏହା ତୁଳନାରେ, ଏସ୨୫, ଏସ୨୫ ପ୍ଲସ ଏବଂ ଏସ୨୫ ଅଲଟ୍ରା ଯଥାକ୍ରମେ ୮.୨୮ ନିୟୁତ, ୫.୦୫ ନିୟୁତ ଏବଂ ୧୨.୧୮ ନିୟୁତ ୟୁନିଟ୍ ବିକ୍ରି ହୋଇଛି। ତଥାପି, ଏହା ଉଲ୍ଲେଖନୀୟ ଯେ ଏସ୨୫, ଏସ୨୫ ପ୍ଲସ ଏବଂ ଏସ୨୫ ଅଲଟ୍ରା ଜାନୁଆରୀରେ ଲଞ୍ଚ କରାଯାଇଥିଲା, ଯେତେବେଳେ ଏଜ ମଡେଲ୍ ମେ ମାସରେ ଲଞ୍ଚ କରାଯାଇଥିଲା।

ପୂର୍ବରୁ, ରିପୋର୍ଟ ଆସିଥିଲା ଯେ ସାମସଙ୍ଗ ଏସ୨୬ ପ୍ଲସ ପରିବର୍ତ୍ତେ ଆସନ୍ତା ବର୍ଷ ଏଜ ମଡେଲ୍ ଲଞ୍ଚ କରିବ, କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏସ୨୬ ପ୍ଲସ ଲାଇନଅପ୍‌ରେ ନିଜର ସ୍ଥାନ ସୁରକ୍ଷିତ କରିଛି। ଆସନ୍ତା ବର୍ଷ, କମ୍ପାନୀ ଏହାର ଫ୍ଲାଗସିପ୍ ସିରିଜ୍‌ରେ ଗାଲାକ୍ସି ଏସ୨୬ ପ୍ରୋ, ଏସ୨୬ ପ୍ଲସ, ଏବଂ ଏସ୨୬ ଅଲଟ୍ରା ମଡେଲ୍ ଲଞ୍ଚ କରିବ।

## ଆଜିର ସୁନା ଦର



ବଢୁଛି ସୁନା ଏବଂ କମୁଛି ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୩୨,୭୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୨୧,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୩୨,୭୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୨୧,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୩୨,୭୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୨୧,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୨,୯୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୧,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୩୩,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୯,୪୪୦ ଓ ୧, ୧୮,୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୮୫,୦୦୦ ଟଙ୍କା ହୋଇଛି।

# ଏଜୁକେସନାଲ୍ ୱାର୍ଲ୍ଡ-ଇଣ୍ଡିଆ ସ୍କୁଲ୍ ର୍ୟାଙ୍କିଙ୍ଗ୍‌ରେ ଓଡିଏମ୍ ରାଜ୍ୟର ପ୍ରଥମ

ଭୁବନେଶ୍ୱର, ୧୭।୧୦: ୨୦୨୫-୨୬ ଶିକ୍ଷାବର୍ଷରେ 'ଏଜୁକେସନାଲ୍ ୱାର୍ଲ୍ଡ-ଇଣ୍ଡିଆ ସ୍କୁଲ୍ ର୍‍ୟାଙ୍କିଂ'ରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ଭୁବନେଶ୍ୱର ସମେତ ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରିଛି। ଜାତୀୟ ସ୍ତରରେ ୧୦ମ ସ୍ଥାନରେ ରହି ପୁଣିଥରେ ଶିକ୍ଷାକ୍ଷେତ୍ରରେ ଏହାର ଉତ୍କର୍ଷତା ପ୍ରମାଣିତ କରିଛି। ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ପୁରସ୍କାର ସମାରୋହରେ ଓଡିଏମ୍ ଶିକ୍ଷାସମୂହର ଅଧ୍ୟକ୍ଷ ସତ୍ୟବ୍ରତ ମୀନକେତନ ଓ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଯୋଗଦେଇ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଏଥିସହ ଉତ୍କୃଷ୍ଟ ନେତୃତ୍ୱ, ସୃଜନମୂଳକ ଶିକ୍ଷାକ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ପାଇଁ ୨୦୨୫-୨୬ ଶିକ୍ଷାବର୍ଷର 'ଏମର୍ଜିଂ ଏଜୁକେସନ ଲିଡର ଅଫ୍ ଦି ଇଅର ୨୦୨୫-୨୬' ସମ୍ମାନରେ ଓଡିଏମ୍ ଶିକ୍ଷାସମୂହର ସିଇଓ ସ୍ୱୟନ୍ ସତ୍ୟେନ୍ଦୁଙ୍କୁ ସମ୍ମାନିତ କରାଯାଇଛି। ଶ୍ରୀ ମୀନକେତନ କହିଛନ୍ତି ଯେ ଏହି ମାନ୍ୟତା ଶିକ୍ଷାନୁଷ୍ଠାନର ଶିକ୍ଷାଗତ ଉତ୍କର୍ଷତା, ସାମଗ୍ରିକ ବିକାଶ, ସୃଜନମୂଳକ ଶିକ୍ଷା ଓ ମୂଲ୍ୟବୋଧ ଆଧାରିତ ଶିକ୍ଷା ପ୍ରତି ଆମର ଅଟଳ ପ୍ରତିବଦ୍ଧତାର ପ୍ରତୀକ।



ସଫଳତାକୁ ଆମର ଛାତ୍ରଛାତ୍ରୀ, ପିତାମାତା, ଶିକ୍ଷକ ସମେତ ସମଗ୍ର ଓଡିଏମ୍ ପରିବାରକୁ ଉତ୍ସର୍ଗ କରୁଛୁ।

ଅନ୍ୟପକ୍ଷରେ ଓଡିଏମ୍ ଶିକ୍ଷାସମୂହ ଅଧୀନରେ ଥିବା ଅନ୍ୟ ଏକ ପ୍ରମୁଖ ଅନୁଷ୍ଠାନ ରାଞ୍ଚିର ଓଡିଏମ୍ ସାଫାୟାର୍ ଗ୍ଲୋବାଲ୍ ସ୍କୁଲ୍ ଝାଡ଼ଖଣ୍ଡରେ ପ୍ରଥମ ହେବା ସହ ସର୍ବଭାରତୀୟ ସ୍ତରରେ ୨୦ତମ ସ୍ଥାନରେ ରହି ମର୍ଯ୍ୟାଦା ବୃଦ୍ଧି କରିଛି। ଏହି ସ୍ୱୀକୃତିଗୁଡ଼ିକ ଓଡିଏମ୍ ଶିକ୍ଷାସମୂହର ସ୍ଥିତିକୁ ଦେଶର ସବୁଠାରୁ ପ୍ରଗତିଶୀଳ, ବହୁମୁଖୀ ଓ ଗୁଣାତ୍ମକ ଶିକ୍ଷାଗତ ନେଟ୍‌ୱାର୍କ ଭାବରେ ପୁନଃନିର୍ଦ୍ଦିଷ୍ଟ କରିଛି, ଯାହାକି ଛାତ୍ରଛାତ୍ରୀଙ୍କ ଭିତରେ ଭାରତର ମୌଳିକ ପରମ୍ପରା ଓ ମାନବୀୟ ମୂଲ୍ୟବୋଧ ସହିତ ଅନ୍ତଃରାଷ୍ଟ୍ରୀୟ ପଠନ-ପାଠନର ସମାନତା ଓ ସୃଜନଶୀଳତାକୁ ପ୍ରତିପାଳନ କରୁଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଆଇଟିସି ମଙ୍ଗଳଦୀପ୍‌ର ଡିଜିଟାଲ୍ ଦୀପୋତ୍ସବ

ଭୁବନେଶ୍ୱର, ୧୭।୧୦: ଦେଶର ଅଗ୍ରଣୀ ଧୂପକାଠି ବ୍ରାଣ୍ଡ ଆଇଟିସି ମଙ୍ଗଳଦୀପ୍ ଚଳିତବର୍ଷ ଅଯୋଧ୍ୟା ଦୀପୋତ୍ସବ ପାଇଁ ଡିଜିଟାଲ୍ ଦୀପୋତ୍ସବ ଘୋଷଣା କରିଛି। ଏହା ଜରିଆରେ ଦେଶର ଯେକୌଣସି ସ୍ଥାନର ବ୍ୟକ୍ତିମାନେ ଭର୍ଚୁଆଲ ଜରିଆରେ ଦୀପ ଜଳାଇ ଅଯୋଧ୍ୟା ଦୀପୋତ୍ସବ କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ। ପ୍ରଯୁକ୍ତି ଜରିଆରେ ଦୀପୋତ୍ସବକୁ ପାଳନ କରିପାରିବେ। ବିଶ୍ୱାସ ଓ ଆଧୁନିକ ଜୀବନକୁ ପ୍ରଯୁକ୍ତି ଜରିଆରେ ଯୋଡ଼ି ଭକ୍ତିକୁ ଅଧିକ ସମାବେଶୀ ଏହାଦ୍ୱାରା କରାଯାଇ ପାରିବ। ଭକ୍ତମାନେ ayodhyamangaldeepotsav.comକୁ ଭିଜିଟ୍ କରି ଏହି ସୁବିଧା ପାଇପାରିବେ। ଦୀପୋତ୍ସବ ଚଳିତମାସ ୧୯ ତାରିଖରେ ହେବ। ଏହି କାର୍ଯ୍ୟକ୍ରମ ଅଧୀନରେ ଆଇଟିସି ମଙ୍ଗଳଦୀପ୍ ୧ ଲକ୍ଷ ଦୀପ ଜଳାଇବା ଯୋଜନା ରଖିଛି। ଏଥିସହିତ ମଙ୍ଗଳଦୀପ୍ ଖୁସ୍‌ବୁ ପଥରେ ୨୫ଟି ପାଞ୍ଚ ଫୁଟ୍ ଧୂପକାଠି ଏବଂ ୨୫ଟି ମହା ହବନ କପ୍ ସ୍ଥାପନ କରି କମ୍ପାନି ପକ୍ଷରୁ ସୁଗନ୍ଧିତ ପରିବେଶ ସୃଷ୍ଟି କରାଯିବ। ଆଇଟିସିର ଡିଭିଜନାଲ ସିଇଓ (ଧୂପକାଠି ଏବଂ ଅବରବତୀ) ରୋହିତ ଡୋଗ୍ରା କୁହନ୍ତି, ଡିଜିଟାଲ ଦୀପୋତ୍ସବ ଜରିଆରେ ଆମେ ପ୍ରଯୁକ୍ତିର ସମ୍ଭାବନା ସହିତ ପରମ୍ପରାର ପବିତ୍ରତାକୁ ସମ୍ମିଶ୍ରଣ କରିଛୁ। ଆଜିର ଡିଜିଟାଲ ଯୁଗରେ ଭକ୍ତିକୁ ଅଧିକ ନିବିଡ଼ ଏବଂ ସମାବେଶୀ କରିବା ପାଇଁ ଏହା ଏକ ପଦକ୍ଷେପ ବୋଲି ସେ ମତ ଦେଇଛନ୍ତି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



## ଖର୍ଚ୍ଚ କମାଇବାକୁ ନେସଲେର ବଡ଼ ନିଷ୍ପତ୍ତି

# ଛଟେଇ କରିବ ସହସ୍ରାଧିକ କର୍ମଚାରୀ

ନୂଆଦିଲ୍ଲୀ, ୧୭।୧୦: ପ୍ରତିଷ୍ଠିତ ସ୍ୱିସ୍ କମ୍ପାନି ନେସଲେର ବଡ଼ ନିଷ୍ପତ୍ତି। କମ୍ପାନି ବିଶ୍ୱରେ ଥିବା ଏହାର ଓ୍ୱାର୍କଫୋର୍ସରୁ ପ୍ରାୟ ୧୬ ହଜାର କର୍ମଚାରୀଙ୍କ ଛଟେଇ କରିବାକୁ ଯୋଜନା କରୁଛି। ଏଭଳି ନିଷ୍ପତ୍ତି ନେବା ପଛର କାରଣ ବିଷୟରେ ମଧ୍ୟ କମ୍ପାନି କହିଛି। କମ୍ପାନି କହିଛି ଆର୍ଥିକ ପ୍ରଦର୍ଶନରେ ସୁଧାର ପାଇଁ ଛଟେଇ କରିବାକୁ ନିଷ୍ପତ୍ତି ନିଆଯାଇଛି। ଗୁରୁବାର କମ୍ପାନି ଦେଇଥିବା ସୂଚନା ଅନୁସାରେ, ଆଗାମୀ ଦୁଇ ବର୍ଷରେ ଏସବୁ ଛଟେଇ ହେବ। ସ୍ୱିସ କମ୍ପାନି କହିଛି ଯେ, ଆସନ୍ତା ବର୍ଷ ଶେଷ ସୁଦ୍ଧା ଖର୍ଚ୍ଚ କମ୍ କରିବା ଲକ୍ଷ୍ୟକୁ ବଢ଼ାଇ ୩ ବିଲିୟନ ସ୍ୱିସ୍ ଫ୍ରାଙ୍କ୍ ବା ୩.୭୬ ବିଲିୟନ ଡଲାର କରିବ। ପୂର୍ବରୁ ଏହି ଲକ୍ଷ୍ୟ ୨.୫ ଲକ୍ଷ



ବିଲିୟନ ସ୍ୱିସ ଫ୍ରାଙ୍କ ବା ୩.୧୩ ବିଲିୟନ ଡଲାର ରହିଥିଲା। କମ୍ପାନି ଆହୁରି କହିଛି, ଏହି ଛଟେଇ କାରଣରୁ ଆସନ୍ତା ବର୍ଷ ଶେଷ ସୁଦ୍ଧା ୧ ବିଲିୟନ ସ୍ୱିସ ଫ୍ରାଙ୍କ୍ ବା ୧.୨୫ ବିଲିୟନ ଡଲାରର ବାର୍ଷିକ ସଞ୍ଚୟ ହେବା ନେଇ ଅନୁମାନ ରହିଛି।

ପ୍ରକୃତରେ ନେସଲେ ମଧ୍ୟ ଅନ୍ୟ ଖାଦ୍ୟ ନିର୍ମାତାଙ୍କ ଭଳି ବାହ୍ୟ ଚାଲେଞ୍ଜର ସାମ୍ନା କରୁଛି। ଏଥିରେ ସାମଗ୍ରୀର ବଢ଼ିଥିବା ଖର୍ଚ୍ଚ ଏବଂ ଟାରିଫ୍‌ର ନକାରାତ୍ମକ ପ୍ରଭାବ ସାମିଲ ରହିଛି। ପୂର୍ବରୁ ଜୁଲାଇରେ କମ୍ପାନି ଜୁଲାଇ ମାସରେ ଏକ ବିବୃତ୍ତି କହିଥିଲା ଯେ, କଫି ଏବଂ କେକୋର ବର୍ଦ୍ଧିତ ଖର୍ଚ୍ଚ ଭରଣା ପାଇଁ ଉତ୍ପାଦର ମୂଲ୍ୟ ବୃଦ୍ଧି କରିବାକୁ ପଡ଼ିଛି

ସୂଚନାଥାଉକି, ଗତ ମାସରେ କମ୍ପାନି ବିବାଦ କାରଣରୁ ଏହାର ସିଇଓ ଲରେଣ୍ଟ ଫ୍ରେକ୍ସଙ୍କ ଗତ ମାସରେ ଚାକିରିରୁ ବିଦା କରିଥିଲା। ଫ୍ରେକ୍ସ ପ୍ରାୟ ୧ ବର୍ଷ ଏହି ପଦରେ ରହିଥିଲେ। ତାଙ୍କ ସ୍ଥାନରେ ଫିଲିପ ନଭରାତିଲଙ୍କୁ ନିଯୁକ୍ତ କରାଯାଇଥିଲା।ଫ୍ରେକ୍ସଙ୍କୁ ପଦରୁ ହଟାଯିବାର କିଛି ଦିନ ପରେ ଅଧ୍ୟକ୍ଷ ପଲ ବୁଲ୍କେ ମଧ୍ୟ ନିଜ ପଦରୁ ଇସ୍ତଫା ଦେଇଥିଲେ। ନଭରାତିଲ ଏକ ବିବୃତ୍ତିରେ କହିଛନ୍ତି 'ଦୁନିଆର ବଦଳୁଛି ଏବଂ ନେସଲେକୁ ମଧ୍ୟ ଦ୍ରୁତ ଭାବରେ ବଦଳିବାର ଆବଶ୍ୟକତା ରହିଛି।''

## ବୌଦ୍ଧ କୋଅପରେଟିଭ ସେଣ୍ଟ୍ରାଲ୍ ବ୍ୟାଙ୍କକୁ ଜରିମାନା

ଭୁବନେଶ୍ୱର, ୧୬।୧୦: ଭାରତୀୟ ରିଜର୍ଭ ବ୍ୟାଙ୍କ ଜାରି କରିଥିବା ନିର୍ଦ୍ଦେଶନାମାକୁ ଠିକ୍ ଭାବେ ପାଳନ କରି ନଥିବା ବୌଦ୍ଧ କୋଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ ଲିମିଟେଡ୍ ଉପରେ ୧୦ ହଜାର ଟଙ୍କାର ଜରିମାନା ଲାଗୁ କରାଯାଇଛି। ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କର ଆର୍ଥିକ ସ୍ଥିତିକୁ ନାବାର୍ଡ ବୈଧାନିକ ଅନୁଶୀଳନ କରିଥିଲା। ଗ୍ରାହକଙ୍କ ଋଣ ତଥ୍ୟକୁ ଋଣ ସୂଚନା କମ୍ପାନିକୁ ବ୍ୟାଙ୍କ ଦେଇ ନଥିବା ଜଣାପଡ଼ିଥିଲା। ଏହାପରେ ବ୍ୟାଙ୍କକୁ ଏକ କାରଣ ଦର୍ଶାଅ ନୋଟିସ୍ ପଠାଯାଇଥିଲା। ବ୍ୟାଙ୍କ ଦେଇଥିବା ଉତ୍ତର ସନ୍ତୋଷଜନକ ନଥିବାରୁ ଜରିମାନା ଲଗାଇବାକୁ ରିଜର୍ଭ ବ୍ୟାଙ୍କ ନିଷ୍ପତ୍ତି ନେଇଥିଲା।

## ବ୍ୟାଙ୍କ ଅଫ୍ ବରୋଦାର 'ବିଓବି କେ ସଙ୍ଗ୍ ତ୍ୟୋହାର୍ କି ଉମଙ୍ଗ'

ଭୁବନେଶ୍ୱର, ୧୭।୧୦: ପାର୍ବଣକୁ ସ୍ୱତନ୍ତ୍ର କରିବା ପାଇଁ ବ୍ୟାଙ୍କ ଅଫ୍ ବରୋଦା ଏହାର ବାର୍ଷିକ ଉତ୍ସବ ଅଭିଯାନ 'ବିଓବି କେ ସଙ୍ଗ୍ ତ୍ୟୋହାର କି ଉମଙ୍ଗ-ଶୁଭ ଭି, ଲାଭ ଭି' ଆରମ୍ଭ କରିଛି।

ଗୃହ ଋଣ ବର୍ତ୍ତମାନ ଅଫର ଅନୁଯାୟୀ ଶୂନ୍ୟ ପ୍ରକ୍ରିୟାକରଣ ଶୁଳ୍କ ସହିତ ୭.୪୫% ବାର୍ଷିକ ସୁଧରୁ ଆରମ୍ଭ ହେଉଛି। ସେହିପରି ନୂଆ ଯାନ କିଣିବା ପାଇଁ ଅଫର୍ ଆକାରରେ ଗାଡ଼ିର ଅନ୍‌ରୋଡ୍ ମୂଲ୍ୟର ୯୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ଏବଂ ଇଲେକ୍ଟ୍ରିକ୍ ଯାନ ପାଇଁ ୮ ବର୍ଷ ପର୍ଯ୍ୟନ୍ତ ପରିଶୋଧ ଅବଧି ବୃଦ୍ଧି କରାଯାଇଛି। ଏଥିସହିତ ବ୍ୟାଙ୍କ ଅଫ୍ ବରୋଦା ଇଲେକ୍ଟ୍ରିକ୍ ଯାନ ପାଇଁ ପ୍ରକ୍ରିୟାକରଣ ଶୁଳ୍କରେ ୫୦% ରିହାତି ପ୍ରଦାନ କରୁଛି। ଏଥିସହିତ ବ୍ୟାଙ୍କ ଅଫ୍ ବରୋଦା 'ବିଓବି ମାଷ୍ଟରଷ୍ଟ୍ରୋକ୍ ଲାଇଟ୍ ସଞ୍ଚୟ ଖାତା' ପ୍ରଚଳନ କରିଛି। ବ୍ୟବସାୟ ସଶକ୍ତୀକରଣ ପାଇଁ 'ବିଓବି ଡିଜି ଉଦ୍ୟମ' ମାଧ୍ୟମରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ୧୦ ଲକ୍ଷରୁ ୫୦ ଲକ୍ଷ ପର୍ଯ୍ୟନ୍ତ ବନ୍ଧକମୁକ୍ତ କାର୍ଯ୍ୟକାରୀ ପୁଞ୍ଜି ଋଣ ପାଇଁ ଆବେଦନ କରିପାରିବେ। ଏହାବ୍ୟତୀତ ବିଓବି ପ୍ରପର୍ଟି ପ୍ରାଇଡ୍ ସମ୍ପତ୍ତି ବନ୍ଧକ ବଦଳରେ ଏକ ଓଭରଡ୍ରାଫ୍ଟ ସୁବିଧା ପ୍ରଦାନ କରୁଛି, ଯାହା କମ୍ ମାର୍ଜିନ ଓ ବିକଳ୍ପ ସର୍ତ୍ତାବଳି ସହ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରୁଛି। ଏସବୁ ଯୋଜନା ଗ୍ରାହକଙ୍କ ଦୀର୍ଘଦିନର ଅଭିଳାଷକୁ ପୂରଣ କରିବ ବୋଲି ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ମହାପ୍ରବନ୍ଧକ ଶୈଳେନ୍ଦ୍ର ସିଂହ କହିଛନ୍ତି।

बैंक ऑफ़ बड़ौदा Bank of Baroda

## ସୁନାର ବ୍ୟାପକ ଚୋରା ଚାଲାଣ

ନୂଆଦିଲ୍ଲୀ, ୧୭।୧୦: ସୁନା ଦର ଆକାଶଛୁଆଁ ସ୍ତରକୁ ବୃଦ୍ଧି ପାଇବା ପରେ ଏହାର ବ୍ୟାପକ ଚୋରା ଚାଲାଣ ହେଉଛି। ଦେଶର ବିଭିନ୍ନ ବିମାନବନ୍ଦରରେ ଚାଲାଣ ହୋଇ ଆସିଥିବା ସୁନାକୁ ସୀମା ଶୁଳ୍କ ଓ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଅଧିକାରୀମାନେ ଧରୁଛନ୍ତି। ଗତ କିଛି ଦିନ ଭିତରେ ଏଭଳି ମାମଲା ସଂଖ୍ୟା ବହୁତ ବଢ଼ିଛି। ଗତବର୍ଷ କେନ୍ଦ୍ର ସରକାର ସୁନାର ସୀମା ଶୁଳ୍କକୁ ୧୫ ପ୍ରତିଶତରୁ ୬ ପ୍ରତିଶତକୁ ହ୍ରାସ କରିବା ପରେ ଚୋରା ଚାଲାଣ ହ୍ରାସ ପାଇଥିଲା। କିନ୍ତୁ ଦର ବଢ଼ିବା ପରେ ସେହି ଧାରା ପୁଣି ଥରେ ଆରମ୍ଭ ହୋଇଯାଇଛି। ବୁଲିଅନ ଡିଲରମାନଙ୍କ ମତରେ ଉତ୍ସବ ଋତୁ ପାଇଁ ସୁନାର ଚାହିଦା ବେଶ୍ ବଢ଼ିଯାଇଛି। ଚାହିଦା ମୁତାବକ ସୁନା କିନ୍ତୁ ଯୋଗାଇ ହେଉନାହିଁ। ଏଭଳି ସ୍ଥିତିରେ ଭାରତକୁ ସୁନା ଆଣି ତାହାକୁ ନଗଦରେ ପରିଣତ କରିବା ଲାଗି ବହୁ ସମୟ ଲାଗିବ। କିନ୍ତୁ ଚୋରା ଚାଲାଣକାରୀମାନେ ଅଳ୍ପ ସମୟରେ ସେହି କାମ କରିଦେଉଛନ୍ତି। ଚଳିତ ମାସରେ ଧନତେରସ୍ ଓ ଦୀପାବଳି ଉତ୍ସବ ପଡ଼ୁଛି। ଏହି ସମୟରେ ଦେଶବ୍ୟାପୀ ଲୋକମାନେ ସୁନା କିଣିଥାନ୍ତି। ବର୍ତ୍ତମାନ ସମୟରେ ୧୦ ଗ୍ରାମ ସୁନାର ଦାମ ୧,୨୮,୩୯୫ ଟଙ୍କା ରହିଛି। ୨୦୨୫ରେ ଦାମ ୬୭ ପ୍ରତିଶତ ବଢ଼ିଛି।

### ୬ ବର୍ଷ ହେଲା ମେସ୍କୋ କାରଖାନା ବନ୍ଦ

## ୨୦୦ ବିସ୍ଥାପିତ ପରିବାରର ଚୂଲି ଜଳୁନି



**କଳିଙ୍ଗନଗର,୧୭।୧୦(ସଂଚାର ବ୍ୟୁରୋ):** ବିଶ୍ୱ ମାନଚିତ୍ରରେ ଷ୍ଟିଲ ହବ ଭାବେ ପରିଚୟ ଲାଭ କରିଥିବା ଯାଜପୁର ଜିଲ୍ଲା କଳିଙ୍ଗନଗର ରେ ପ୍ରଥମେ କାରଖାନା ମେସ୍କୋ ଇସ୍ପାତ ଦୀର୍ଘ ଛଅ ବର୍ଷ ହେବ ବନ୍ଦ ହୋଇ ପଡ଼ିରହିଛି। ସ୍ଥାନୀୟ ୨୦୦ ପରିବାର ସୁନାଫସଲ ହେଉଥିବା ଚାଷ ଜମି ଓ ଭିଟାମାଟି ବିନା ପ୍ରତିବାଦରେ ସମୁଦାୟ ୫୭୦ ଏକର ଜାଗା କାରଖାନା ପାଇଁ ଦେଇଥିଲେ। ରାଜ୍ୟ ସରକାର ମଧ୍ୟ ଜମି, ନିକଟରେ ଥିବା ନଦୀ ରୁ ପାଣି, ଖଣି, ବିଦ୍ୟୁତ, ରେଲୱେ ଲାଇନ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଇଥିଲେ। ଉତ୍ପାଦନ ଭଲ ହେଉଥିବା ବେଳେ କାରଖାନା କର୍ତ୍ତୃପକ୍ଷ ନିଜର ସ୍ୱାର୍ଥପର ମନୋଭାବ, ଜିଦ ଓ ମନମୁଖୀ ଭାବରେ କାରଖାନା କୁ ଦୀର୍ଘ ୭୦ ମାସ ହେବ ଉତ୍ପାଦନ ବନ୍ଦ କରି ଦେଇଛନ୍ତି। ସବୁ ସୁବିଧା ପାଇ ସୁଦ୍ଧା କଳିଙ୍ଗନଗର ପ୍ରଥମ ଇସ୍ପାତ କାରଖାନା ମେସ୍କୋ ଷ୍ଟିଲ ବନ୍ଦ ଯୋଗୁଁ ଆଜି ୨୦୦ ପରିବାର ଲୋକଙ୍କ ଘରେ ଚୁଲି ଜଳୁନାହିଁ। ଓଳିଏ ଖାଇଲେ ଆର ଓଳିକି ଉପାସ, ଦୀର୍ଘ ଛଅ ବର୍ଷ ହେଲା ପରେ ବର୍ତ୍ତମାନ ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ବହୁତ ଥର ଦେଖାକରି। ଜନ ଶୁଣାଣି ରେ ଲିଖିତ ଅଭିଯୋଗ ଜଣାଇ, ପଦଯାତ୍ରା କରି, ଜିଲ୍ଲା ପ୍ରଶାସନ ଙ୍କ ସହ ବାରମ୍ବାର ଚୁକ୍ତିନାମା କରି କାରଖାନା ଚାଲୁହେଲା ନାହିଁ। ଜିଲ୍ଲା ପ୍ରଶାସନ ମେସ୍କୋ କର୍ତ୍ତୃପକ୍ଷ ଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ମୁହଁ ବନ୍ଦ କରି ଚୁପ ବସିରହି ଖାଲି ମିଛ ପ୍ରତିଶ୍ରୁତି ଦେଉଛନ୍ତି।

### କୋକସରା ବିଦେଶୀ ମଦ ଦୋକାନରେ ମନଇଚ୍ଛା ଦର

## ପ୍ରତିବାଦ କଲେ ଦୁର୍ବ୍ୟବହାର କରୁଛନ୍ତି କର୍ମଚାରୀ

**କଳାହାଣ୍ଡି, ୧୭।୧୦(ସଂଚାର ବ୍ୟୁରୋ):** କୋକସରା ବ୍ଲକ ଚିଲିଗୁଡା ଗାଁ ନିକଟରେ ଥିବା ଠିପି ବନ୍ଦ ମଦ ଦୋକାନରେ ଅବକାରୀ ନିୟମର ଖୋଲାଖୋଲି ଉଲଂଘନ ହେଉଛି। ଦୋକାନରେ ମନଇଚ୍ଛା ଦର କସୁଥିବାବେଳେ ପ୍ରତିବାଦ କଲେ ଗ୍ରାହକଙ୍କୁ ମଦ ଦୋକାନର କର୍ମଚାରୀ ମାନେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହା ଏକ ଠିପି ବନ୍ଦ ମଦ ଦୋକାନ ହୋଇଥିବାବେଳେ ଠିପି ଖୋଲା କାରବାର କରିବା ସହିତ ଗାଁ ଗାଁ କୁ ମଦ ନେଇ କୁଚିଆ କାରବାର ଚଲାଇ ଆସୁଛନ୍ତି। ଚଢା ଦରରେ





ମଦ ବିକ୍ରୀକୁ ବିରୋଧ କଲେ 'ଓଡ଼ିଶା ମେ ମେରା କୋନ୍ କ୍ୟା କରେଗା ଦେଖଲୁଙ୍ଗା' ଶୁଣିବାକୁ ମିଳୁଥିବା ଗ୍ରାହକ ଅଭିଯୋଗ କରନ୍ତି। ମଦ ଦର ମଧ୍ୟ ଆବଶ୍ୟକତା ଠାରୁ ଅଧିକ ନେଉଥିବା ଅଭିଯୋଗ ହୋଇଛି। କେହି ଯଦି ପାଟି ଫିଟେଇଲା ଦୋକାନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ତାକୁ ଭୟଭୀତ କରୁଛନ୍ତି। ବିଲ ମାଗିଲେ ମଧ୍ୟ ବିଲ ଦେଉ ନାହାନ୍ତି। ନିୟମ ଅନୁଯାୟୀ ମଦ ଦୋକାନ ଆଗରେ ମଦ ସମେତ ମାଲିକ ନାମ ଓ ଲାଇସେନ୍ସ ଫଳକ ଟାଙ୍ଗିବା କଥା। ସେ ସବୁ ମଧ୍ୟ ଏହି ମଦ ଦୋକାନ ଆଗରେ ରହୁନାହିଁ। ଏମିତି କି ସହର ଠାରୁ ଗାଁ ସବୁଠି ଛତୁ ଫୁଟିଲା ଭଳି ଠିପି ଖୋଲା ବିଦେଶୀ ମଦ କାରବାର ଚାଲିଛି। ଯାହା ଏହି ମଦ ଦୋକାନର କର୍ମଚାରୀ ମାନେ ଦିନ ଦ୍ୱିପହରରେ ବାଇକ୍ ଯୋଗେ ଗାଁ ଗାଁ କୁ ନେଇ କୁଚିଆ ମଦ ବେପାରୀ ମାନଙ୍କୁ ମଦ ଯୋଗାଇ ଆସୁଛନ୍ତି। ପୋଲିସ ଓ ଅବକାରୀ ବିଭାଗ ଏ ସବୁ ବିଷୟରେ ଜାଣିଥିଲେ ମଧ୍ୟ ଅଜ୍ଞ ହୋଇ ରହୁଛନ୍ତି। ନାମକୁ ମାତ୍ର ଅବକାରୀ ବିଭାଗ କିଛି ଛୋଟ ଛୋଟ ଦେଶୀ ମଦ ରାନ୍ଧୁଥିବା ଲୋକଙ୍କୁ ଧର ପଗଡ଼ କରୁଥିବାବେଳେ ଦୈନନ୍ଦିନ ବିଦେଶୀ ମଦ ଚାଲାଣ କରୁଥିବା ବିଦେଶୀ ମଦ ଦୋକାନର କର୍ମଚାରୀ ମାନଙ୍କୁ ଧରିବାରେ ସାହସ ଜୁଟାଇ ପାରୁ ନାହାଁନ୍ତି।

## ଅବସରପ୍ରାପ୍ତ ଫାର୍ମାସିଷ୍ଟଙ୍କ ପରଲୋକ

**ରିଷିଡ଼ା,୧୭।୧୦(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତର ବଡ଼ ତୁଙ୍ଗରୀଗୁଡାର ଅବସର ପ୍ରାପ୍ତ ଫାର୍ମାସିଷ୍ଟ ହମିଦ୍ ବେହେରାଙ୍କ ପରଲୋକ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କର ମତ୍ୟୁ ହୋଇଥିଲା। ମୃତ୍ୟୁ ବେଳକୁ ୭୫ ବର୍ଷ ହେଉଥିଲା ଶୁକ୍ରବାର ତାଙ୍କ ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଦାହ କରାଯାଇଥିଲା। ଏକମାତ୍ର ପୁତ୍ର ସମବାୟ ବ୍ୟାଙ୍କ ପ୍ରବନ୍ଧକ (କାହ୍ନା) ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ବେହେରା ରିଷିଡ଼ା ଡ଼ାକ୍ତରଖାନାରେ ଫାର୍ମାସିଷ୍ଟ ଭାବେ ଯୋଗଦେବା ପରଠୁ ଅଞ୍ଚଳର ଜଣେ ଲୋକପ୍ରିୟ ଚିକିତ୍ସକ ଭାବେ ସୁନାମ ଅର୍ଜନ କରିଥିଲେ ।

## ତମାଖୁମୁକ୍ତ ଅଭିଯାନ ୩.୦ର ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ



**ବାରିପଦା,୧୭।୧୦(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମଗ୍ର ବିଶ୍ୱରେ ଏକ ଚିନ୍ତାର କାରଣ ହୋଇଥିବା ବେଳେ ସାରା ରାଜ୍ୟରେ ବର୍ତ୍ତମାନ ଯୁବସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସ୍ୱାସ୍ଥ୍ୟ ଉପବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ତମାଖୁ ମୁକ୍ତ ଅଭିଯାନ ୩.୦ ପ୍ରଗତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇଥିବା ଏବଂ ଆଗକୁ ହେବାକୁ ଥିବା ଏହି ସଚେତନତା ଅଭିଯାନର ସମସ୍ତ ପଦକ୍ଷେପ ବିଷୟରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବାଷ ଚନ୍ଦ୍ର ନାୟକ ତମାଖୁ ଜାତୀୟ ଦ୍ରବ୍ୟର ବ୍ୟବହାର କମ କରିବା ପାଇଁ ଜିଲ୍ଲାରେ ହୋଇଥିବା ତମାଖୁ ବର୍ଜନ ସଚେତନତା ଅଭିଯାନ ବିଷୟରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ବିବରଣୀ ଅନୁସାରେ ୨୦୨୫-୨୬ରେ ୦୯ଟି ସ୍କ୍ୱାର୍ଡ ଜିଲ୍ଲାରେ କାର୍ଯ୍ୟକାରୀ ହୋଇ ସମୁଦାୟ ୨୦, ୮୦୦/- ଟଙ୍କା ଫାଇନ ଆଦାୟ ହୋଇଛି। ବିଭିନ୍ନ ସ୍ଥାନ ଯଥା, ସ୍କୁଲ, କଲେଜ, ସର୍ବସାଧାରଣ ସ୍ଥାନ, ପ୍ରତିଟି ପଞ୍ଚାୟତ ସମେତ ବର୍ତ୍ତମାନ ସୁଦ୍ଧା ୧୦ଟି ବ୍ଲକର ୧୧୭ ଜଣ ସରପଞ୍ଚଙ୍କୁ ଏହି ପ୍ରଶିକ୍ଷଣପ୍ରଦାନ କରାଯାଇଛି ଏବଂ ଆଗକୁ ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲୁ ରହିବ।

## ଜଙ୍ଗଲ ଅଧିକାର, ଜୀବନଜୀବିକା

**ଦାରିଙ୍ଗବାଡ଼ି,୧୭।୧୦(ସଂଚାର ବ୍ୟୋରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍ ଜାଗୃତି ସଭାଗୃହ ପରିସର ମଧ୍ୟରେ ଜଙ୍ଗଲ ଅଧିକାର, ଜୀବନଜୀବିକା ଓ ସୁଶାସନ ପ୍ରକଳ୍ପ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଜାଗୃତିର ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ତହସିଲଦାର ଧୀରୋଜ ପାତ୍ର ଯୋଗଦେଇ ଗୋଷ୍ଠୀଗତ ଜଙ୍ଗଲର ସୁରକ୍ଷା ଓ ଅଧିକାର ଜଙ୍ଗଲ ଜାତୀୟ ସମ୍ପଦକୁ ସୁରକ୍ଷା ଦେବାସହ ଉଚିତ ଦରରେ ବିକ୍ରି କରି କିଭଳ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଲୋକମାନଙ୍କୁ କହିଥିଲେ। ଏସମ୍ପର୍କରେ ୨ ଦିନିଆ କର୍ମଶାଳାରେ ଉପସ୍ଥିତ ବିଭିନ୍ନ ଗ୍ରାମରୁ ଆସିଥିବା ଗ୍ରାମବାସୀ ଶିଖିଲେ। ସେହିପରି ପ୍ରକ୍ରିୟାକରଣ, ମୂଲ୍ୟ ବୃଦ୍ଧି ଏବଂ ବଜାରରେ ପ୍ରବେଶ ମାଧ୍ୟମରେ ସାମାଜିକ-ଅର୍ଥନୈତିକକୁ ସୁଦୃଢ଼ କରିବା ଏବଂ ଭଲ ମୂଲ୍ୟରେ ବିକ୍ରୟ କରିବା ପାଇଁ ସମ୍ପ୍ରଦାୟ ବନ ସମ୍ପଦ ପରିଚାଳନା କମିଟିକୁ ତହସିଲଦାର ପ୍ରଶଂସା ଏବଂ ଉତ୍ସାହିତ କରିଥିଲେ। ଗୋଷ୍ଠୀ ଜଙ୍ଗଲକୁ କିଭଳି ଭାବେ ପରିଚାଳନା କରାଯିବ ଜଙ୍ଗଲରୁ କ'ଣ ସବୁ ଅମଳ ହେଉଛି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୧୭।୧୦(ସଂଚାର ବ୍ୟୋରୋ):** ଆଜିର ଦିନରେ ପାଠ ସହିତ ସାଠର ଆବଶ୍ୟକତା ବହୁତ ବେଶି। କୁନି କୁନି ଶିଶୁ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ସନ୍ଧାନ ଓ ତାହାର ବିକାଶ ଦିଗରେ ଶିଶୁ ମହୋତ୍ସବ ସୁରଭି ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।ଏହାରି ମାଧ୍ୟମରେ କୋମଳମତି ଛାତ୍ରଛାତ୍ରୀମାନେ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ସହିତ ମଞ୍ଚରେ ନିଜର କଳା, ସଂସ୍କୃତି ଓ ପରମ୍ପରାକୁ ଉପସ୍ଥାପନା କରିବାର ସୁଯୋଗ ପାଇପାରୁଛନ୍ତି ବୋଲି କହିଛନ୍ତି ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଋଷିଆ ମେହେର। ଆଜି



ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର କ୍ଲଷ୍ଟର ଅନ୍ତର୍ଗତ ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମେହେର ଏହା କହିଛନ୍ତି। ଗୋବର୍ଦ୍ଧନପୁର କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବରେ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳଦେବ ମୁଣ୍ଡ, , ସମ୍ମାନିତ ଅତିଥି ଭାବେ ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, କଦମ୍ବଗୁଡ଼ା ସରପଞ୍ଚ ସନ୍ତୋଷ ମାଝୀ, କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ କୁମାର ସାହୁ, ମନୋଜ ସାହୁ, ଦୁଃଖିଶ୍ୟାମ ବାରିକ, ପ୍ରକାଶ ପ୍ରଧାନ, ସାମ୍ବାଦିକ ସୁଶୀଲ କୁମାର ବାଗ, ନୀଲେଶ କୁମାର ନାଗ, ଗୋପାଳଦାସ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

### ଓମ୍ବାଡସୀର ନିରୀକ୍ଷଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ସମୀକ୍ଷା ବୈଠକ

## ନିରୀକ୍ଷଣ କର୍ତ୍ତୃପକ୍ଷଙ୍କ ପାଞ୍ଚ ଦିନିଆ ସୁନ୍ଦରଗଡ଼ ଗସ୍ତ

**ସୁନ୍ଦରଗଡ଼,୧୭।୧୦ (ସଂଚାର ବ୍ୟୁରୋ):** ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ନିଗମ ବା ଓମ୍ବାଡସିର ନିରୀକ୍ଷଣ କର୍ତ୍ତୃପକ୍ଷ ତଥା ସୁପ୍ରିମ କୋର୍ଟ ପୂର୍ବତନ ବିଚାରପତି ଜଷ୍ଟିସ ଶ୍ରୀ ଏ. କେ. ପଟ୍ଟନାୟକ ପାଞ୍ଚ ଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ସେ ଜିଲ୍ଲାରେ ଓମ୍ବାଡସି ଅର୍ଥ ବ୍ୟୟରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଆଦି ବୁଲି ଦେଖିବା ସହିତ ହିତାଧିକାରୀ ତଥା ସ୍ଥାନୀୟ ଜନସାଧାରଣଙ୍କ ସହିତ ପ୍ରକଳ୍ପ ଉପରେ ଆଲୋଚନା ମଧ୍ୟ କରିଥିଲେ। ଏହି ଅବସରରେ ଶୁକ୍ରବାର ସ୍ଥାନୀୟ ସଦଭାବନା ଭବନ ଠାରେ ଜଷ୍ଟିସ ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ବୈଠକରେ ଓମ୍ବାଡସି ଦ୍ୱାରା କରାଯାଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଶିକ୍ଷା ଓ ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ଓ ସମନ୍ୱିତ ଶିଶୁ



ବିକାଶ ଯୋଜନା, ଜୀବିକା କ୍ଷେତ୍ରରେ ପ୍ରୋତ୍ସାହନ, ଗ୍ରାମୀଣ ସଂଯୋଗିକରଣ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ମୃତ୍ତିକା ଓ ଆଦ୍ରତାର ସଂରକ୍ଷଣ ମାଧ୍ୟମରେ ଜଳ ସଂରକ୍ଷଣ ଆଦି ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଉପରେ ସମୀକ୍ଷା କରା ଯାଇଥିଲା। ଏହି ଅବସରରେ ଜଷ୍ଟିସ ଶ୍ରୀ ପଟ୍ଟନାୟକ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ବିକାଶ ଆଦି କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତ୍ତନ ହେଉଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ଜୀବିକା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଆହୁରି ଅଧିକ ପ୍ରୟାସ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହି ବୈଠକରେ ଓମ୍ବାଡସୀର ରାଜ୍ୟ କାର୍ଯ୍ୟାଳୟର ସାଧାରଣ ପ୍ରବନ୍ଧକ ଜୟନ୍ତ ଦାସ, ଟିମ ଲିଡର ଅମ୍ବୁଜ ପ୍ରସାଦ, ଜୀବିକା ବିଶେଷଜ୍ଞ ଜଗନ୍ନାଥ ମିଶ୍ର , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ସୁଷମା ବିଲୁଙ୍ଗ,ଇଂ. ୱାସିମ ଅହମଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ଲକ୍ଷାଧିକ ଟଙ୍କା ହଡପ ଅଭିଯୋଗ: ଥାନାରେ ଏତଲା

**ବାଲିଆପାଳ,୧୭।୧୦ (ସଂଚାର ବ୍ୟୁରୋ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଉପରେ ଭରସା କରିପାରୁନାହାନ୍ତି ଗରିବ ଜନସାଧାରଣ। ବ୍ୟାଙ୍କ ନିଜର ବ୍ୟବସାୟକୁ







ବଢାଇବା ପାଇଁ ପଞ୍ଚାୟତ ମାନଙ୍କରେ ଶାଖା ଖୋଲି ସମାଜର ଅସାଧୁ ବ୍ୟକ୍ତି ହାତରେ କ୍ଷମତା ଦେଇ ଗରିବ ଲୋକଙ୍କ ଧନ ଜୀବନ ସହ ଖେଳ ଖେଳିବା ଘଟଣା ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଜଣେ ବ୍ୟକ୍ତି ବାଲିଆପାଳରୁ ବମ୍ବେ ଯାଇ ସେଠାରେ ଲୋକଙ୍କ ଅର୍ଥ ହେରଫେର କରି ଜେଲରେ ଥିବାବେଳେ ଏଭଳି ବ୍ୟକ୍ତିଙ୍କୁ କିଭଳି ଷ୍ଟେଟ ବ୍ୟାଙ୍କର ଶାଖା ଖୋଲିବାର ଦାୟିତ୍ୱ ମିଳିଲା ତାକୁ ନେଇ ବ୍ୟାଙ୍କର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ସେହିପରି ଗରିବ ଆଦିବାସୀ ଓ ଦୀନମଜୁରିଆଙ୍କ ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରିଥିବା ବ୍ୟକ୍ତିଙ୍କର ଶାଖା ପରିଚାଳକ ଦାୟିତ୍ୱ ବ୍ୟାଙ୍କ କାଢିନେଇ ଅନ୍ୟଙ୍କୁ ଦେବା ପଛରେ ରହସ୍ୟ କ, ଣ ତାକୁ ନେଇ ଜନସାଧାରଣରେ ଅନେକ କଥା ଶୁଣିବାକୁ ମିଳୁଛି ସୂଚନାରୁ ପ୍ରକାଶ ଦେଉଳା ପଞ୍ଚାୟତ ଅଫିସ୍ ସମ୍ମୁଖରେ ରହିଛି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା। ଏହି ଶାଖାରେ କାର୍ଯ୍ୟରତ ଥିବା ଦେଉଳା ଗ୍ରାମର ରଞ୍ଜନ ରଣା ଏକ ଶାଖା ଖୋଲି ଗ୍ରାମର ରେଲୱେ ପାଇଁ ଯାଗା ହରାଇଥିବା ଆଦିବାସୀ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ପ୍ରଧାନମନ୍ତ୍ରୀ ପେନସନ ଯୋଜନାରେ ଜମା ନେଇ ମାସକୁ ଲକ୍ଷେ ଟଙ୍କାରେ ଦୁଇହଜାର ଟଙ୍କା ପେନସନ ଆକାରରେ ମିଳିବାର ପ୍ରତିଶ୍ରୁତି ଦେଇଥିଲେ।

## ଜିଲ୍ଲାସ୍ତରୀୟ କଳା ଉତ୍ସବ

**ସୁବର୍ଣ୍ଣପୁର,୧୭।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ କଳା ଉତ୍ସବ ସ୍ଥାନୀୟ ମହାରାଜା ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୂଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ଼ଃ ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର କାର୍ଯ୍ୟକ୍ରମ କୁ ସଭାପତିତ୍ୱ କରିଥିଲେ। ବିଇଓ ଅଜୟ କୁମାର ଲୁହା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଚିତ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମ ରେ ମୋଟ ୧୨ଗୋଟି ବିଭାଗ ରେ ୧୧୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ



କରିଥିଲେ। ଛାତ୍ରଛାତ୍ରୀ ମଧ୍ୟରେ ସଙ୍ଗୀତ, ବାଦ୍ୟ ଯନ୍ତ୍ର, ଅଭିନୟ, ଚିତ୍ରକଳା, ଗଳ୍ପ କଥନ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ, ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୂଖ୍ୟ ଅତିଥି ଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ମାନସ ରଞ୍ଜନ ସେଠ, ସ୍ୱାଗତ ଭାଷଣ କରିଥିଲେ ସ୍ମିତା ମିଶ୍ର, ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ମହାରାଜା ହାଇସ୍କୁଲ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଶିଷ ରଥ, ସହଯୋଗ କରିଥିଲେ। ହୃଷିକେଶ ଚାନ୍ଦ ଓ ହିତେ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ।

## ସାନ କାଉଡ଼ିଠାରେ ସୁରଭି କାର୍ଯ୍ୟକ୍ରମ

**ଜୟପୁର,୧୭।୧୦(ସଂଚାର ବ୍ୟୁରୋ):** ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ଅଧିନସ୍ଥ ରଣ୍ଡାପାଲି କେନ୍ଦ୍ର ର ସାନ କାଉଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଶ୍ରୀ ଭାଗିରଥି ବାରିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ରଣ୍ଡାପାଲି ଙ୍କ ଆହ୍ୱାନ କ୍ରମେ ରଣ୍ଡାପାଲି ଗୋଷ୍ଠୀ ସାଧନ କେନ୍ଦ୍ରର ୧୯ ଗୋଟି ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ଉକ୍ତ ସୁରଭି କାର୍ଯ୍ୟକ୍ରମ ରେ ଯୋଗଦାନ କରିବା ସହିତ ବିଭିନ୍ନ ପ୍ରତି ଯୋଗିତା ରେ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚନ୍ଦନ କୁମାର ନାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମନାଥ ଗାଦବା, ସର୍ବେଶ୍ୱର ପଟନାୟକ, ମହେଶ୍ୱର ମୀଶ୍ର, କିରଣ ମହାରଣା ମଞ୍ଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ. କୃତି ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା, ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଆରଡିସିଙ୍କ ଗୁପ୍ତେଶ୍ୱର ଗସ୍ତ

**ଜୟପୁର,୧୭।୧୦(ସଂଚାର ବ୍ୟୋରୋ):** ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଗସ୍ତ। ଆଜି ଦକ୍ଷିଣଅଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ଗୁପ୍ତେଶ୍ୱର ଶୈବପୀଠ ପରିଦର୍ଶନ କରିଛନ୍ତି। ଗୁପ୍ତେଶ୍ୱର ର ଚାଲିଥିବା ଉର୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ତିନି ବର୍ଷ ହେବ କାର୍ଯ୍ୟ ସରୁ ନଥିବାରୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ମନ୍ଦିର ଚାରିପାଖ ସ୍ୱଚ୍ଛତା କୁ ନେଇ ଗୁରତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗସ୍ତ ସମୟରେ ଜୟପୁର ଉପଜିଲ୍ଲାପାଳ, ବୈପାରୀଗୁଡା ତହସିଲଦାର, ବୈପାରୀଗୁଡା ବ୍ଲକ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ପୁରୁଣିଆରୁ ୫୦ ବସ୍ତା ବିସ୍ଫୋରକ ଜବତ

**ବୈଶିଙ୍ଗା,୧୭।୧୦ (ସଂଚାର ବ୍ୟୁରୋ):** ଦୀପାବଳୀ ଯେତିକି ପାଖେଇ ଆସୁଛି ସେତିକି ପରିମାଣରେ ବେଆଇନ ବାଣ ବେପାରୀ ଙ୍କ ଘରେ





ପୋଲିସ ଚଢାଉ କରି ଲକ୍ଷ ଲକ୍ଷ ଟଙ୍କାର ତିଆରି ବାଣ ଜବତ କରି ଥାନାକୁ ନେଇ ଆସୁଥିବା ଜଣାଯାଇଛି। ବୁଧବାର ପଦ୍ମନାଭପୁର ଗ୍ରାମର ସମୀର ପଣ୍ଡାଙ୍କ ଭଡ଼ା ଘରୁ ୧୦୭ ବସ୍ତା ବିସ୍ଫୋରକ କଞ୍ଚାମାଲ ଜବତ ହୋଇଥିବା ବେଳେ ଆଜି ଶୁକ୍ରବାର ପୁରୁଣିଆ ଗ୍ରାମର ବୈଦ୍ୟନାଥ ଧଳ ଙ୍କ ଘରୁ ୫୦ ବସ୍ତା ତିଆରି ବାଣ ଜବତ କରାଯାଇଥିବା ଜଣାଯାଇଛି। ଏସ ଡି ପି ଓ ମିନତୀ ବିଶ୍ୱାଳ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁରୁଣିଆ ଗ୍ରାମର ବୈଦ୍ୟନାଥ ଧଳ ଙ୍କ ଘର ଉପରେ ଚଢ଼ଉ କରି ବିପୁଳ ପରିମାଣର ବିସ୍ଫୋରକ, ତିଆରି ବାଣ ସହିତ କିଛି ସରଞ୍ଜାମ ଜବତ କରିଥିବା ଜଣାଯାଇଛି। ସେହିଭଳି ସେଠାରେ ଥିବା ୫୦ ପେଟି ରୁ ଉର୍ଦ୍ଧ୍ୱ ସବୁଜ ବାଣ ସବୁ ଥାନାକୁ ଆଣି ବାଣର କ୍ରୟ ବିଲ୍ ଓ ଲାଇସେନ୍ସ ଆଦି ଥାନାରେ ଦେଖାଇ ନେଇ ଯାଇ ପାରନ୍ତି ବୋଲି ଶ୍ରୀମତୀ ବିଶ୍ୱାଳ ପ୍ରକାଶ କରିଥିଲେ। ତେବେ ନିଉଜ ଲେଖା ପର୍ଯ୍ୟନ୍ତ ସବୁଜ ବାଣ ବୈଶିଙ୍ଗା ଥାନା ପହଞ୍ଚିନଥିଲା। ଏହି ଭଳି ବାଛୁରୀପଡାରେ ଶହ ଶହ ବସ୍ତା ତିଆରି ବାଣ ରହିଥିବାର ଖବର ମିଳିଛି।

## ବିଡିଓଙ୍କ ବେକରେ ବିଜେପି ଗାମୁଛା ତାତିଲେ ସମିତି ସଭ୍ୟ



**ବୈଶିଙ୍ଗା,୧୭।୧୦ (ସଂଚାର ବ୍ୟୁରୋ):** ବିଡ଼ିଓ ଏବଂ ପଞ୍ଚାୟତ ସମିତି ସଭ୍ୟଙ୍କ କଥା କଟାକଟି ନେଇ ଘଟଣା ସବୁଆଡେ ଚହଳ ପକାଇଛି ଓ ଫଳକ ଉନ୍ମୋଚନକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଓ ଯାହାର ଏକ କଲ ରେକର୍ଡ଼ିଂ ଏ ମୋବାଇଲରୁ ସେ ମୋବାଇଲକୁ ଘୁରି ବୁଲୁଛି ଓ ଏଭଳି ଘଟଣା ଘଟିଛି ମୟୁରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ଓ ସୂଚନା ମୁତାବକ ଗତକାଲି ବେତନଟୀ ବ୍ଲକର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ପାଇଁ ସ୍ଥାନୀୟ ବିଧାୟକ ସନାତନ ବିଜୁଳି, ବେତନଟୀ ବ୍ଲକ ବିଡ଼ିଓ ସୁଶାନ୍ତ ସୁତାର, ଚେୟାରମ୍ୟାନ କୌଶଲ୍ୟା ମାଝୀଙ୍କ ସମେତ ବିଜେପି ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ଓ ସେହିପରି ବିଧାୟକ ଏବଂ ବିଡ଼ିଓ ଙ୍କ ଉପସ୍ଥିତିରେ ବେତନଟୀ ପଞ୍ଚାୟତର ଏକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା ଓ ଯାହାର ସୂଚନା ସେଠାକାର ସମିତି ସଭ୍ୟଙ୍କୁ ଦିଆଯାଇନଥିଲା ଓ ଏଥିରେ ସେ ବିଡ଼ିଓଙ୍କ ଉପରେ ନିଜର ଅସନ୍ତୋଷ ଝାଡ଼ିଥିଲେ ଓ ବିଡ଼ିଓ ବେକରେ କିପରି ବିଜେପି ଗାମୁଛା ପକାଇଥିଲେ ସେ ନେଇ ପ୍ରଶ୍ନ କରିଥିଲେ ଓ ତେବେ ବିଡ଼ିଓଙ୍କ ଏଭଳି ଆଚରଣ ଏବଂ ଫୋଟକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

## କଳିଙ୍ଗା ଘାଟି ବିକଳ୍ପ ରାସ୍ତା ପାଇଁ ଅନୁଧ୍ୟାନ ଆରମ୍ଭ

**ଭଞ୍ଜନଗର,୧୭।୧୦ (ସଂଚାର ବ୍ୟୁରୋ):** ଭୂସ୍ଖଳନରେ ଭୁଶୁଡ଼ି ପଡ଼ିଥିବା କଳିଙ୍ଗା ଘାଟି ରାସ୍ତା କାମ ମାସକ ପରେ ବି ସରିନାହିଁ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜନସାଧାରଣ ଆବଶ୍ୟକତାକୁ ଗୁରୁତର ଭାବେ ନ ନେବା ଯୋଗୁଁ କାମ ମନ୍ଥର ଗତିରେ ଚାଲିଛି। ଆସନ୍ତା ୨୫ ତାରିଖ ସୁଦ୍ଧା ଚାରିଚକିଆ ଏବଂ ଦୁଇ ଚକିଆ ଯାନକୁ ପରୀକ୍ଷାମୂଳକ ଭାବେ ଉକ୍ତ ରାସ୍ତାରେ ଚଲାଇବା ଲକ୍ଷ୍ୟରେ କାମ ଚାଲିଛି ବୋଲି ଜାତୀୟ ରାଜପଥ ବିଭାଗ ପକ୍ଷରୁ ଭଞ୍ଜନଗରରେ ହୋଇଥିବା ଏକ ସମୀକ୍ଷା ବୈଠକରେ ସୂଚନା ଦିଆଯାଇଛି। ଏଭଳି ସ୍ଥିତିରେ ଭବିଷ୍ୟତକୁ ଆଖି ଆଗରେ ରଖି ସେଠାରେ ପୂର୍ବରୁ ଥିବା ଆଉ ଏକ ଅସ୍ଥାୟୀ ରାସ୍ତାକୁ ସବୁଦିନିଆ ରାସ୍ତା ଭାବେ ଖୋଲିବା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ।

### ପିଏମ୍ ପୋଷଣ ପୋର୍ଟାଲରେ ମଧ୍ୟାହ୍ନଭୋଜନ ତଥ୍ୟ ପ୍ରଦାନରେ ବିଳମ୍ବ ପ୍ରସଙ୍ଗ

## ଧାର୍ଯ୍ୟ ସମୟ ପୂର୍ବରୁ ତଥ୍ୟ ଦେଇ ନ ଥିବା ପ୍ରାଥମିକ ବିଦ୍ୟାଳୟକୁ ଖସାଇଲା କିଏ ?

**ନାଉଗାଁ,୧୭।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ରହିଥିବା ୭୭ଟି ବିଦ୍ୟାଳୟ ମଧ୍ୟରୁ ସେପ୍ଟେମ୍ବର ୧୯ ତାରିଖ ତଥା ଶୁକ୍ରବାର ୧ଟା ୩୫ ସୁଦ୍ଧା ୩୧ଟି ବିଦ୍ୟାଳୟ ଓ ସେପ୍ଟେମ୍ବର ୨୦ ତଥା ଶନିବାର ୧୦ଟା ସୁଦ୍ଧା ୪୬ଟି ବିଦ୍ୟାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲରେ ମଧ୍ୟାହ୍ନଭୋଜନର ତଥ୍ୟ ପ୍ରଦାନ କରାଯାଇ ନଥିବା ପୋର୍ଟାଲ ଜଣାଯାଇଥିଲା। ଯାହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ତଦନ୍ତ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇଥିଲା। ଏହି ତଦନ୍ତରେ ୧୨ଟି ବିଦ୍ୟାଳୟ ଧାର୍ଯ୍ୟ ସମୟ ମଧ୍ୟରେ ପିଏମ୍ ପୋଷଣ ପୋର୍ଟାଲରେ ମଧ୍ୟାହ୍ନଭୋଜନ ତଥ୍ୟ ପ୍ରଦାନ କରି ନ ଥିବା ବ୍ଲକ ଶିକ୍ଷାଧିକାରୀ ଜାଣିବା ପରେ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କର ଅକ୍ଟୋବର ମାସର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ନଳାଙ୍ଗ ପ୍ରାଥମିକ ବିଦ୍ୟାଳୟ ସେପ୍ଟେମ୍ବର ୧୯ ତାରିଖ ୧ଟା ୩୫ ଓ ସେପ୍ଟେମ୍ବର ୨୦ ତାରିଖ ୧୦ଟା ସୁଦ୍ଧା ଧାର୍ଯ୍ୟ ସମୟ ମଧ୍ୟରେ ପୋର୍ଟାଲରେ ମଧ୍ୟାହ୍ନଭୋଜନ ତଥ୍ୟ ପ୍ରଦାନ କରି ନ ଥିବା ପୋର୍ଟାଲରୁ ଜଣାଯାଇଥିଲା। ହେଲେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ତଦନ୍ତରୁ କିପରି ଏହି ବିଦ୍ୟାଳୟ ବାଦ୍ ପଡ଼ିଲା ତାହା ତଦନ୍ତ ସାପେକ୍ଷ। ସୂଚନା ଥାଉକି ଅଗଷ୍ଟ ୩୦ ତାରିଖ ଶନିବାର ୧୧ଟା ହୋଇଥିଲେ ମଧ୍ୟ ନଳାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ମାତ୍ର ୩ଜଣ ପିଲା ଉପସ୍ଥିତ ଥିଲେ। ମାତ୍ର ପୋଷଣ ପୋର୍ଟାଲରେ ୩୨ଜଣ ପିଲାଙ୍କ ପାଇଁ ମଧ୍ୟହ୍ନଭୋଜନ ପ୍ରସ୍ତୁତ କରାଯାଇଥିବା ତଥ୍ୟ ପ୍ରଦାନ

SANCHAR
ସଂଚାର
ଶନିବାର ୧୮ ଅକ୍ଟୋବର ୨୦୨୫
ସ୍ୱାସ୍ଥ୍ୟ

# କ'ଣ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ



**ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ନ ଥିଲେ ଅତି ସହଜରେ ଭୂତାଣୁ ଆମକୁ ସଂକ୍ରମିତ କରିପାରେ। ବର୍ତ୍ତମାନ ସାରା ଦୁନିଆରେ କରୋନା ଭୂତାଣୁର ଦାଉ କାହାକୁ ବା ଅଜଣା। ଏଭଳି ସ୍ଥିତିରେ ବିଶେଷଜ୍ଞଙ୍କ ମତାନୁଯାୟୀ, ଯେଉଁମାନଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଭରପୂର ରହିଛି ସେମାନଙ୍କୁ କୌଣସି ଭୂତାଣୁ ସହଜରେ ସଂକ୍ରମିତ କରିପାରେ ନାହିଁ। ତେବେ ଏପରି କିଛି ଖାଦ୍ୟ ଅଛି, ଯାହାକୁ ଖାଇଲେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ସେଗୁଡ଼ିକ ହେଲା:**

**ଖଟା ଫଳ:** ସାଧାରଣତଃ ଡାକ୍ତର ରୋଗୀଙ୍କୁ ଖଟା ଫଳ ଖାଇବାକୁ ପରାମର୍ଶ ଦେଇଥାନ୍ତି। କାରଣ ଖଟା ଫଳରେ ଭିଟାମିନ-ସି ରହିଥାଏ। ଯେପରି କମଳା, ଅଙ୍ଗୁର, ଲେମ୍ବୁ ଆଦିରେ ଭିଟାମିନ-ସି ପ୍ରଚୁର ମାତ୍ରାରେ ରହିଥିବାରୁ ନିୟମିତ ଭାବେ ଏହି ସବୁ ଫଳ ଆମ ଖାଦ୍ୟରେ ସାମିଲ କରିବା ଉଚିତ୍

**ବ୍ରୋକଲି:** ବ୍ରୋକଲି ଖାଲି ଦେଖିବାକୁ ସୁନ୍ଦର ନୁହେଁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ ଉପକାରୀ। ଏଥିରେ ପ୍ରଚୁର ମାତ୍ରାରେ ଭିଟାମିନ୍- ଏ, ସି ଏବଂ ଇ ସମେତ ଭରପୂର ଆଟି ଅକ୍ସିଡେଟ ଏବଂ ଫାଇବର ମଧ୍ୟ ରହିଛି। ପନିପରିବା ମଧ୍ୟରେ ସବୁଠାରୁ ସ୍ୱାସ୍ଥ୍ୟପୋଯୋଗୀ ପରିବା ହେଉଛି ବ୍ରୋକଲି, ଯେଉଁଥିରେ ବହୁ ମାତ୍ରାରେ ପ୍ରୋଟିନ୍, କ୍ୟାଲସିୟମ୍, କାର୍ବୋହାଇଡ୍ରେଟ୍ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମହଜୁଦ ରହିଛି।

**ଅଦା:** ଅଦାରେ ଅନେକ ପ୍ରକାର ଆଟି ଭାଇରାଲ ଗୁଣବତା ରହିଛି। ଏଣୁ ନିୟମିତ ଭାବେ ଅଦାକୁ ନିଜ ଖାଦ୍ୟ ତଥା ପାନୀୟରେ ସାମିଲ କରିବା ଉଚିତ। ତେବେ ପାନମଧୁରୀ ବା ମହୁ ସହ ଏହା ମିଶାଇ ଖାଇଲେ ଅଧିକ ଫଳପ୍ରଦ ପରିଣାମ ମିଳିଥାଏ। ଦିନରେ ୪-୫ ଥର ଅଦା ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।

**ରସୁଣ:** ଅଦା ଭଳି ରସୁଣରେ ମଧ୍ୟ ପ୍ରଚୁର ମାତ୍ରାରେ ଆଟି ଭାଇରାଲ ଗୁଣବତା ରହିଛି। ଆପଣ ସୁପ୍, ସାଲାଡ୍ ଅଥବା ତରକାରୀରେ ଏହାକୁ ଖାଇପାରିବେ। ଏହାଛଡ଼ା ରସୁଣକୁ ଲୋକେ କଚା ଖାଇବା ମଧ୍ୟ ପସନ୍ଦ କରିଥାନ୍ତି। ତେବେ ଗୋଟିଏ ଚାମଚ ମହୁ ସାଙ୍ଗେ ରସୁଣ ମିଶାଇ ଖାଇଲେ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହା ସାହାଯ୍ୟ କରେ।

**ନାଲି କ୍ୟାପସିକମ୍:** ଖଟା ଫଳ ତୁଳନାରେ ନାଲି କ୍ୟାପସିକମରେ ଦୁଇଗୁଣା ଅଧିକ ଭିଟାମିନ୍-ସି ରହିଥାଏ। ଏଥିରେ ପ୍ରଚୁର ବେଟା କେରାଟିନ୍ ମଧ୍ୟ ରହିଛି, ଯାହା ଚକ୍ଷୁ ଜନିତ ସମସ୍ୟା ଦୂର କରିଥାଏ।

**ତୁଳସୀ:** ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସବୁଠାରୁ ଉପଯୋଗୀ ହେଉଛି ତୁଳସୀ। ପ୍ରତିଦିନ ସକାଳେ ତୁଳସୀ ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ୩-୪ଟି ଗୋଲମରିଚ, ଗୋଟିଏ ଚାମଚ ମହୁ ଏବଂ ତୁଳସୀ ନିୟମିତ ସେବନ କଲେ ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

# କାହିଁକି ହୋଇଥାଏ ଜିଭରେ କଳା ଦାଗ ?

**ଆମ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅନେକ ଜିନିଷ ଆମେ ଖାଇଥାଉ। ଆମ ସୁସ୍ଥ ଶରୀର ଗଠନ ସହିତ ପାଟି ସ୍ୱାଦ ଖାଦ୍ୟ ମଧ୍ୟ ଆମେ ଅନେକ ସମୟରେ ଖାଇବାକୁ ଚାହିଁଥାଉ। ଜିଭ କେବଳ ଭୋଜନର ସ୍ୱାଦ ବଢ଼ାଇ ନଥାଏ ବରଂ ଆମ ସ୍ୱାସ୍ଥ୍ୟ ବିଷୟରେ ବିଷୟରେ ମଧ୍ୟ ଜଣାଇ ଥାଏ। ଜିଭରେ ହେଉଥିବା ପରିବର୍ତ୍ତନ ଆପଣଙ୍କ ଶରୀରରେ ହେଉଥିବା ସମସ୍ୟାର ସଙ୍କେତ ଦେଇଥାଏ। ଯଦି ଆପଣଙ୍କ ଜିଭ ଅଧିକ କଳା ତେବେ ଜାଣନ୍ତୁ ଆପଣଙ୍କ ପାଚନ ତନ୍ତ୍ର ଠିକ୍ ନାହିଁ। ସେହିପରି ଜିଭ କଳା ହୋଇଥିଲେ ଜାଣନ୍ତୁ ଆପଣଙ୍କ ଶରୀରରେ ରକ୍ତ ପର୍ଯ୍ଯାପ୍ତ ପରିମାଣରେ ନାହିଁ। ତେବେ ଏହାକୁ ନେଇ ଭୟ କରିବାର ଆବଶ୍ଯକତା ନାହିଁ। କିଛି ଘରୋଇ ଉପାୟ ଆପଣେଇ ଏହି ସବୁ ସମସ୍ଯାରୁ ମୁକ୍ତି ପାଇପାରିବେ। ଆସନ୍ତୁ ଜାଣିବା ସେହି ସବୁ ଉପାୟ ବିଷୟରେ :**

ସପୁରୀ: ସପୁରୀ ଖାଇବାକୁ ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଲାଭଦାୟକ। ସପୁରୀରେ ବ୍ରୋମଲେନ୍ ଏଞ୍ଜାଇମ୍ ଥାଏ ଯାହା ଆପଣଙ୍କ ଜିଭରେ ଥିବା କଳା ଦାଗକୁ ଦୂର କରିଥାଏ। ଏହା ସହ ଜିଭର ଡେଡ୍ ସ୍କିନ୍ ସେଲ୍ସରୁ ମଧ୍ୟ ମୁକ୍ତି ଦେଇଥାଏ। କିଛି ଦିନ ଲଗାତାର ସପୁରୀ ଖାଇଲେ ଦେଖିବେ ଜିଭରେ ଥିବା କଳା ଦାଗ ଦୂର ହୋଇଯିବ।

ଅଦା: ଅଦାର ଛୋଟ ଖଣ୍ଡକୁ ନେଇ ଡାର୍କ ସ୍ପଟ୍ ଉପରେ କିଛି ସମୟ ପାଇଁ ଲଗାନ୍ତୁ। ଏପରି ନିୟମିତ କରନ୍ତୁ ଦେଖିବେ ଧୀରେ ଧୀରେ କଳା ଦାଗ ଦୂର ହୋଇଯିବ।

ଲିମ୍ବ : ଆଗ କାଳରେ ଲିମ୍ବକୁ ହିଁ ସବୁ ସମସ୍ଯାର ସମାଧାନ ବୋଲି କୁହାଯାଉଥିଲା। ସମସ୍ତେ ଜାଣନ୍ତି ବ୍ଯାକ୍ଟେରିୟାଲ୍ ଇନଫେକ୍ସନକୁ ଦୂର କରିବାର ପ୍ରାକୃତିକ ଉପାୟ ହେଉଛି ଲିମ୍ବ। ସେଥିପାଇଁ କିଛି ଲିମ୍ବ ପତ୍ରକୁ ପାଣିରେ ପକାଇ ଫୁଟାନ୍ତୁ। ପରେ ଏହି ପାଣିକୁ ଟିକେ ଥଣ୍ଡା ପରେ କୁଳି କରନ୍ତୁ।

ଘି କୁଆଁରୀ : ଘି କୁଆଁରୀକୁ ଅନେକ ରୋଗ ପାଇଁ ବ୍ଯବହାର କରାଯାଏ। ଏହା ସହ ତ୍ୱଚା ପାଇଁ ମଧ୍ୟ ଖୁବ୍ ଲାଭ ଦାୟକ ହୋଇଥାଏ। ଜିଭରୁ ଦାଗ ଦୂର କରିବା ପାଇଁ ଘି କୁଆଁରୀ ଜେଲକୁ ସ୍ପଟରେ ଲଗାନ୍ତୁ କିମ୍ବା ଘି କୁଆଁରୀ ଜୁସ୍ ପିଅନ୍ତୁ।

ଡାଳଚିନି ଏବଂ ଲବଙ୍ଗ : ଘରେ ବ୍ଯବହାର କରାଯାଉଥିବା ଡାଳଚିନି ଆଉ ଲବଙ୍ଗ ଖୁବ୍ ଲାଭଦାୟକ। କିଛି ଡାଳଚିନି ଏବଂ ଲବଙ୍ଗକୁ ନେଇ ପାଣିରେ ଫୁଟାନ୍ତୁ। ପରେ ଏହି ପାଣିକୁ ଥଣ୍ଡା କରି କୁଳି କରନ୍ତୁ। ନିୟମିତ ଏପରି କଲେ ଆପଣଙ୍କ ଜିଭରେ ପଡିଥିବା ଦାଗ ଧୀରେ ଧୀରେ ଦୂର ହୋଇଯିବ।



# ଫ୍ୟାଶନରେ ପିଙ୍କ୍ ଆଇ ଲାଇନର୍



କୁହାଯାଏ ହୃଦୟକୁ ପହଞ୍ଚିବାର ମାଧ୍ୟମ ହେଉଛି ଆଖି। ଏଣୁ ମେକ୍ଅପ ଦୁନିଆରେ ଆଖିକୁ ବା ଆଇ ମେକ୍ଅପକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଠିକ୍ ଭାବେ କରାଯାଇଥିବା ଆଇ ମେକ୍ଅପ୍ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ବଦଳାଇଦେଇ ପାରେ। ଯଦି ଆପଣ ମଧ୍ୟ ଆଖିକୁ ସଜେଇବାକୁ ଭଲ ପାଆନ୍ତି ଆଉ ନିଜ ମେକ୍ଅପରେ କିଛି ଡ୍ରାମା ଭରିଦେବାକୁ ଚାହାନ୍ତି ସେଥିପାଇଁ ମେକ୍ଅପ ପ୍ରେମୀମାନେ ଜାଣନ୍ତି ଯେ, ଠିକ୍ ଆଇ ମେକ୍ଅପ୍ ଆପଣଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ। କିନ୍ତୁ ଯେତେବେଳ ଡେଲି ମେକ୍ଅପ କଥା ଆସେ, ଆମେ ସେହି ରେଡ୍ ସେଡ୍ ଲିପଷ୍ଟିକ୍, ବ୍ଲାକ୍ ଲାଇନର୍, କାଜଲ୍, ଓ ମସ୍କାରା ଲଗାଇ ନିଅନ୍ତି। ଯଦି ଆପଣ ବି ଏଭଳି ନିତି ଦିନିଆ ମେକ୍ଅପରେ ବୋର୍ ହୋଇଗଲେଣି ତେବେ ଆଜି ପ୍ରସ୍ତୁତ ହୋଇଯାନ୍ତୁ ନିଜ ଆଖିରେ କିଛି ରଙ୍ଗ ମିଶାଇବାକୁ। ଲାଇଟ୍ ପିଙ୍କ୍ ବା ଡାର୍କ ପିଙ୍କ୍ ଆଇଲାଇନର୍ ସହ ନିଜ ମେକ୍ଅପ ଏକ୍ସପେରିମେଟ କରନ୍ତୁ। କେବଳ ବ୍ଲାକ୍ କାହିଁକି ବିଭିନ୍ନ କଲର୍ ସହ ଆପଣ ନିଜର ଆଇ ମେକ୍ଅପ୍ ଏକ୍ସପେରିମେଟ କରିପାରିବେ। ହେଲେ ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ଚାଲିଛି ପିଙ୍କ୍ ସେଡ୍। ବ୍ଲାକ୍ ଡ୍ରାମା ଆଇ ଲାଇନର ସହ ପିଙ୍କ୍ ଲାଇନର୍ ମିଶାଇ ନିଜ ଆଇ ମେକ୍ଅପରେ ଟିକେ ଅଧିକା ଡ୍ରାମା ଭରିଦେଇପାରିବେ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଏଭଳି ଆଇ ମେକ୍ଅପ ଆପଣ ଏକ ଗ୍ଲାମର୍ସ ଲୁକ୍ ଦେଇପାରିବ। ଚଳିତବର୍ଷ ପିଙ୍କ ସେଡ୍ ଆଏଲାଇନର୍ ଫ୍ୟାଶନରେ ଟ୍ରେଣ୍ଡ ହେଉଛି। ଆପଣ ନିଜ ତ୍ୱଚାର ସେଡ୍ ଅନୁସାରେ ପିଙ୍କ୍ ଆଇ ଲାଇନର୍ ସେଡ୍ ଚୟନ କରିପାରିବେ। ତେବେ ଫ୍ୟାଶନ୍ ଟ୍ରେଣ୍ଡରେ ଚାଲିଥିବାରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ପିଙ୍କ୍ ଆଇ ଲାଇନର୍ ଅନଲାଇନ୍ ଓ ଅଫଲାଇନ୍ ମାର୍କେଟରେ ଆପଣ ପାଇପାରିବେ। ଯଦି ଆପଣଙ୍କୁ ଡାର୍କ ପିଙ୍କ୍ ସେଡ୍ ପସନ୍ଦ କିନ୍ତୁ ଆପଣ ଡବଲ କୋଟ୍ କରିବାକୁ ଚାହାନ୍ତି ନାହିଁ। ତା'ହେଲେ ସିଙ୍ଗଲ୍ କୋଟ୍ କରି ବ୍ଲୁ ସେଡ୍ କିମ୍ବା ବ୍ଲାକ୍ ସେଡ୍ ଜେଲ୍ ଆଇ ଲାଇନର୍ ସହ ମିଶାଇ ଆପଣ ନିଜ ଆଖିକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ। ପିଙ୍କ୍ ଏକ ସଫ୍ଟ କଲର୍ ହୋଇଥିବାରୁ ସମସ୍ତଙ୍କୁ ଭଲ ଲାଗିଥାଏ।

# କେଶ ପାଇଁ ଖରାଦିନିଆ ଟିପ୍ସ

**ଖରା ଦିନରେ ତ୍ୱଚା ସହ ଆମ କେଶର ମଧ୍ୟ ସଠିକ ଭାବେ ଯତ୍ନ ନେବା ନିତ୍ୟାନ୍ତ ଆବଶ୍ୟକ। କାରଣ ଏହି ଦିନରେ ପ୍ରଦୂଷଣ, ସୂର୍ଯ୍ୟକିରଣ ଆଦି କାରଣରୁ କେଶ ଉପରେ ବହୁ କୁପ୍ରଭାବ ପଡ଼ିଥାଏ ଓ କେଶ ଶୁଷ୍କ ଓ ରୁଗଣ ଭଳି ଦେଖାଯାଏ। ଏପରି କ୍ଷେତ୍ରରେ ଆପଣଙ୍କୁ ନିଜ କେଶ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଖରାଦିନରେ ଝାଳ କାରଣରୁ ମଧ୍ୟ କେଶ ଅଠା ଭଳି ଲାଗିଥାଏ। କିଛି ସରଳ ଉପାୟରେ କେଶର ଯତ୍ନ ନେଇପାରିବା।**



**କେଉଁ ଖାଦ୍ୟ ପ୍ରତି ଦେବେ ଧ୍ୟାନ:** ଏହି ଦିନରେ ଫଳ ଓ ପନିପରିବା ପ୍ରଚୁର ପରିମାଣରେ ଖାଆନ୍ତୁ। ଏହା ଶରୀର ସହ କେଶକୁ ସୁସ୍ଥ ରଖିଥାଏ। କମଳା, ଅମୃତଭଣ୍ଡା, ଜାମୁକୋଳି ଆଦିରେ ଭିଟାମିନ ସି ଅଧିକ ପରିମାଣରେ ରହିଛି। ଯାହା କେଶକୁ ଉପଯୁକ୍ତ ପରିମାଣରେ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। କେଶକୁ ଶୁଷ୍କ ହେବାକୁ ଦେଇନଥାଏ।

**ଭଲ ଭାବେ କେଶକୁ ସଫା କରନ୍ତୁ:** କେଶକୁ ସୁସ୍ଥ ରଖିବାକୁ ହେଲେ ଆପଣ ସପ୍ତାହକୁ ୨ଥର କେଶକୁ ସଫା କରନ୍ତୁ। କେଶ ସଫା କରିବା ପରେ ସେଓର ରସରେ ଅଳ୍ପ ଥଣ୍ଡା ପାଣି ମିଶାନ୍ତୁ। ଏହାପରେ ଏହାକୁ କେଶରେ ଲଗାନ୍ତୁ। କେଶରେ ଲଗାଇ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ। ଏହା କେଶ ପାଇଁ ଖୁବ ଉପକାରୀ। ଖରାର ପ୍ରଭାବରୁ କେଶକୁ ରକ୍ଷା ମଧ୍ୟ କରିଥାଏ।

**କେଶ ମୂଳରେ ସ୍କ୍ରବ କରନ୍ତୁ:** ସପ୍ତାହକୁ ୩ ରୁ ୪ଥର କେଶ ମୂଳରେ ସ୍କ୍ରବ କରନ୍ତୁ। ବଜାରରେ ମିଳୁଥିବା ହରବଲ ସ୍କବ ବ୍ୟବହାର କରନ୍ତୁ। ଏହାଦ୍ୱାରା କେଶ ମୂଳ ପରିଷ୍କାର ରହିଥାଏ। କେଶ ଝଡ଼ିବା ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ।

**କେଶ ପାଇଁ ମାସ୍କ:** କେଶ ପାଇଁ ମାସ୍କର ନିଶ୍ଚୟ ବ୍ୟବହାର କରନ୍ତୁ। ଏହା କେଶକୁ ପୋଷଣ ପ୍ରଦାନ କରିବା ସହ କେଶର ଚମକ ବୃଦ୍ଧି କରିଥାଏ।

# ଅଧିକ ଫେସିଆଲ୍ ତ୍ୱଚା ପାଇଁ କ୍ଷତିକାରକ

ମୁହଁକୁ ସୁନ୍ଦର ଓ ଉଜ୍ଜ୍ୱଳ କରିବା ପାଇଁ ମହିଳାମାନେ ପାର୍ଲରରେ ଫେସିଆଲ୍ କରିଥା'ନ୍ତି। ଫେସିଆଲ୍ କଲେ ମୁହଁର ଗ୍ଲୋ ବିଥାଏ। କିନ୍ତୁ କ'ଣ ଆପଣ ଜାଣିଛନ୍ତି କି, ଅଧିକ ଫେସିଆଲ୍ କଲେ ଆପଣଙ୍କ ତ୍ୱଚା ଖରାପ ହୋଇପାରେ। ତା'ହେଲେ ଆସନ୍ତୁ ଜାଣିବା ଆବଶ୍ୟକତାଠାରୁ ଅଧିକ ଫେସିଆଲ୍ କଲେ ତ୍ୱଚାକୁ କେଉଁସବୁ କ୍ଷତି ପହଞ୍ଚିଥାଏ। ଫେସିଆଲ୍ ସମୟରେ ଅନେକ ପ୍ରକାରର କେମିକାଲ୍ ଥିବା କ୍ରୀମ୍ ବ୍ୟବହାର କରାଯାଇଥାଏଯ ଏହି କ୍ରୀମ୍ ସମସ୍ତଙ୍କ ମୁହଁକୁ ସୁଟ୍ କରି ନଥାଏ। ଏଥିପାଇଁ ମୁହଁ କୁଣ୍ଡାଇ ହେବା ପରି ସମସ୍ୟା ସୃଷ୍ଟି ହୋଇଥାଏ। ଫେସିଆଲ୍ ସମୟରେ ମୁହଁକୁ ସ୍କ୍ରବ୍ ଦ୍ୱାରା ମସାଜ୍ କରାଯାଇଥାଏଯ ଭୁଲ୍ ମସାଜ୍ ଯୋଗୁଁ ମୁହଁ ଲାଲ୍ ମଧ୍ୟ ପଡ଼ିଥାଏ। ଏଥିରୁ ସ୍କିନ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଫେସିଆଲ୍ ପରେ ମୁହଁରେ ଥିବା ରୋମ ଛିଦ୍ର ଖୋଲି ଯାଇଥାଏ। ଏପରିକି ତେଲିଆ ତ୍ୱଚା ଥିବା ମହିଳାଙ୍କର ଫେସିଆଲ୍ ପରେ ବ୍ରଣ ହେବା ଏକ ସାଧାରଣ କଥା। ତେଣୁ ତେଲିଆ ତ୍ୱଚା ଥିବା ମହିଳା ଫେସିଆଲ୍ କମ୍ କରନ୍ତୁ। ଯଦି ପାରୁଛନ୍ତି ଘରୋଇ ଉପଚାର ମାଧ୍ୟମରେ ତ୍ୱଚାର ଯତ୍ନ ନିଅନ୍ତୁ। ସେହିପରି ଫେସିଆଲ୍ ସମୟରେ ମୁହଁରେ ବ୍ୟବହୃତ ହେଉଥିବା ପ୍ରଡକ୍ଟ ଯୋଗୁଁ ଆଲର୍ଜିର ଆଶଙ୍କା ମଧ୍ୟ ବିଥାଏ। ଅଧିକ ଫେସିଆଲ୍, କଲେ ଆପଣଙ୍କ ତ୍ୱଚା ଶୁଷ୍କ ହୋଇଥାଏ। ସେଥିପାଇଁ ଫେସିଆଲ୍ କରିବା ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିୟମିତ ବ୍ୟବଧାନରେ ଫେସିଆଲ୍ କରନ୍ତୁ।



# ପୁଷ୍ପାଞ୍ଜଳିଙ୍କ ପାଇଁ ତତ୍ପର ହେଲା ପ୍ରଶାସନ



**ବାଲିଆପାଳ,୧୭।୧୦(ସଂଚାର ବ୍ୟୁରୋ):** ବିଭିନ୍ନ ଗଣମାଧ୍ୟମ ଜରିଆରେ ଉପସ୍ଥାପିତ ହୋଇଥିବା "ଅସହାୟ ପୁଷ୍ପାଞ୍ଜଳି" ବିଷୟରେ ଖବର ପ୍ରସାରଣ ପରେ ପ୍ରଶାସନ ତତ୍ପର ହୋଇଛି। ଖବର ପ୍ରଚାର ପରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ଏକ୍ସ ଜରିଆରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଅସହାୟ ପୁଷ୍ପାଞ୍ଜଳି ଏବଂ ତାର ଦୁଇ ଶିଶୁକୁ ଥଇଥାନ ପାଇଁ ଅନୁରୋଧ କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବାଲିଆପାଳ ବ୍ଲକ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହି ଅଭିଯୋଗ ଓ ଖବର ଆଧାରରେ ବାଲିଆପାଳ ବିଡ଼ିଓ ଶ୍ରୀ ରାଧାରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଦଳ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ଭାରପ୍ରାପ୍ତ ସିଡିପିଓ ଅରଶ୍ମିତା ଜେନା ଓ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ବୋଲଂ ପଞ୍ଚାୟତର ନଇଆଡ଼ି ବନ୍ଧ ପାଖରେ ରହୁଥିବା ପୁଷ୍ପାଞ୍ଜଳି ମଲ୍ଲିକଙ୍କୁ ସକ୍ଷାତ କରି ତାଙ୍କ ଅସହାୟତା ବିଷୟରେ ତଦନ୍ତ କରିଛନ୍ତି। ସ୍ଥଳ ପରିଦର୍ଶନ ସମୟରେ ବିଡ଼ିଓ ଶ୍ରୀ ଦାସ ପୁଷ୍ପାଞ୍ଜଳୀଙ୍କ ଅବସ୍ଥା ଦେଖି ତୁରନ୍ତ ତାଙ୍କୁ ଏକ ଜରିପାଲ ସହାୟତା ଦେଇଥିଲେ। ଏହା ସହିତ ତାଙ୍କୁ ଆଗାମୀ ଦିନରେ ବିଭିନ୍ନ ସରକାରୀ ସୁବିଧା ଯଥା ଆବାସ ଯୋଜନାରେ ଘର, ଜନ୍ମ ଓ ଆଧାର ପଞ୍ଜିକରଣ ସହାୟତା ଓ ଶିଶୁ ସୁରକ୍ଷା ଯୋଜନା ପର୍ଯ୍ୟାୟକ୍ରମେ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ମଧ୍ୟ ନିଶ୍ଚିତ କରିଛନ୍ତି ଯେ, ଶିଶୁମାନଙ୍କ ଡକ୍ୟୁମେଣ୍ଟ ସମସ୍ୟା ସମାଧାନ ହେବା ପରେ ତାଙ୍କୁ ରାସନ ସୁବିଧା ମିଳିବ। ଭାରପ୍ରାପ୍ତ ସିଡିପିଓ ଅରଶ୍ମିତା ଜେନା ମଧ୍ୟ ଶିଶୁମାନଙ୍କ ପାଇଁ ପୌଷ୍ଟିକ ଆହାର ଓ ଅଙ୍ଗନୱାଡି ସେବା ଯୋଗାଇବାକୁ ନିଶ୍ଚିତ କରିଛନ୍ତି। ସାମାଜିକ କର୍ମୀ ରାଜକିଶୋର ପାତ୍ର ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରି ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, "ଏହି ଘଟଣା ଦେଖାଇଦେଲା ଯେ ଗଣମାଧ୍ୟମ ଏବଂ ସଚେତନ ସମାଜ ଏକସାଥି ହେଲେ ଅସହାୟ ଲୋକଙ୍କ ଜୀବନରେ ଆଶା ଫୁଟାଇ ପାରନ୍ତି।" ଏହି ପଦକ୍ଷେପ ଦ୍ୱାରା ଦୁଇ ନିଷ୍ପାପ ଶିଶୁ ଓ ତାଙ୍କ ମାତା ପୁଷ୍ପାଞ୍ଜଳୀଙ୍କ ଜୀବନରେ ନୂଆ ଆଶା ଜାଗି ଉଠିଛି।।

### ପୂର୍ତ୍ତ ବିଭାଗର ଠିକାଦାର ପୋଷଣ ନୀତି

# ଅଧାପନ୍ତରିଆ କାମ କରି ଠିକାଦାର ଛୁ'

**ବିଞ୍ଝାରପୁର,୧୭।୧୦(ସଂଚାର ବ୍ୟୁରୋ):** ଅବଧି ସରିଲା ପରେ ବି ସରିଲା ନାହିଁ ପୂର୍ତ୍ତ ବିଭାଗ ରାସ୍ତା କାମ। ଅଧାପନ୍ତରିଆ କାମ କରି ଠିକାଦାର ମାରିଲେ ଛୁ।ରାସ୍ତା ସରୁନି କି ଲୋକଙ୍କ ଦୁର୍ଦ୍ଦଶା ସରୁନି। ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟରେ ବିଭିନ୍ନ ଅନିୟମିତତା ହୋଇଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ସ୍ଥାନୀୟ ବାସିନ୍ଦା। ବିଂଝାରପୁର ପୂର୍ତ୍ତବିଭାଗ ଉପଖଣ୍ଡର ଅଧିନସ୍ଥ ବ୍ଲକ ଛକ ଫତେ ପୁର ଭାୟା ଶିଶିରଣା ରାସ୍ତା ରୁ ଆସିଛି ଅନିୟମିତତାର ଅଭିଯୋଗ। ଅଭିଯୋଗ ଅନୁଯାୟୀ ଅବଧି ସରିଲା ପରେ ବି ରାସ୍ତା କାମ ସରି ନାହିଁ। ନିର୍ମାଣାଧୀନ ରାସ୍ତାକୁ ଅଧାପନ୍ତରିଆ ଭାବେ ଛାଡ଼ି ଦେଇଛନ୍ତି ଠିକାଦାର। ରାସ୍ତାର ନିର୍ମାଣ କାର୍ଯ୍ୟ ୨୦୨୪ ଡିସେମ୍ବର ୪ ତାରିଖରେ ଆରମ୍ଭ ହୋଇ ୨୦୨୫ ଜୁନ ମାସରେ ସରିବା କଥା।କିନ୍ତୁ ଅବଧି ସରିଲା ପରେ ରାସ୍ତା କାର୍ଯ୍ୟ ଅଧାରେ ଅଟକିଛି। ରାସ୍ତାର ନିର୍ମାଣ କାର୍ଯ୍ୟ ପାଇଁ ୪ କୋଟି ୧୫ ଲକ୍ଷ ୬୩ ହଜାର ବ୍ୟୟ ବରାଦ ମଧ୍ୟ ହୋଇଛି। କିନ୍ତୁ ସବୁ ପରେ ବି ଢୋଲ ଭିତରେ



ମୁଷା।ରାଜ୍ୟ ରାଜକୋଷରୁ ବ୍ୟୟ ବରାଦ ହୋଇଥିବା କୋଟି କୋଟି ଟଙ୍କା କାହା ସ୍ୱାର୍ଥରେ ତାକୁ ନେଇ ପ୍ରଶ୍ନ ଉଠିଛି।ଖାଲି ସେତିକି ନୁହଁ ହୋଇଥିବା ଢଳାଇ ରାସ୍ତାର ଓସାର ମଧ୍ୟ ଠିକ ସେ ବୋଉ ନାହିଁ। ନିର୍ଦ୍ଧାରିତ ଓସାର ଠାରୁ କମ ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ନିଜର ମୁନାଫା ଖୋର ନୀତି ମାଇଁ ଠିକାଦାର ନିଜ ସୁବିଧା ଅନୁସାରେ ରାସ୍ତାର ଓସାର ନିର୍ଦ୍ଧାରଣ କରିଥିବା ଅଭିଯୋଗ ହୋଇଛି। ତେବେ ସମ୍ପୃକ୍ତ ଠିକାଦାର ଦିନ ପରିବର୍ତ୍ତେ ରାତିରେ କରୁଥିବା ବେଳେ ବିଭାଗୀୟ ଅଧିକାରୀ କାର୍ଯ୍ୟ କ୍ଷେତ୍ରରେ ଅନୁପସ୍ଥିତ ରହୁଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ରାସ୍ତା କାର୍ଯ୍ୟରେ ବ୍ୟବହୃତ ବାଲି ଗୋଡି ଭାଗ ମାପରେ ତାଳ ମେଳ ରହୁନଥିବା ମଧ୍ୟ ଅଭିଯୋଗ ହୋଇଥିଲା।

# ନର୍ଲାରେ ବ୍ଲକସ୍ତରୀୟ ସୁରଭି



**ନର୍ଲା,୧୭।୧୦(ସଂଚାର ବ୍ୟୁରୋ):** ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନିଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ, ସମ୍ମାନିତ ଅତିଥି ଭାବେ ବିଆରସିସି ଗୋବର୍ଦ୍ଧନ ମାଝୀ, ଏବିଇଓ ସୂର୍ଯ୍ୟଦେବ ବାଗ, ଏବିଇଓ ସୁଡ଼ଳଦେବ ମୁଣ୍ଡ, ଅବସରପ୍ରାପ୍ତ ଏବିଇଓ ଦ୍ରୋଣ ରଣା, ବର୍ଣ୍ଣାଳୀ ଆଞ୍ଚଳିକ ପରିଚାଳକ ସ୍ୱାହା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟରର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ମଞ୍ଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ଅନୀଲ ଚନ୍ଦ୍ର ସାହୁ। ଧନ୍ୟବାଦ ଦେଇଥିଲେ ସିଆରସିସି ନୀଳମଣି ସାହୁ। ଏଥିରେ ସମସ୍ତ ସିଆରସିସି, ବିଇଓ କାର୍ଯ୍ୟାଳୟର କର୍ମକର୍ତ୍ତା ତଥା ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବୈଠକ



**ଭେଡେନ,୧୭।୧୦ (ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ସଂଘର ବ୍ଲକ ସଭାନେତ୍ରୀ ପ୍ରେମଶିଲା ବରିହାଙ୍କ ସଭାପତିତ୍ୱରେ ତାଲମେଣ୍ଡା ଗ୍ରାମ ପଞ୍ଚାୟତ ସହରାଟିକ୍ରା ବଜାର ପ୍ରାଙ୍ଗଣ ଠାରେ ଭେଡେନ ବ୍ଲକ ଆଦିବାସୀ ମହାସଂଘ ର ବୈଠକ ହୋଇଥିଲା, ଭେଡେନ ଥାନାର ସମସ୍ୟା ଓ ବ୍ଲକର ସମସ୍ୟା ଏବଂ ତହସିଲ ସମସ୍ୟାର ସମାଧାନ ପାଇଁ ଆଗାମୀ ଦିନରେ ଭେଡେନ ଥାନା ଘେରାଉ କରିବାକୁ ନିଷ୍ପତ୍ତି ନିଆଗଲା, କିଭଳି ଭାବରେ ତାଲମେଣ୍ଡା ଗ୍ରାମ ପଞ୍ଚାୟତର ବହୁତ ସଂଖ୍ୟାରେ ଆଦିବାସୀ ମହିଳା ଓ ପୁରୁଷ ମାନେ ଯୋଗଦାନ କରିବେ ସେଥିପାଇଁ ଜଣାଇ ଦିଆଗଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲାର ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ ଯୋଗଦାନ କରିଥିଲେ। ଅନ୍ୟତମଅତିଥି ଭାବେ ବରଗଡ଼ ବ୍ଲକ ସମ୍ପାଦକ କର୍ମଦେବ ବେହେରା, ବରପାଲି ବ୍ଲକର ନାରୀନେତ୍ରୀ ଭୂମିସୁତା ବରିହା, ଭେଡେନ ବ୍ଲକ ସଂଘର ବ୍ଲକ ସମ୍ପାଦକ ପ୍ରମୋଦ କୁମାର ବାରିକ, ସହ ସମ୍ପାଦକ ସଦାନନ୍ଦ ବରିହା, ବ୍ଲକ ଉପଦେଷ୍ଟା ପାଣ୍ଡବ ଭୋଇ, ପର୍ଶୁରାମ ବିଶି, ଗୌରାଙ୍ଗ ଭୁଏ, ମାର୍ଗଶିର ଭୁଏ ସହରାଟିକ୍ରା ଗ୍ରାମର ସରସ୍ୱତୀ ଭୁଏ, ରସ ଭୁଏ ଏବଂ ବହୁତ ସଂଖ୍ୟାରେ ମହିଳା ଓ ପୁରୁଷ ମାନେ ଯୋଗଦାନ କରିଥିଲେ ସଭା ଶେଷରେ ସରସ୍ୱତୀ ଭୁଏ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାକୁ ସ୍ୱାଙ୍ଗ କରିଥିଲେ।

# ଜିଲ୍ଲାପାଳଙ୍କ ଅଚାନକ, ପରିଦର୍ଶନ କର୍ମଚାରୀ ମହଲରେ ଛନକା



**ସୁବର୍ଣ୍ଣପୁର,୧୭।୧୦(ସଂଚାର ବ୍ୟୁରୋ):** ୧୧ଟା ବେଳେ ସୁବର୍ଣ୍ଣପୁର ସଦର ତହସିଲ ଅଫିସକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଅଚାନକ ପରିଦର୍ଶନ କରି ତହସିଲଦାରଙ୍କ ଚ୍ୟାମ୍ବର ସହ ବିଭିନ୍ନ ସେକ୍ସନକୁ ଯାଇ ନିଜେ କମ୍ପ୍ୟୁଟର ରେ ବସି ସରକାରୀ କାର୍ଯ୍ୟର ତଦାରଗ କରିଥିଲେ। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଙ୍କ ସହ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟ ଉପଯୋଗ କରି ଉତ୍ତମ ସେବା ପ୍ରଦାନ୍ ସହ ପ୍ରତ୍ୟହ ଅଫିସ କାର୍ଯ୍ୟାଳୟ ଚତୁଃପାର୍ଶ୍ୱକୁ ସ୍ୱଚ୍ଛ ରଖିବାକୁ ପରାମର୍ଶ କରିଥିଲେ। ଓ ଦୀର୍ଘ ୭/୮ ବର୍ଷ ପୂର୍ବରୁ ମନ୍ଥର ଗତିରେ ଆରମ୍ଭ ହୋଇଥିବା ହାଇଟେକ୍ ସର୍ଭେ କାର୍ଯ୍ୟ ଉପରେ ବିରକ୍ତି ପ୍ରକାଶ କରି ଏ କାର୍ଯ୍ୟ କୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଓ ପ୍ରତ୍ୟେକ କାର୍ଯ୍ୟ କୁ ତରାନ୍ୱିତ କରିବାକୁ କହିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ବର୍ଷ ବର୍ଷ ଧରି ତାଲା ପଡ଼ିଥିବା ନବ ନିର୍ମିତ ଶୌଚାଳୟ କୁ ଜିଲ୍ଲାପାଳଙ୍କ ଉପସ୍ଥିତିରେ ତାଲା ଖୋଲାଯାଇଥିଲା। ଏତେ ସଂଖ୍ୟାରେ ମହିଳା କର୍ମଚାରୀ ଅସୁବିଧା ଭୋଗୁଥିବା ସତ୍ତ୍ୱେ କାହିଁକି ଶୌଚାଳୟ କୁ ତାଲା ପକାଯାଇ ବ୍ୟବହାର ହେଉ ନ ଥିଲା ସେଥିପାଇଁ ପୂର୍ତ୍ତ ବିଭାଗ ଇଞ୍ଜିନିୟର ଡେଲକି ଓ ତହସିଲଦାର ଙ୍କୁ ଖୁବ୍ ବିରକ୍ତି ପ୍ରକାଶ ଓ ତାଗିଦ୍ କରିଥିଲେ।

# ଆରମ୍ଭ ହେଲା ଦୁଆରେ ପ୍ରଶାସନ କାର୍ଯ୍ୟକ୍ରମ

## ରାୟଗଡା ଜିଲ୍ଲାପାଳଙ୍କ ଅନନ୍ୟ ପ୍ରୟାସ



**ରାୟଗଡା,୧୭।୧୦ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକମୁଖୀ ଯୋଜନା 'ପିଏମ ଜନମନ'ର ଲକ୍ଷ୍ୟକୁ ସାର୍ଥକ କରିବା ଲକ୍ଷ୍ୟରେ ରାୟଗଡା ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ନେତୃତ୍ୱରେ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ ଖେମୁଣ୍ଡୁଙ୍କ ତତ୍ତ୍ୱାବଧାନରେ ଏକ ଅନନ୍ୟ ପ୍ରୟାସ ଆଜି ନିୟମଗିରି ପର୍ବତ ଅଞ୍ଚଳରୁ ଆରମ୍ଭ ହୋଇଛି। ବିଷମକଟକ ବ୍ଲକର କୁର୍ଲି ପଞ୍ଚାୟତ ଠାରେ ଆୟୋଜିତ ଏହି ଉଦଘାଟନୀ କାର୍ଯ୍ୟକ୍ରମ ମାଧ୍ୟମରେ 'ଦୁଆରେ ପ୍ରଶାସନ' ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଅଭିନବ ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ପିଭିଟିଜି ଅଞ୍ଚଳରେ ବସୁଥିବା ଦୁର୍ଗମ ଜନଜାତି ହିତାଧିକାରୀଙ୍କୁ ଘରେ ଘରେ ସରକାରୀ ସେବା ଓ ସହାୟତା ପହଞ୍ଚାଇବା। ବିଷମକଟକ ବିଡିଓ ଶିବ ପଟନାୟକ ଓ ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀଙ୍କ ପରିକଳ୍ପନା ଓ ନେତୃତ୍ୱରେ ଏହି ଯୋଜନାର ପ୍ରଥମ ପର୍ଯ୍ୟାୟ ନିୟମଗିରି ର ଖମ୍ବେସୀ ଗ୍ରାମରୁ ଆରମ୍ଭ କରାଯାଇଛି। ଏହି ପ୍ରୟାସ ଅଧୀନରେ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅଧୀନରେ ଥିବା ପିଭିଟିଜି ପଞ୍ଚାୟତଗୁଡିକର ହିତାଧିକାରୀଙ୍କୁ ଘରେ ଘରେ ପେନ୍ସନ ପହଞ୍ଚାଇବାର ବ୍ୟବସ୍ଥା ହୋଇଛି।

# ଦେବଗିରି ଅନୁଷ୍ଠାନର କର୍ମକର୍ତ୍ତା ଚୟନ

**ନର୍ଲା,୧୭।୧୦(ସଂଚାର ବ୍ୟୁରୋ):** ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ବୁଢ଼ୀପଦର ସ୍ଥିତ ଅନୁଷ୍ଠାନର ସଭାଗୃହରେ ଏନେଇ ଆୟୋଜିତ ବୈଠକର ସଭାପତିତ୍ୱ କରିଥିଲେ ପୂର୍ବତନ ସଭାପତି ପ୍ରଦୀପ କୁମାର ଧଙ୍ଗଡ଼ାମାଝୀ। ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଭାବେ ପୁନର୍ବାର ବିଜୟ କୁମାର ଧଙ୍ଗଡ଼ାମାଝୀଙ୍କୁ ଦାଇତ୍ୱ ଅର୍ପଣ କରାଯାଇଛି। ସେହିପରି ଭାବେ ସର୍ବସମ୍ମତିକ୍ରମେ ସଭାପତି ଭାବେରେ ସଞ୍ଜୟ କୁମାର ଧଙ୍ଗଡ଼ାମାଝୀ, ଉପସଭାପତି ଭାବେ ଜୟଦ୍ରଥ ଜାଲ, ସାଧାରଣ ସମ୍ପାଦକ ଭାବେ ସୁନୀଲ କୁମାର ଧଙ୍ଗଡ଼ାମାଝୀ, ଯୁଗ୍ମ ସମ୍ପାଦକ ଭାବରେ ସୁଧୀର କୁମାର ଧଙ୍ଗଡ଼ାମାଝୀ, କ୍ରୀଡ଼ା ସମ୍ପାଦକ ଅନିଲ କୁମାର ଧଙ୍ଗଡ଼ାମାଝୀ ଓ ସଂଗଠନ ସମ୍ପାଦକ ଭାବେ ପ୍ରକାଶ ଧଙ୍ଗଡ଼ାମାଝୀ ମନୋନୀତ ହୋଇଛନ୍ତି। ଆଗକୁ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ-୨୦୨୫ ଓ ବାର୍ଷିକ ଉତ୍ସବ ପାଳନ ନେଇ ତାରିଖ ଘୋଷଣା ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି।

# ବ୍ଲକ କଲୋନୀ କ୍ଲଷ୍ଟରର 'ସୁରଭି' ମହୋତ୍ସବ



**କନ୍ଧମାଳ,୧୭।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ସଦର ମହକୁମା ବ୍ଲକ କଲୋନୀ କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଜୁରୀପଡ଼ା ଠାରେ ମଙ୍ଗଳବାରଦିନ ସୁଭରି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ଆଞ୍ଚଳିକ ସାଧନା ସଂଯୋଜକ ଅଜିତ ପ୍ରଧାନଙ୍କ ତତ୍ତ୍ୱା ବଧାନରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନୀ ଯାନୀ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ମଲିକ ଯୋଗ ଦେଇଥିଲେ। କ୍ଲଷ୍ଟରର ୧୦ ଗୋଟି ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ସମୁଦାୟ ୧୨ ଟି ବିଦ୍ୟାଳୟର ୧୧୦ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇ ଥିଲେ। କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ନୃତ୍ୟ, ସଙ୍ଗୀତ ପରି ପ୍ରତିଯୋଗିତା କରାଯାଇଥିଲା। ଶେଷରେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଗଲା।

### ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ଅନିୟମିତା

# ନିର୍ମାଣ କାର୍ଯ୍ୟଦେଖି ଅସନ୍ତୁଷ୍ଟ ଜିଲ୍ଲାପାଳ



**ନୟାଗଡ଼,୧୭।୧୦(ସଂଚାର ବ୍ୟୁରୋ):** ଦିଅଁ ଖାଇ ଖଟୁଲି ଖାଇବାକୁ ବସିଛି ଠିକାଦାର। କାହାରି କଥାକୁ ଖାତିର ନକରି ଚଳେଇଛି ନିମ୍ନମାନର କାର୍ଯ୍ୟ। ହଠାତ୍ ପହଞ୍ଚିଲେ ଜିଲ୍ଲାପାଳ। ନିର୍ମାଣଧିନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନିମ୍ନମାନର କାର୍ଯ୍ୟ ହେଉଥିବା ଦେଖି ବିଗିଡି ଗଲେ ଜିଲ୍ଲାପାଳ। ଏଭଳି ଅବସ୍ଥା ଦେଖି ସ୍ୱତନ୍ତ୍ର ଟିମ ମାଧ୍ୟମରେ ତଦନ୍ତ ହେବ ବୋଲି ଅନୁମାନ କରାଯାଉଛି। ସୂଚନାନୁସାରେ, ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସରକାରୀ କାର୍ଯ୍ୟକ୍ରମରେ ବନମାଳିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତେବେ କାର୍ଯ୍ୟକ୍ରମ ସାରି ଫେରୁଥିବା ସମୟରେ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଗତ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଏହି କାମକୁ ଟେଣ୍ଡର ଜରିଆରେ ଜନୈକ ଠିକାଦାର ହାତେଇଥିବା ବେଳେ ନିମ୍ନମାନର ଯୋଗୁଁ ବାରମ୍ବାର ଅଭିଯୋଗ ହୋଇଆସୁଛି। ତେବେ ସ୍ଥିତି ବାବଦରେ ଜାଣିବା ପରେ ମଧ୍ୟ ଆଖି ବୁଜିଦେଇଥିଲେ ଉଚ୍ଚ କର୍ତ୍ତୃପକ୍ଷ। କେତେବେଳେ ଫାଉଣ୍ଡେସନ ଢଳେଇରେ ନିମ୍ନମାନର ତ ପୁଣି କେବେ ଏଷ୍ଟିମେଟ ବାହାରେ କାମ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ ଆଣିଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦିନେହେଲେ ତଦନ୍ତ କରାଯାଇନାହିଁ। ଏପରିକି ପୂର୍ବରୁ କନିଷ୍ଠ ଯନ୍ତ୍ରୀ ନିମ୍ନମାନର କାମ ବାବଦରେ ପ୍ରତିବାଦ କରିଥିଲେ ମଧ୍ୟ ଠିକାଦାର ଏହାକୁ କର୍ଣ୍ଣପାତ ମଧ୍ୟ କରୁନଥିବା ଅଭିଯୋଗ କରିଥିଲେ। ଜିଲ୍ଲାପାଳ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ସଙ୍ଗେ ସଙ୍ଗେ ଜିଲ୍ଲାପାଳ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଧୂମ୍‌ଧାମରେ ପାଳନ ହେବ ବଲାଙ୍ଗୀର ଦିନ

**ବଲାଙ୍ଗୀର,୧୭।୧୦(ସଂଚାର ବ୍ୟୁରୋ):** ଗୁରୁବାର ସନ୍ଧ୍ୟା ୭ଟା ସମୟରେ ବଲାଙ୍ଗୀର ପି.ପି. ଏକାଡେମୀ ସ୍କୁଲଠାରେ ବଲାଙ୍ଗୀର ଦିନ ଆୟୋଜନ କମିଟି ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଦିନ ନଭେମ୍ବର ୧ରେ ଧୂମ୍‌ଧାମରେ ପାଳନ ଓ ସୁପରିଚାଳନା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଉଅଛି। ସେଥିପାଇଁ ଅର୍ଥ କମିଟି, ଷ୍ଟେଜ କମିଟି, ସାଂସ୍କୃତିକ କମିଟି, ଗ୍ରାଉଣ୍ଡ କମିଟି, ସୋଭିନିଅର କମିଟି, ମିଡ଼ିଆ ଓ ପ୍ରଚାର ପ୍ରସାର କମିଟି, ଅଭ୍ୟର୍ଥନା କମିଟି, ଖାଦ୍ୟ ଓ ବ୍ୟବସ୍ଥାପକ କମିଟି, ଶାନ୍ତି ଶୃଙ୍ଖଳା କମିଟି ଗଠନ କରାଯାଇଛି।

# ନୂଆଗାଁ କ୍ଲଷ୍ଟରସ୍ତରୀୟ 'ଶିଶୁ ମହୋତ୍ସବ ସୁରଭି' କାର୍ଯ୍ୟକ୍ରମ



**ବୋରିଗୁମ୍ମା,୧୭।୧୦(ସଂଚାର ବ୍ୟୁରୋ):** ବୋରିଗୁମ୍ମା ନୂଆଗାଁ କ୍ଲଷ୍ଟର ସ୍ତରୀୟ' ଶିଶୁ ମହୋତ୍ସବ ସୁରଭି' କଷାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର, ଛାତ୍ରୀ ଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସଂଗୀତ, ଓଡିଆ ହସ୍ତାକ୍ଷର, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗ ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆଗାଁ କ୍ଲଷ୍ଟର ର ୧୫ ଟି ବିଦ୍ୟାଳୟ ର ପ୍ରାୟ ୩୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ତ୍ରିନାଥ ପାଣିଗ୍ରାହୀ, ରଞ୍ଜନ କୁମାର ଦାସ ଓ ଏନ୍.କାମେଶ୍ୱର ରାଓ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଦେବେନ୍ଦ୍ର କୁମାର ବୈଦ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ର ଅଭିଭାବକ, ଅଭିଭାବିକା, ସ୍ଥାନୀୟ ନେତୃବର୍ଗ, ଛାତ୍ର, ଛାତ୍ରୀ ଯୋଗଦାନ କରିଥିଲେ।

# ଫିଲ୍ମ ଷ୍ଟାଇଲରେ ଗଞ୍ଜେଇ ଗାଡ଼ିକୁ ଧରିଲା ପୁଲିସ

**ଅମରପାଲି,୧୭।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଖଣ୍ଡହତା ନିକଟରୁ ଗୋଟିଏ ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ପୋଲିସ ଧରିଛି। ଫ୍ଲିମ ଷ୍ଟାଇଲେ ଉକ୍ତ ଗାଡ଼ିକୁ ଗୋଡ଼ାଇ ଗୋଡ଼ାଇ ଧରିବା ସହିତ ଗାଡିରେ ୫ ଜଣ ଯୁବକ ଥିବା ବେଳେ ୪ ଜଣକୁ ପୋଲିସ କାବୁ କରିଥିବା ବେଳେ ଜଣେ ଫେରାର୍ ହୋଇଛି। ସୂଚନା ଅନୁସାରେ, ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟର ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଏକ ପୋଲିସ ଟିମ ଧରି ଓଡି୨୩ଆର୍୬୧୬୫ ନମ୍ବର ବିଶିଷ୍ଟ ସୁଇଫ୍ଟ ଡିଜାୟାର ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ସନ୍ଦେହ କରି ପିଛା କରିଥିଲା। ଗାଡ଼ିଟି ଦ୍ରୁତ ବେଗରେ ଯାଉଥିବା ବେଳେ ସୁବଳୟାରୁ ଖଣ୍ଡହତା ଆଡ଼କୁ ଯାଉଥିଲା।

# ନୂତନ କୋର୍ଟ କୋଠା ଉଦ୍‌ଘାଟିତ

**ବେତନଟୀ,୧୭।୧୦(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀବାସୀଙ୍କ ବହୁ ଅପେକ୍ଷାର ଅନ୍ତ ଘଟିଛି, ୧୨ବର୍ଷ ଧରି ଭଡା ଗୃହ ରେ ଚାଲୁଥିଲା କୋର୍ଟ କାର୍ଯ୍ୟ, ଶୁକ୍ରବାର ବେତନଟୀ ଜେ ଏମ ଏଫ ସି କୋର୍ଟ ନୂତନ ବିଲଡିଂ ଗୃହ ବେତନଟୀ ଜେ ଏମ ଏଫ ସି କୋର୍ଟ ଙ୍କ ଜର୍ଜ ରଶ୍ମୀନାରାୟଣୀ ମିଶ୍ର ଙ୍କ ଅଧ୍ୟକ୍ଷତା ରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଉଦଘାଟିତ ହୋଇଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ପଣ୍ଡୁଗଡ଼ିଆ ଠାରେ ଦେୱାନୀ ଓ ଫୌଜଦାରୀ ଅଦାଲତ ବେତନଟୀର ନୂତନ ବିଲଡିଂ ଗୃହ ଉଦଘାଟନ ସମୟରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାର ପତି ଜଷ୍ଟିସ ହରିସ ଟଣ୍ଡନ, ହାଇକୋର୍ଟ ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକ, ହାଇକୋର୍ଟ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ବିଚାର ପତି ଦେବାଶିଷ ମହାନ୍ତି, ବେତନଟୀ ଓକିଲ ସଂଘ ସଭାପତି ଦେବବ୍ରତ ପରିଡା, ସମ୍ପାଦକ ପ୍ରବୀର କୁମାର ବାରିକ ମଞ୍ଚରେ ଉପସ୍ଥିତ ରହି ନୂତନ କୋର୍ଟ ର ଉଦଘାଟନ ର ଶୁଭବାର୍ତ୍ତା ବେତନଟୀ ବାସୀଙ୍କ ଉଦେଶ୍ୟ ର ପ୍ରଦାନ କରିଥିଲେ। ଏହି କୋର୍ଟ ଗୃହ ଟି ଓଡିଶା ସରକାରଙ୍କ ଗ୍ରାମ୍ୟ ଉନୟନ ବିଭାଗ ର ୯ କୋଟି ୩୪ ଲକ୍ଷ ବ୍ୟୟ ଅଟକଳ ର ନିର୍ମାଣ ହୋଇଥିବା ବେଳେ ବିଚାର ପତିଙ୍କ ବସିବା ପାଇଁ ୪ ଟି ଗୃହ, ପୁରୁଷ ଓ ମହିଳାଙ୍କ ପାଇଁ ୨ ଟି ହାଜତ ଗୃହ ୭ ଟି ଅଫିସ ଗୃହ, ଅସ୍ଥାୟୀ ଭାବେ ବାର ଏସୋସିଏସନ ଗୃହ ନିର୍ମାଣ କରାଯାଇଛି।

# ମନ୍ଦିର କୂଅରୁ ମିଳିଲା ଯୁବକଙ୍କ ମୃତଦେହ

**ସାଲେପୁର,୧୭।୧୦(ସଂଚାର ବ୍ୟୋରୋ):** ସାଲେପୁର ବଜାର ପାଖରେ ଥିବା ମା' ସାହେଶ୍ୱରୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର ପରିସରରେ ଥିବା କୂଅରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବରରୁ ପ୍ରକାଶ ଯେ, ଏହି ଯୁବକ ଜଣଙ୍କ କୂଅରେ ଡାଙ୍କୁଣି ଥିବାବେଳେ କିପରି କୂଅରେ ପଡ଼ି ମୃତ୍ୟୁବରଣ କଲେ ସେନେଇ ସନ୍ଦେହ ସୃଷ୍ଟି କରୁଛି। ଅଗ୍ନିଶମ ବିଭାଗ କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିବାବେଳେ ସାଲେପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ଯୁବକଙ୍କ ଡାହାଣ ହାତରେ ରମେଶ ଲେଖା ହୋଇଥିବା ଜଣାପଡିଛି। ଯୁବକଙ୍କ ପରିଚୟ ମିଳିପାରିନି। ମୃତ୍ୟୁର କାରଣ ଅସ୍ପଷ୍ଟ। ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ଗ୍ରୀନ୍ କଲେଜ ଓଡ଼ିଶା ଓ କୃଷି ଉତ୍ପାଦନ କ୍ଲଷ୍ଟର ସଚେତନତା କାର୍ଯ୍ୟକ୍ରମ



**ଲାଞ୍ଜିଗଡ଼,୧୭।୧୦(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଗ୍ରୀନ କଲେଜ ଓଡିଶା ଭୁବନେଶ୍ୱର ପ୍ରଦାନ ସଂସ୍ଥା ପକ୍ଷରୁ ମହିଳା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନ ସାହାଯ୍ୟ ସମ୍ପାଦିକା ଅନ୍ୱେଶିତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଏଚ୍‌ଓ ଅନନ୍ତ ନାରାୟଣ ପଣ୍ଡା, ବିଏଓ ପ୍ରବିଣ କୁମାର ସାହୁ, ଏପିଓ ସଞ୍ଜିତ କୁମାର ପରିଡା, ଲିଙ୍ଗରାଜ ସାହୁ, ଝାଡ଼ଖଣ୍ଡ ବ୍ୟବସାୟୀ ମନୀଷ କୁମାର ଓ ଆସିଥିବା ବ୍ୟବସାୟୀ ସଂସ୍ଥାର କର୍ମଚାରୀମାନେ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଓ ଉତ୍ପାଦନର ବଜାରୀ କରଣ, ବଡ଼ ବଜାରକୁ ସଂଯୋଗୀକରଣ, ମହିଳା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ଏବଂ ଉତ୍ପାଦିତ ଦ୍ରବ୍ୟକୁ ସଠିକ ବର୍ଗିକରଣ ଭଲ ଭାବରେ ବ୍ୟପକ କରିବା ଉପରେ ଆଲୋଚନା ଓ ସଚେତନତା କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



**ସୁବର୍ଣ୍ଣପୁର,୧୭।୧୦(ସଂଚାର ବ୍ୟୁରୋ):** ସୋନପୁର ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବଲାଡି ଠାରେ ପ୍ରାୟ ୬୫୦ ଛାତ୍ର ଛାତ୍ରୀଙ୍କ ଗହଣ ରେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି ଓ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ରଙ୍କ ସଭାପତିତ୍ୱ ତଥା ସହ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ଚରଣ ଭୋଇ ଏବଂ କୃଷ୍ଣଚନ୍ଦ୍ର ପଣ୍ଡା ଓ ସି ଆର ସି ସି ସମୀର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନ କାଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ବଲାଡି ସରପଞ୍ଚ ରାଜୁ କୁମ୍ଭାର ଯୋଗଦାନ କରିଥିଲେ। ତାଙ୍କ ବକ୍ତବ୍ୟ ରେ ସେ ବଲାଡି ଠାରେ ସୁରଭି ଅନୁଷ୍ଠିତ ହୋଇଥିବାରୁ ବହୁତ୍ ଖୁସି ବ୍ୟକ୍ତ କରିଥିଲେ ଏବଂ ଏହି ଭଳି କାର୍ଯ୍ୟକ୍ରମ ଏହିଭଳି ସବୁଠାରେ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଦସ୍ୟା ଜ୍ୟୋସ୍ନାମୟୀ ଶତପଥୀ ଯୋଗ ଦେଇଥିଲେ। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନାରାୟଣପୁର ସରପଞ୍ଚ ପ୍ରମୋଦ ଧରୁଆ, ସମ୍ମାନିତ ଅତିଥି ଭାବେ ବଲାଡି ସମିତି ସଭ୍ୟା ଶ୍ରୀମତୀ ରଶ୍ମିତା ସେଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ମଧ୍ୟରେ ଦଣ୍ଡ ମହର୍ଷି ତଥା ଦଣ୍ଡ ଅର୍ଜୁନ ଶ୍ରୀଯୁକ୍ତ ବିପିନ ଜାଲ, କୃତି ପାରାୟଣ ଗାୟିକା ଆଶାଜ୍ୟୋତି ପ୍ରଧାନ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ଗୋପବନ୍ଧୁ ଏକାଡେମୀ ପକ୍ଷରୁ ନିମନ୍ତ୍ରଣ

# ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କୁ ପଢ଼ାଇବେ ପାଠ

**ନୟାଗଡ଼,୧୭।୧୦(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଏକାଡେମୀରେ ତାମିଲ ନେଉଥିବା ପ୍ରଶିକ୍ଷାର୍ଥୀଙ୍କୁ ପାଠ ପଢ଼ାଇବା ପାଇଁ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକଙ୍କୁ ଏକାଡେମୀ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଆସନ୍ତା ୨୨ ତାରିଖ ୨୦୨୨ ମସିହା ବ୍ୟାଚ୍ ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କୁ ୨ଟି ପିରିୟଡ଼ ପାଠ ପଢ଼ାଇବା ପାଇଁ ଡେପୁଟି ଡାଇରେକ୍ଟରଙ୍କ ପକ୍ଷରୁ ଚିଠି କରାଯାଇଛି। ପଞ୍ଚାୟତ ରାଜ ବ୍ୟବସ୍ଥାରେ ଉପରେ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଦୀର୍ଘଦିନର ଅଭିଜ୍ଞତା ଓ ଜ୍ଞାନ ରହିଛି। ଏଥିପାଇଁ ତାଙ୍କୁ ଗୋପବନ୍ଧୁ ଏକାଡେମୀ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ପୂର୍ବରୁ ମଧ୍ୟ ସେ ଗୋପବନ୍ଧୁ ଏକାଡେମୀରେ ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କୁ ପାଠ ପଢ଼ାଇଛନ୍ତି। ନୟାଗଡ଼ ଜିଲ୍ଲାର ଜଣେ ବିଚକ୍ଷଣ ରାଜନେତା ଭାବେ ଜଣାଶୁଣା ଶ୍ରୀଯୁକ୍ତ ପଟ୍ଟନାୟକ ଜଣେ ଲୋକପ୍ରିୟ ମଣିଷ ଭାବେ ଜଣାଶୁଣା।